RNI No.ODIODI/2010/33031
୧୭ ବର୍ଷ Volume-17
ISSUE -73 ସଂଖ୍ୟା-୭୩
ଭୁବନେଶ୍ୱର, ଗୁରୁବାର ୨୮ ମଇ ୨୦୨୬
Bhubaneswar, Thursday 28 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପାରାଦୀପରେ ଜେଏସଡବ୍ଲୁ ମେଗା ଷ୍ଟିଲ୍ ପ୍ଲାଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ପାରାଦୀପ, ୨୭।୫(ନି.ପ୍ର.): ପାରାଦୀପର ଏରସମା ଅଞ୍ଚଳରେ ଜେଏସଡବ୍ଲୁ ଷ୍ଟିଲ୍‌ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟର ବ୍ଲାଷ୍ଟଫର୍ନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ପାରାଦୀପର ଢିଙ୍କିଆ ଅ□ଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାର ଦୃଢ଼ ସଂକଳ୍ପ ନେଇଥିବା ପ୍ରକାଶ କରିଛନ୍ତି।

ଏହି ପ୍ରକଳ୍ପରେ ଜେଏସଡବ୍ଲୁ ଷ୍ଟିଲ୍‌ର ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବ। ତା' ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ।

ଜେଏସଡବ୍ଲୁ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଜେଏଫଇ ଷ୍ଟିଲ୍‌ର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି।

ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ତାହା ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଣ୍ଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି।



ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ଜାପାନର ଔରର ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଥିଲେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତ୍ତୋରି' ରାଜ୍ୟ ମଧ୍ୟରେ ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ। ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ। କେବଳ ପାରାଦୀପ କିମ୍ବା ଝାରସୁଗୁଡ଼ା ନୁହେଁ, ବରଂ ଢେଙ୍କାନାଳ ଓ କେନ୍ଦୁଝରରେ ମଧ୍ୟ ଖୁବ୍ ଶୀଘ୍ର ନୂତନ ଷ୍ଟିଲ୍ ପ୍ଲାଣ୍ଟମାନ ଗଢ଼ିଉଠିବ ବୋଲି ଶ୍ରୀ ମାଝୀ ସୂଚନା ଦେଇଥିଲେ।

ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ତାଙ୍କ ସରକାରଙ୍କ ସବୁଠୁ ବଡ଼ ଫୋକସ୍ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ଦୁଇ ବର୍ଷର ସଫଳତା ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ସମୟ ମଧ୍ୟରେ ସରକାର ୪୩୩ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି, ଯାହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି, ଯାହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ସହର ଯଥା ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଏବଂ ତାଙ୍କର 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶା ମୁହାଁ ହେଉଛନ୍ତି ବୋଲି ସେ କହିଥିଲେ।

ପାରାଦୀପର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ଗୁଜରାଟର ମୁନ୍ଦ୍ରା ବନ୍ଦର ଶୈଳୀରେ ଦୁଇ ଉପକୂଳ ବିକାଶ ରଣନୀତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବେ, ଯେଉଁଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ। ପାରାଦୀପରେ ଇଣ୍ଡିଆନ୍ ଅଏଲ୍ ରିଫାଇନାରୀ ଏବଂ ପେଟ୍ରୋ କେମିକାଲ୍ସ କମ୍ପ୍ଲେକ୍ସ ପରେ ଏବେ ଏକ କ୍ରୁଜ୍ ଟର୍ମିନାଲ୍ ଏବଂ ମେଗା ଜାହାଜ ନିର୍ମାଣ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। ଏହା ସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ୫ ହଜାର କୋଟି ଟଙ୍କା ଅନୁଦାନରେ ପାରାଦୀପ-କଟକ-ଭୁବନେଶ୍ୱର-ପୁରୀ ଅର୍ଥନୈତିକ କରିଡର ନିର୍ମାଣ ହେବ, ଯେଉଁଥିରେ ପାରାଦୀପ 'ମୁଖଶାଳା' ସାଜିବ। ଆଗାମୀ କିଛି ବର୍ଷ ମଧ୍ୟରେ କେବଳ ପାରାଦୀପ ଅଞ୍ଚଳରେ ୧ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହେବ। ପରିଶେଷରେ, 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ନୀତିକୁ ଆଧାର କରି ୨୦୩୬ ସୁଦ୍ଧା ଓଡ଼ିଶା ଗଠନର ଶତାବ୍ଦୀ ପୂର୍ତ୍ତି ଅବସରରେ ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ଓ ବିକଶିତ ରାଜ୍ୟ ଭାବେ ଗଢ଼ିତୋଳିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।ଉକ୍ତ କାର୍ଯ୍ୟାରମ୍ଭ ଉତ୍ସବରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏହାକୁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଭିହିତ କରିଛନ୍ତି। ନିଜ ଅଭିଭାଷଣରେ ସେ କହିଛନ୍ତି ଯେ, ସ୍ଥାନୀୟ ଜନସାଧାରଣ ଯେଉଁ ସ୍ୱପ୍ନ ଦୀର୍ଘ ଦୁଇ ଦଶନ୍ଧି ଧରି ଦେଖିଥିଲେ, ତାହା ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦ୍ରୁତ ଏବଂ ସ୍ପଷ୍ଟ ନୀତି ଯୋଗୁଁ ବାସ୍ତବ ରୂପ ନେବାକୁ ଯାଉଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଶେଷ କରି ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଏବଂ କ୍ରାନ୍ତିକାରୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି।ରାଜ୍ୟରେ ଶିଳ୍ପାୟନର ବାତାବରଣକୁ ଅଧିକ ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଏବଂ ସୁରକ୍ଷା ଯୋଗାଇ ଦେବା ପାଇଁ ଶିଳ୍ପ ବିଭାଗ ଦିନରାତି କାର୍ଯ୍ୟ କରୁଛି ବୋଲି ସେ ପ୍ରକାଶ କରିଛନ୍ତି। ଜେଏସଡବ୍ଲୁ ଷ୍ଟିଲ ପକ୍ଷରୁ କରାଯାଉଥିବା ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ଏହି ବିଶାଳ ପୁଞ୍ଜି ନିବେଶ ଓଡ଼ିଶାର ଅର୍ଥନୀତିକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ମନ୍ତ୍ରୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି।ଏହି ସମାରୋହରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ) ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଔଦ୍ଡ ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ଜେଏସଡବ୍ଲୁର ଏଆଇ (ସିଇଓ) ଜୟନ୍ତ ଆଚାର୍ଯ୍ୟ ଏବଂ ଜେଏସଡବ୍ଲୁ ର ସଭାପତି ଅନୀଲ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଳିର ଜବାବ ଗୁଳିରେ ମିଳିବ : ପୋଲିସ କମିଶନର

ଭୁବନେଶ୍ୱର୨୭।୫(ନି.ପ୍ର.): : ରାଜଧାନୀରେ ଅପରାଧୀଙ୍କୁ ଆଉ ନିସ୍ତାର ନାହିଁ । ନିରୀହଙ୍କୁ ଟାର୍ଗେଟ୍ କଲେ ଛଡ଼ାଯିବ ନାହିଁ । ଅପରାଧୀଙ୍କ ଗୁଳିର ଜବାବ ଗୁଳିରେ ଦେବ ପୋଲିସ ।ଆଜି ସାମ୍ବାଦିକ ସମ୍ମିଳନୀରେ ଅପରାଧୀମାନଙ୍କୁ ଏଭଳି ଚେତାବନୀ ଦେଇଛନ୍ତି କଟକ-ଭୁବନେଶ୍ୱର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ । ପୋଲିସ କମିଶନର କହିଛନ୍ତି ଯେ ଯେଉଁ ଅପରାଧୀମାନେ ନିରୀହ ଲୋକଙ୍କୁ କ୍ଷତି ପହଁଚାଇବାକୁ ଚେଷ୍ଟା କରିବେ, କିମ୍ବା ପ୍ରାଣ ଉପରେ ଆଞ୍ଚ ଆସିବ ପୋଲିସ ଉଚିତ ଜବାବ ଦେବ ।କେବଳ ପୋଲିସକୁ ଆଞ୍ଚ ଆସିଲେ ନୁହେଁ ସାଧାରଣ ଲୋକଙ୍କ ଉପରକୁ ଆଞ୍ଚ ଆସିଲେ ମଧ୍ୟ ପୋଲିସ ଗୁଳିରେ ଜବାବ ଦେବ । ସଂଗଠିତ ଅପରାଧ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ଗ୍ରହଣ କରାଯିବ । ସଂଗଠିତ ଅପରାଧ ବିରୁଦ୍ଧରେ ଏକ ଅଭିଯାନଭାବେ କାର୍ଯ୍ୟ କରାଯାଉଛି ।

### ଡାହୁକ



କଳା ଟଙ୍କା ଧଳା ହୋଇ ନ ଫେରିଲା
ବିଦେଶରେ ଅଛି ପଡି
ନ କହିବା ଭଲ ବେକାରୀ ସମସ୍ୟା
ଯେମିତି ଚାଲିଛି ବଢି
କଥାରେ କଥାରେ ଟ୍ରମ୍ପ ଧମକ
ରଖିଛି ଗୁମର ପେଡି
ପେଡି ଖୋଲିଯିବା ଭୟେ ମୂର୍ଖ ରାଜା
ହାମୁଡାଏ ହାତ ଯୋଡି। -ବିଧୁ

## ୪ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ, ୨୭।୫(ନି.ପ୍ର.): ଚଳିତବର୍ଷ ମେ ୨୬ ତାରିଖରେ ମୌସୁମୀ କେରଳରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କରିଥିବା ପୂର୍ବାନୁମାନ ଭୁଲ୍ ପ୍ରମାଣିତ ହୋଇଛି। ପ୍ରତିବର୍ଷ ଜୁନ୍ ୧ ତାରିଖ ପାଖାପାଖି ମେସୁମୀ କେରଳମ୍ ଛୁଇଁଥାଏ। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଥମେ କେରଳମ୍‌କୁ ବର୍ଷା ଆଣିଥାଏ ଏବଂ ତା'ପରେ ଉତ୍ତର ଦିଗକୁ ଓ ଅନ୍ୟ ରାଜ୍ୟ ଆଡକୁ ଯାତ୍ରା ଆରମ୍ଭ କରିଥାଏ। ଯାହା ଭାରତର ବାର୍ଷିକ ବୃଷ୍ଟିପାତର ପ୍ରାୟ ୭୦% ପ୍ରଦାନ କରିଥାଏ। ବର୍ତ୍ତମାନ ପାଣିପାଗ ବିଶ୍ଳେଷଣରୁ ଜଣାପଡିଛି ଯେ ଏଥର ଏହା ଜୁନ୍ ୨-୪ ମଧ୍ୟରେ କେରଳମ୍‌ରେ ପହଞ୍ଚିବ। ଆଇଏମ୍‌ଡି ଆନୁଷ୍ଠାନିକ ଭାବେ ମୌସୁମୀ ପ୍ରବେଶ ବିଷୟରେ ଘୋଷଣା କରିବା ପାଇଁ ସୋମବାର ସୁଦ୍ଧା ଆବଶ୍ୟକ ମାନଦଣ୍ଡ ପୂରଣ ହୋଇ ନଥିବା କହିଛି। ଆସୁଥିବା ମୌସୁମୀର ସଦ୍ୟତମ ବିଶ୍ଳେଷଣରୁ ଏହା ମଧ୍ୟ କୁହାଯାଇଛି ଯେ ମୌସୁମୀ ଆସିଲେ ଏହାର ପ୍ରାରମ୍ଭିକ ତୀବ୍ରତା ଅସ୍ପଷ୍ଟ ହୋଇପାରେ। ତେବେ କେରଳମ୍‌ରେ ପ୍ରାକ୍-ମେସୁମୀ ବର୍ଷା ଆରମ୍ଭ ହୋଇସାରିଛି। ତିରୁଅନନ୍ତପୁରମ୍, କୋଲ୍ଲମ, ଆଲାପୁଝା ଓ ଏର୍ଣ୍ଣାକୁଲମ୍ ସମେତ ଚାରିଟି ଜିଲ୍ଲାରେ ପ୍ରବଳ ବର୍ଷା ଓ ବଜ୍ରପାତ ପାଇଁ ଆଇଏମ୍‌ଡି ୟେଲୋ ଆଲର୍ଟ ଜାରି କରିଛି।

## ୫ ବର୍ଷରେ ସାର୍ଥକ ପିଡିଏସ୍ ପାଇଁ ୨୫,୫୩୦ କୋଟି ଖର୍ଚ୍ଚ ହେବ

ନୂଆଦିଲ୍ଲୀ୨୭।୫(ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) 'ରାସନ ପରିବହନ ଏବଂ ପରିଚାଳନା ପାଇଁ ସହାୟତା-ସାଧାରଣ ବଣ୍ଟନରେ ସ୍ୱୟଂକ୍ରିୟ ଆୟ' (ସାର୍ଥକ-ପିଡିଏସ୍) ଯୋଜନାକୁ ଏକ ବ୍ୟାପକ ଯୋଜନା ଭାବେ ଜାରି ରଖିବା ଲାଗି ମଞ୍ଜୁରି ପ୍ରଦାନ କରିଛନ୍ତି। ଷୋଡଶ ଅର୍ଥ ଆୟୋଗଙ୍କ ଆବଣ୍ଟନ ଅବଧିରେ କେନ୍ଦ୍ର ସରକାରଙ୍କ ତରଫରୁ ୨୫,୫୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଦ୍ୱାରା ଆନ୍ତଃରାଜ୍ୟ ପରିବହନ ଓ ଖାଦ୍ୟ ଶସ୍ୟ ପରିଚାଳନା ଏବଂ ଏଫପିଏସ ଡିଲରମାନଙ୍କ ମାର୍ଜିନ୍ ଉପରେ ହେଉଥିବା ଖର୍ଚ୍ଚକୁ ପୂରଣ କରିବା ତଥା କେନ୍ଦ୍ରୀୟ ସହାୟତାର ବର୍ତ୍ତମାନର ପାଣ୍ଠି ଢାଞ୍ଚାକୁ ଜାରି ରଖିବା ଲାଗି ସିସିଇଏ ମଧ୍ୟ କେନ୍ଦ୍ରୀୟ ସହାୟତାର ମାନଦଣ୍ଡକୁ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛି।

ଏହି ଯୋଜନାର ପରିକଳ୍ପନା ଏକ ବ୍ୟାପକ ଯୋଜନା ରୂପରେ କରାଯାଇଛି ଯାହା ନିମ୍ନ ଲିଖିତ ଦୁଇଟି ବର୍ତ୍ତମାନର ଯୋଜନାକୁ ଏକୀକୃତ କରିଥାଏ। ଏହି ଯୋଜନା ଦୁଇଟି ହେଲା - (୧) ଏନଏଫଏସଏ ଅଧୀନରେ ରାଜ୍ୟ ଏଜେନ୍ସିଗୁଡ଼ିକୁ ଖାଦ୍ୟଶସ୍ୟର ଆନ୍ତଃରାଜ୍ୟ ପରିବହନ ଏବଂ ଏଫପିଏସ ଡିଲରମାନଙ୍କୁ ମାର୍ଜିନ ପାଇଁ ସହାୟତା ଏବଂ (୨) ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଧୁନିକୀକରଣ ଏବଂ ସଂସ୍କାର ପାଇଁ ଯୋଜନା (ସ୍ମାର୍ଟ ପିଡିଏସ)। ଏହାଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ୨୦୧୩ (ଏନଏଫଏସଏ) ର କାର୍ଯ୍ୟକାରିତାକୁ ବ୍ୟାପକ ଭାବରେ ସୁଦୃଢ଼ କରାଯାଇପାରିବ।

ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି (କ) ଆନ୍ତଃରାଜ୍ୟ ଗତିବିଧି, ପରିଚାଳନା ଏବଂ ଏଫପିଏସ୍ ଡିଲର ମାର୍ଜିନ୍ ପାଇଁ ନିଶ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିବା, ଏବଂ (ଖ) ଏକ ସମନ୍ୱିତ, ନାଗରିକ-କୈନ୍ଦ୍ରିକ, ବୁଦ୍ଧିମତ୍ତାପୂର୍ଣ୍ଣ ଏବଂ ଆନ୍ତଃପରିଚାଳିତ ପିଡିଏସ୍ ଢାଞ୍ଚା ପ୍ରଦାନ କରିବା। ଏହା ଶେଷ ମାଇଲ୍ ବିତରଣକୁ ସୁନିଶ୍ଚିତ କରିବ, ବାଟମାରଣା ହ୍ରାସ କରିବ ଏବଂ ଏନଏଫଏସଏ ଅଧୀନରେ ଖାଦ୍ୟ ସୁରକ୍ଷା ପ୍ରତି ଦେଶର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ସମନ୍ୱିତ ଯୋଜନା ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ ଜାରି ରହିବ।

ସାର୍ଥକ-ପିଡିଏସ୍ ଯୋଜନାର ଲକ୍ଷ୍ୟ ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମେସିନ୍ ଲର୍ଣ୍ଣିଂ (ଏମଏଲ), ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ (ଏନଏଲପି), ଏବଂ ବ୍ଲକଚେନ୍ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପିଡିଏସ କାର୍ଯ୍ୟଗୁଡ଼ିକୁ ଆଧୁନିକୀକରଣ, ସମନ୍ୱିତ ଏବଂ ବୁଦ୍ଧିମତ୍ତାପୂର୍ବକ ଅନୁକୂଳ କରିବା। ଏଥିରେ ତତ୍କ୍ଷଣାତ୍ ନିରୀକ୍ଷଣ ପାଇଁ ମାନକୀକୃତ ଢାଞ୍ଚା ଏବଂ ସମନ୍ୱିତ ଡାଟାବେସ୍, ଏକ ଏଆଇ-ଚାଳିତ ଅଭିଯୋଗ ଓ ବିଶ୍ଳେଷଣ ପ୍ରଣାଳୀ, ତଥ୍ୟ-ଚାଳିତ ତଦାରଖ ନିମନ୍ତେ ରାଜ୍ୟ କମାଣ୍ଡ ନିୟନ୍ତ୍ରଣ କେନ୍ଦ୍ର ତଥା ପିଡିଏସ କାର୍ଯ୍ୟରେ ସ୍ୱଚ୍ଛତା, ସୁରକ୍ଷା ଓ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଆଇଏସଓ-ପ୍ରମାଣିତ ପ୍ରକ୍ରିୟାକରଣ ଭିତ୍ତିଭୂମି ଅନ୍ତର୍ଭୁକ୍ତ।

ଭାରତ ସରକାରଙ୍କର ନାଗରିକମାନଙ୍କ ପ୍ରତି ଏକ ସାମାଜିକ ଏବଂ ଆଇନଗତ ପ୍ରତିବଦ୍ଧତା ରହିଛି। ନାଗରିକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଗୁଣାତ୍ମକ ଖାଦ୍ୟଶସ୍ୟ ଉପଲବ୍ଧ କରାଇ ସେମାନଙ୍କୁ ସମ୍ମାନର ସହିତ ଜୀବନଯାପନ ସୁନିଶ୍ଚିତ କରିବା ଲାଗି ସରକାର ନିରନ୍ତର ପଦକ୍ଷେପ ନେଉଛନ୍ତି। ଏହି ଯୋଜନା ଜାତୀୟ ଖାଦ୍ୟ ସୁରକ୍ଷା ସହାୟତା ଅଧୀନରେ ଆସୁଥିବା ୮୧ କୋଟି ୩୫ ଲକ୍ଷ ଲୋକଙ୍କ ପ୍ରତି ଭାରତ ସରକାରଙ୍କ ପ୍ରତିବଦ୍ଧତା ପୂରଣ କରିବା ଦିଗରେ କାର୍ଯ୍ୟ କରିବ। ବୈଧାନିକ ଏବଂ ନୀତିଗତ ଢାଞ୍ଚା ଉପରେ ଆଧାରିତ, ସାର୍ଥକ-ପିଡିଏସ ଯୋଜନା ଆର୍ଥିକ ସହାୟତା ଉପାଦାନକୁ ବଜାୟ ରଖେ, ଏହାକୁ ସୁବ୍ୟବସ୍ଥିତ କରେ ଏବଂ ଏକ ଆଧୁନିକ, ପ୍ରଯୁକ୍ତିବିଦ୍ୟା-ଆଧାରିତ ପିଡିଏସ ବ୍ୟବସ୍ଥା ରୂପେ ଏହାକୁ ସୁନିୟୋଜିତ କରିଥାଏ। ଗତ ଦଶନ୍ଧି ମଧ୍ୟରେ ସରକାର ଅନେକ ଡିଜିଟାଇଜେସନ୍ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି।

ଟିପିଡିଏସର ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ ସହିତ ପିଡିଏସର ସମନ୍ୱିତ ପରିଚାଳନା କରାଯାଉଛି। ଏହାସହିତ ସ୍ମାର୍ଟ ପିଡିଏସ ସହିତ ମେରା ରାସନ, ଅନ୍ନ ମିତ୍ର, ରାଇଟଫୁଲ୍ ଟାର୍ଗେଟିଂ ଡ୍ୟାସବୋର୍ଡ ଏବଂ ଅନ୍ନ ସହାୟତା ଭଳି ନାଗରିକ-କୈନ୍ଦ୍ରିକ ପଦକ୍ଷେପ ନିଆଯାଇଛି।

ସତ୍ୟମେବ ଜୟତେ



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬
ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0046 15001/46/2627



ଇଦ୍-ଉଜ୍-ଜୁହା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



# ସ୍ୱାସ୍ଥ୍ୟ ପାଇଁ ହୀତ ପୋଷକତତ୍ତ୍ୱ ବିଶିଷ୍ଟ ଧାନ

ବଲାଙ୍ଗିର,୨୭।୫:(ମନ୍ଥନ)ପୁଇଁନ୍ତଲା ବ୍ଲକ୍ କଙ୍କରିଆପଦର ଠାରେ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ପକ୍ଷରୁ ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ତରଫରୁ ରବିଋତୁରେ କରାଯାଇଥିବା ପୋଷକତତ୍ତ୍ୱ ଧାନ ଚାଷ କାର୍ଯ୍ୟକ୍ରମର କ୍ଷେତ୍ର ଦିବସ ଅନୁଷ୍ଠିତ ହୋଇଥିଲା । ଏହି ଗ୍ରାମରେ ସ୍ଥାନୀୟ ସହଯୋଗୀ ପୁଇଁନ୍ତଲା କୃଷକ ଉତ୍ପାଦକ କମ୍ପାନୀ ସହାୟତାରେ ଚାଷୀ ବନମାଳୀ ଖମାରିଙ୍କ ଜମିରେ ୨୦ କିସମର ପୋଷକତତ୍ତ୍ୱ, ମରୁଡ଼ି ସହନଶୀଳ ଧାନ ଚାଷ କରାଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ବଡ଼ପଣ୍ଡା ବଡ଼ପଣ୍ଡା, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ ସତ୍ୟମୟ ଶତପଥୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସ୍କିମ ଅଫିସର ଦେବପ୍ରିୟ ପଣ୍ଡା, ଇରି ପରାମର୍ଶ ଦାତା ଚକ୍ରଧର ବଡ଼ପଣ୍ଡା, ସମ୍ପଦ ନାୟକ ତଥା ଏ ଅଞ୍ଚଳର ଚାଷୀମାନେ କ୍ଷେତ୍ର ପରିଦର୍ଶନ କରି ମୂଲ୍ୟାୟନ କରିଥିଲେ। ଏଫପିସିର ମୋତିଲାଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ନାୟକ ଗୁଣବତ୍ତା ସମ୍ପର୍ଣ୍ଣ ଧାନ



ଚାଷ କାର୍ଯ୍ୟରେ ସରକାରଙ୍କ ଆଭିମୁଖ୍ୟ ଓ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥିମାନେ ସମୟ ସହ ପରିବର୍ତ୍ତୀତ କୃଷି ପ୍ରଣାଳୀ ସହ ପୋଷକ ତତ୍ତ୍ୱ ବିଶିଷ୍ଟ, ଜଳବାୟୁ ଅନୁକୂଳ ଓ ରୋଗ ପୋକ ତଥା ମରୁଡ଼ି ସହନଶୀଳ ବିହନ ଏବଂ ବଜାର ଚାହିଦା ଅନୁଯାୟୀ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ । ଆଖିରେ ଦେଖି ଓ ଗୁଣମାନ ଜାଣି ବିହନ ଚୟନ ସୁଯୋଗ ସହ ପ୍ରାକୃତିକ ଉପାୟରେ ପୋଷକ ତତ୍ତ୍ୱ ବିଶିଷ୍ଟ ଖାଦ୍ୟାଭ୍ୟାସ ଉଦେଶ୍ୟ ବୋଲି ମତ ରଖିଥିଲେ । ଚାଷୀମାନେ ନିଜ ନିଜ ମତ ସହ ଏ କିସମ ସମ୍ପର୍କରେ ପଚାରି ବୁଝିଥିଲେ । ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଇରି କର୍ମକର୍ତ୍ତା ମନୀଷ, ପବିତ୍ର, ଗଣେଶ ଓ ଏଫପିସିର ପ୍ରଦୀପ, ପ୍ରହଲ୍ଲାଦ, ବାସୁଦେବ, ଲକ୍ଷଣ, ଯାଜ୍ଞସେନୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ରବି ଧାନ ସଂଗ୍ରହ ମଣ୍ଡି ଆନୁଷ୍ଠାନିକ ଭାବେ ଆରମ୍ଭ

ବଲାଙ୍ଗୀର,୨୭।୫:(ମନ୍ଥନ) ଚାଷୀମାନଙ୍କଠାରୁ ସୁରୁଖୁରୁରେ ରବି ଧାନ ସଂଗ୍ରହ କରିବା ପାଇଁ ଆଜି ଆଗଲପୁର ବ୍ଲକ୍ ଅନ୍ତର୍ଗତ ବୁଦୁଲା ଠାରେ ରବି ଧାନ ସଂଗ୍ରହ ମଣ୍ଡି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଚାଷୀମାନେ ଯେପରି ସେମାନଙ୍କର କଷ୍ଟାର୍ଜିତ ଫସଲର ସଠିକ୍ ମୂଲ୍ୟ ପାଇପାରିବେ ଏବଂ ବିକ୍ରି ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ, ସେଥିପାଇଁ ଏହି ମଣ୍ଡିର ଆୟୋଜନ କରାଯାଇଛି । ଜିଲ୍ଲାପାଳ ଗୌରତ୍ୱ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ମଣ୍ଡିର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ, ଯୋଗାଣ ବିଭାଗର ପ୍ରତିନିଧି, ସମବାୟ ସମିତିର କର୍ମକର୍ତ୍ତା ଏବଂ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ । ବୁଦୁଲା ପ୍ୟାକ୍ସର ସଭାପତି ଚିନ୍ତାମଣି ଭୋଇ ଓ ସେକ୍ରେଟାରୀ ଅଶ୍ୱିନୀ କୁମାର ଗଡତିଆ। କାର୍ଯ୍ୟକ୍ରମ ପରିଚାଳନାରେ



ସହାୟତା କରିଥିଲେ ।ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ଧାନ କିଣାର ସମୟ ନିର୍ଦ୍ଧାରିତ କରାଯାଇଛି ।ସମସ୍ତ ଚାଷୀ ମାନଙ୍କ ଠାରୁ ଧାନ ସକାଳ ୭ ରୁ ୧୧ ଏବଂ ଅପରାହ୍ନ ୩ ରୁ ୬ ଟା ମଧ୍ୟରେ ଧାନ କିଣା ହେବ ଦିନ ୧୧ ଟା ରୁ ୩ ଟା ଯାଏ କୌଣସି ଧାନ କିଣା କିମ୍ବା ଲୋଡ ହେବ ନାହିଁ ଅଦିନିଆ ବର୍ଷା ତଥା ପ୍ରି ମନସୁନ କୁ ଆଖି ଆଗରେ ରଖି ନିୟଂତ୍ରିତ ବଜାର କମିଟି ତରଫରୁ ସମସ୍ତ ମଣ୍ଡି କୁ ପାଲ ତଥା ତର୍ପୋଲିନ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଅଛି ।ସେହିପରି ଧାନ ଓଜନ ଏବଂ ଗୁଣବତ୍ତା ଯାଞ୍ଚ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବା ପାଇଁ ବ୍ୟବସ୍ଥା କରାଯାଇଛିୟ ମଣ୍ଡି ପରିସରରେ ଚାଷୀମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଏବଂ ବିଶ୍ରାମର ସୁବିଧା କରାଯାଇଛି। ଧାନ କିଣାଯିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କ ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଇବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଉଦ୍‌ଘାଟନୀ ଅବସରେ ଅଧିକାରୀମାନେ ଚାଷୀମାନଙ୍କୁ ଦଲାଲମାନଙ୍କଠାରୁ ଦୂରେଇ ରହି ସିଧାସଳଖ ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଅନୁରୋଧ କରିଛନ୍ତି । ଏଥିସହିତ ମଣ୍ଡି ପରିଚାଳନାରେ କୌଣସି ପ୍ରକାର ଅନିୟମିତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ବୁଦୁଲା ଠାରେ ମଣ୍ଡି ଆରମ୍ଭ ହେବା ଫଳରେ ସ୍ଥାନୀୟ ଚାଷୀକୂଳ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ତେବେ ଚଳିତ ବର୍ଷ ଜିଲ୍ଲାରୁ ପ୍ରଥମ ପର୍ଯ୍ୟାୟରେ ୩୩୨୫୫ ମେଟ୍ରିକ୍ ଟନ୍ ର ରବି ଧାନ ସଂଗ୍ରହ କରିବା ଲକ୍ଷ୍ୟ ରଖାଯାଇଥିବାବେଳେ ୧୭,୩୦୪ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଛନ୍ତି । ୧୨୧ ଟି ପ୍ୟାକ୍ସ ଏବଂ ୫୧ ଜଣ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବା ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି ।

# ରାଜ୍ୟ ସରକାରଙ୍କୁ ଅଦାଲତୀ ଝଟକା

## ମାନ୍ୟବର ଉଚ୍ଚ ନ୍ୟାୟାଳୟର ଅନ୍ତରୀଣ ଆଦେଶ

## ପରିପ୍ରେକ୍ଷୀରେ ଜଳେଶ୍ୱର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ

ଜଳେଶ୍ୱର, ୨୭।୫:(ମନ୍ଥନ)ଓଡିଶାର ଡବଲ ଇଂଜିନ ସରକାରଙ୍କୁ ହାଇକୋର୍ଟଙ୍କ ଝଟକା । ପଞ୍ଚାୟତ ସମିତିର କ୍ଷମତାକୁ ସଂକୁଚିତ କରାଯାଉଥିବାରୁ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ଅନ୍ତରୀଣ ଆଦେଶ ପରିପ୍ରେକ୍ଷୀରେ ଜଳେଶ୍ୱର ପଞ୍ଚାୟତ ସମିତିର ଏକ ଜରୁରୀକାଳୀନ ବୈଠକ ୨୬ ତାରିଖ ମଙ୍ଗଳବାର ଅପରାହ୍ନ ୩ଟା ୩୦ମିନିଟ ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଓଡିଶା ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବିଭିନ୍ନ ପ୍ରକଳ୍ପ ଚୟନ ନିମନ୍ତେ ଓଡିଶା ପଞ୍ଚାୟତ ସମିତି ଆଇନ - ୧୯୫୯ ଏବଂ ଏକାଉଣ୍ଟିଙ୍ଗ ପ୍ରସିଡ଼ିଅର ରୁଲ୍ - ୨୦୦୨କୁ ଉଲଂଘନ କରାଯାଉଥିବାରୁ ଏହି ନୂତନ ନିର୍ଦ୍ଦେଶାବଳୀକୁ ଚ୍ୟାଲେଞ୍ଜ କରି ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟ ରେ ଏକ ରିଟ ପିଟିସନ ଡବ୍ଲ୍ୟୁ.ପି.(ସି) ନଂ ୪୩୧୮/୨୦୨୬ ମୂଳେ ଦାଖଲ କରିଥିଲେ । ଉକ୍ତ ନ୍ୟାୟାଳୟ ର ମାନ୍ୟବର ନ୍ୟାୟାଧୀଶ ଭି. ନରସିଂହ ଏହି ରିଟ ପିଟିସନର ଶୁଣାଣୀ କରି ଜଳେଶ୍ୱର ପଞ୍ଚାୟତ ସମିତି ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରକଳ୍ପ ତାଲିକା ଗୁଡିକୁ ଅନୁମୋଦନ କରିବାପାଇଁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ଙ୍କ ନିକଟରେ ଦାଖଲ କରାଯାଇଥିବା ପ୍ରକଳ୍ପ ତାଲିକାକୁ ତୁରନ୍ତ କରିବା ପୂର୍ବରୁ ପଞ୍ଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟକୁ ଦୃଷ୍ଟିରେ ରଖି ପଞ୍ଚାୟତ ସମିତି ଦ୍ୱାରା ଦାଖଲ ହୋଇ ଥିବା ପ୍ରକଳ୍ପ ତାଲିକାକୁ ନେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷ ପଞ୍ଚାୟତ ସମିତି ବୈଠକ ରେ ସୂଚନା ଦେଇଥିଲେ । ଏହି ବୈଠକରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ବ୍ଲକ ଜିଡିପିଓ ସବ୍ୟସାଚୀ ଦାସ, ସି ପି ସୁଜିତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ ।



# ଜିଲ୍ଲା ସ୍ତରୀୟ ଦାୟିତ୍ୱ ନିର୍ବାହ କମିଟି ଡେଙ୍ଗୁ ଓ ରୋଗ ନିୟନ୍ତ୍ରଣ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୨୭।୫:(ମନ୍ଥନ)ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଅମ୍ରିତ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ଓ ମ୍ୟାଲେରିଆ ( ଭି ବି ଡି) ରୋଗ ନିୟନ୍ତ୍ରଣ ଓ ପ୍ରତିକାର ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଯୋଗଦେଇଥିଲେ ।ଏ ବୈଠକରେ ମଶା ବଂଶ ଦମନ, ନାଗରିକମାନଙ୍କ ସଚେତନ, ମଶା ଧୂଆଁ ପ୍ରୟୋଗ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗାଁ କଲ୍ୟାଣ ସମିତି ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା, ସ୍ଥାନୀୟ ଶିଳ୍ପାଞ୍ଚଳ ଗୁଡିକରେ ଜନ ସଚେତନତା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ପ୍ରାକ୍ ମୌସୁମୀ (ଜୁନ୍) ଠାରୁ ପ୍ରତ୍ୟେକ ଶୁକ୍ରବାର (ଡ୍ରାଏ ଡେ) ପାଳନ ନିମନ୍ତେ ପ୍ରତ୍ୟେକ ଅଧିକାରୀ ନିଜନିଜ ଅଧୀନରେ ଥିବା କାର୍ଯ୍ୟାଳୟ ଏବଂ କ୍ଷେତ୍ରରେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତ କରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ, ହାଟ, ମନ୍ଦିର ଆଦି ସ୍ଥାନ ମାନଙ୍କରେ ଗ୍ରାମୀଣ କ୍ଷେତ୍ରରେ ଜିଲ୍ଲା ପରିଷଦ ଏବଂ ସହରାଞ୍ଚଳ କ୍ଷେତ୍ରରେ ( ଯୁ ଡ଼ି) ବିଶେଷ ଯତ୍ନବାନ ହୋଇ ଡେଙ୍ଗୁ ଓ ମ୍ୟାଲେରିଆ। ନିୟନ୍ତ୍ରଣ ଓ ଜିରୋ କାଜୁଆଲ୍ଟୀ (ଶୂନ୍ୟ ମୃତ୍ୟୁ)ପାଇଁ କାର୍ଯ୍ୟ କରିବେ । ଗ୍ରାମୀଣ କ୍ଷେତ୍ରରେ ଆଶା କର୍ମୀ ମାନେ ଜନ୍ ମାସ ଠାରୁ ଘରକୁ ଘର ବୁଲି ସଚେତନତାକୁ ବ୍ୟାପକ କରିବେ ମ୍ୟାଲେରିଆ । ଓ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ବାଡ଼ି ବଗିଚାରେ କେଉଁଠି ହେଲେବି ବର୍ଷା ଜଳ ଜମିବାର ପାତ୍ର ଯେପରି ନ ରୁହେ ସେ ଦିଗରେ ସଚେତନତା ବାର୍ତ୍ତା ପହଂଚେଇବେ । ଏହିକ୍ରମେ ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇ ତତକ୍ଷଣାତ୍ ଚିକିତ୍ସା ନେବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଡେଙ୍ଗୁ ରୋଗ ପରୀକ୍ଷା ପାଇଁ ଜିଲ୍ଲାରେ ୪ଟି ଡେଙ୍ଗୁ ସେଣ୍ଟିନେଲ ପରୀକ୍ଷା ଗାର ରହିଛି ଯେଉଁଠି ସଂପୂର୍ଣ୍ଣ ମାଗଣାରେ ସେବା ଉପଲବ୍ଧ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ,ଭୁବନେଶ୍ୱରରେ ଡେଙ୍ଗୁ ୱାର୍ଡ ର ବ୍ୟବସ୍ଥା କରାଯାଇଛି । ଗତ ୨୫.୦୫.୨୦୨୬ ସୁଦ୍ଧା ୮୨୯୦ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବାବେଳେ ୫ ଡେଙ୍ଗୁ ରୋଗୀ ଅଦ୍ୟାବଧି ଚିହ୍ନଟ ହୋଇଛନ୍ତି । ୨୦୨୪ ବର୍ଷ ତୁଳନା ରେ ଗତ ବର୍ଷ ୨୦୨୫ ରେ ଜିଲ୍ଲା ରେ ୭୦% ଡେଙ୍ଗୁ ରୋଗୀ ସଂଖ୍ୟା ରେ ହ୍ରାସ ହୋଇଥିଲା , ଏହି ସଫଳତା ପାଇଁ ଓଡ଼ିଶା ସରକାର ଙ୍କ ଡେଙ୍ଗୁ ନିୟନ୍ତ୍ରଣ ପାଇଁ (ଏଚ୍ ଓ ପି ସି ଆଇ)୧ ଓ ୨ ମଡେଲ HOPCI ମଡେଲ ବିଶେଷ ଭୂମିକା ଥିଲା ବୋଲି ବୈଠକରୁ ସୂଚନା ମିଳିଛି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ର ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ( ଭି ବି ଡି) ଡାକ୍ତର ଶୁଭାଶିଷ ମହାନ୍ତି , ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭି.ବି. ଡି) ଡାକ୍ତର ଜୀବନ୍ତ କୁମାର ଆଉଜ୍ଜ , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର ,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର ମଙ୍ଗଳ) ଡାକ୍ତର ପ୍ରଦୀପ୍ତ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଲେକ୍ଷକ, ଡି ପି ଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ଖୋର୍ଦ୍ଧା ଶ୍ରୀ ଶ୍ରୀକାନ୍ତ ଗଡ଼ାୟତ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ . ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଶିକ୍ଷା, ପୌର ସଂସ୍ଥା,ମିଶନ ଶକ୍ତି, ବିଜ୍ଞାପିତ ପରିଷଦ, କୃଷି, ମତ୍ସ୍ୟ, ଜଙ୍ଗଲ ଓ ପରିବେଶ, ଶିଳ୍ପ ଆଦି ବିଭାଗର ଅଧିକାରୀ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ବୃନ୍ଦ ଯୋଗ ଦେଇଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଅସ୍ମି କୁମାର ଦାଶ ପାୱାର ପଏଂଟ ପ୍ରଦର୍ଶନରେ ଡେଙ୍ଗୁ ଓ ମ୍ୟାଲେରିଆ। ରୋଗ ଲକ୍ଷଣ ଓ ନିରାକରଣ ଉପରେ ବିସ୍ତୃତ ଉପସ୍ଥାପନ ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

# କୁଚିଣ୍ଡା ପଞ୍ଚାୟତ ସମିତିର ନବମ ବୈଠକ ଅନୁଷ୍ଠିତ

କୁଚିଣ୍ଡା,୨୭।୫:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଉପାଧ୍ୟକ୍ଷା ରଶ୍ମିତା ନାଏକ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଲ କର,ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ,ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ ଦିୟରାଜ କିଷାନଙ୍କ ସମେତ ୧୭ଗୋଟି ପଞ୍ଚାୟତର ସମିତି ମେମ୍ବର ଏବଂ ସରପଞ୍ଚ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଡ଼ିଓ ଜୟନ୍ତ ସାହୁଙ୍କ ସ୍ୱାଗତ ଅଭିଭାଷଣ ପରେ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା । ପାନୀୟଜଳ ଓ ପରିମଳ ବିଭାଗ ଆଲୋଚନା ସମୟରେ ବିଭିନ୍ନ ପଞ୍ଚାୟତର ପାନୀୟଜଳ ସମସ୍ୟାକୁ ନେଇ ଉପସ୍ଥିତ ସମିତି ମେମ୍ବର ଓ ସରପଞ୍ଚ ମାନେ ବିଭାଗୀୟ ଅଧିକାରୀଙ୍କଠାରୁ ଉତ୍ତର ଲୋଡ଼ିଥିଲେ । ସେମାନଙ୍କ କହିବା କଥା କେତେକ ସ୍ଥାନରେ ନଳକୂଅ ଅଚଳ ହୋଇ ପଡିଥିବା ବେଳେ କେତେକ ସ୍ଥାନରେ ପିଇବା ଉପଯୋଗୀ ପାଣି ବାହାରୁ ନାହିଁ । ବାରମ୍ବାର କହିବା ସତ୍ତ୍ୱେ ଅଧିକାରୀ ଏଦିଗରେ ପଦକ୍ଷେପ ନେଉନଥିବା ଅଭିଯୋଗ କରିଥିଲେ । ଏହାକୁ ନେଇ ବୈଠକରେ ସରଗରମ ଆଲୋଚନା ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଚଳ ନଳକୂଅ ଗୁଡିକୁ ତୁରନ୍ତ ମରାମତି କରିବାସହ ପ୍ରସ୍ତାବିତ ନୂତନ ନଳକୂଅ ଖନନ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ କରାଯାଇଥିଲା । ଏଥିସହ ପିଡିପି,କୃଷି, ସମବାୟ ଓ ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ସାଧାରଣ ଣ୍ଟନ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପଶୁପାଳନ, କ୍ଷୁଦ୍ର ଜଳସେଚନ ଓ ଉଠାଜଳସେଚନ, ଅନୁସୂଚୀତ ଜାତି ଓ ଜନଜାତି, ଜଙ୍ଗଲ, ଓଡ଼ିଶା ଜୀବିକା ମିଶନ, ମୃତ୍ତିକା ସଂରକ୍ଷଣ,ବିଦ୍ୟୁତ, ଏମଜିଏନଆରଇଜିଏସ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତବିଭାଗ, ଏସଆଇଆର ଗଣନା ସମ୍ପର୍କୀତ ଆଲୋଚନା ହୋଇଥିଲା । ପୂର୍ତ୍ତବିଭାଗ, ବିଦ୍ୟୁତ ବିଭାଗ ଅଧିକାରୀ କିମ୍ବା ତାଙ୍କ କୌଣସି ପ୍ରତିନିଧି ଉପସ୍ଥିତ ନଥା ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା ଏବଂ ଏନେଇ ଜିଲ୍ଲା ପ୍ରଶାସନ ଓ ସଂପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ନାୟକ, ଅତିରିକ୍ତ ବିଡ଼ିଓ ଜଗମୋହନ କିଷାନ, ପଞ୍ଚାୟତ ଉନ୍ନୟନ ଅଧିକାରୀ ମସ୍ତରାମ ପ୍ରଧାନ,ସିପି ସୁଦୀପ ଲାକ୍ରା,ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବିଡ଼ିଓ ଜୟନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ପଦୋନ୍ନତି ନେଇ ଆଲୋଚନା

ଖୋରଧା,୨୭।୫:(ମନ୍ଥନ)ଦୀର୍ଘ ୪ବର୍ଷ ପରେ ପ୍ରାଥମିକ ଶିକ୍ଷକଙ୍କର ପଦୋନ୍ନତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ପତ୍ରାଙ୍କ ନଂ- ୧୨୨୭୦ ତା ୧୩.୦୫.୨୦୨୬ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କପରିପତ୍ର ସଂଖ୍ୟା ୯୬୬୩ ତା- ୧୮.୦୫.୨୦୨୬ଙ୍କ ବିଧବଦ୍ଧ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖକୁନିର୍ଦ୍ଦେଶ ଆସିବା ପରେ ଜିଲ୍ଲା ଶିକ୍ଷା ବିଭାଗ ଚଳଚଞ୍ଚଳ ହୋଇପଡ଼ିଛି । ଆଜି ପ୍ରଥମିକ ଶିକ୍ଷକ ସଂଘ, ଖୋରଧା ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଭେଟି ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କରେ ଆଲୋଚନା କରିଥଲେ । ପଦୋନ୍ନତି ପ୍ରସଙ୍ଗରେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ବିବରଣୀ ପ୍ରାଥମିକଶିକ୍ଷକମାନଙ୍କର ଜିଲ୍ଲା ଶିକ୍ଷା ବିଭାଗ ୧୦ଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇଛି ।କାର୍ଯ୍ୟକ୍ରମ ତ୍ୱରାନ୍ୱିତ ସହ ଖୁବ ଶୀଘ୍ର ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରକାଶ ପାଇବ ଏବଂ ପରେ ପୂର୍ଣାଙ୍ଗ ରିପୋର୍ଟ ସାର୍ବଜନୀନ କରାଯିବ । ଆଇନ ମୁତାବକ, ନିର୍ଭୁଲ ତଥ୍ୟ ସହ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ାଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିରଷ୍ଠ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଜିଲ୍ଲାସମ୍ପାଦକ ଜିତ ରଂଜନ ମହାପାତ୍ର, ସମୀର ସେଠୀ, ସନ୍ତୋଷ କୁମାର ବେହେରା, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ଟୁଇଟର ଆକ୍ଟିଭିଷ୍ଟ ନିମାଇଁ ଚରଣ ମହାରଣାଙ୍କୁ ସମ୍ବର୍ଦ୍ଧିତ

ଖୋର୍ଦ୍ଧା,୨୭।୫:(ମନ୍ଥନ)ଆଜି ସାମାଜିକ ଅନୁଷ୍ଠାନ ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟ ପକ୍ଷରୁ ଭୁବନେଶ୍ୱରର ପାନ୍ଥନିବାସଠାରେ ପଞ୍ଚମ ବାର୍ଷିକ ଉତ୍ସବ ପାଳନ ଅବସରରେ ଖୋର୍ଦ୍ଧା ଅଞ୍ଚଳର ଜଣା ଶୁଣା ଟୁଇଟର ଆକ୍ଟିଭିଷ୍ଟ ଯଥା ସାମାଜିକ କର୍ମୀ ନିମାଇଁ ଚରଣ ମହାରଣାଙ୍କୁ ଜିଲ୍ଲା ସଂଯୋଜକ ଭାବରେ ପୁଣି ଥରେ ଦାୟିତ୍ୱ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ନିମାଇଁ ଟୁଇଟର ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲା ସହିତ ଅନ୍ୟ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରି ସମାଧାନ ଦିଗରେ ପ୍ରମୁଖ ଭୂମିକା କରିଥାନ୍ତି ପାନୀୟଜଳ, ସ୍ୱାସ୍ଥ୍ୟସେବା, ଆବାସ, ଗମନାଗମନ, ରାସନ, ବିଦ୍ୟୁତ, ସାମାଜିକ ସୁରକ୍ଷା, ଶିକ୍ଷା,ଚାଷୀ ସମସ୍ୟା,ଭଳି ଅନେକ ଲୋକେ ଭୋଗୁଥିବା ଅସୁବିଧାକୁ ଟୁଇଟ ମାଧ୍ୟମରେ ପ୍ରଶାସନିକ ଅଧିକାରୀ ଙ୍କ



ନିକଟରେ ପହଞ୍ଚାଇଥାନ୍ତି ଓ ତାର ସମାଧାନ କରିବାରେ କିଛି ଜାଗାରେ ସଫଳତା ପାଇବା ସହିତ କିଛି ଜାଗାରେ ବିଫଳ ମଧ୍ୟ ହୋଇଥାନ୍ତି ତଥାପି ନିମାଇଁ ଲୋକ ମାନଙ୍କର ସେବା ଜାରିରଖିଛନ୍ତି ।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ଅଭିଯୁକ୍ତକୁ ୩ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୭।୫:(ମନ୍ଥନ)ଏକ ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି କେନ୍ଦ୍ରାପଡ଼ା ପୋକସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଅଭିଯୁକ୍ତ ମକୁ ଓରଫ ସୁଧାଂଶୁ ଭୂଷଣ ସାମଲକୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଦୋଷୀକୁ ୫ ହଜାର ଟଙ୍କା ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଦୋଷୀକୁ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୨ ମସିହା ଜାନୁଆରୀ ମାସ ୨୩ ତାରିଖ ଅପରାହ୍ନ ପ୍ରାୟ ୨ଟାରେ ପାଟକୁରା ଥାନା ଅଧିନ ଏକ ଗ୍ରାମରେ ଜଣେ ୧୧ ବର୍ଷର ନାବାଳିକା ଓ ତାଙ୍କ ୬ବର୍ଷର ଛୋଟ ଭାଇ ଘରେ ଏକାଥିବା ବେଳେ ଅଭିଯୁକ୍ତ ସୁଧାଂଶୁ ନାବାଳିକାଙ୍କ ଘରେ ବାରଣ୍ଡାରେ ବସି ମଦ ପିଇଥିଲା। ଏହାକୁ ନାବାଳିକା ଜଣଙ୍କ ବିରୋଧ କରି ବାରେ ଅଭିଯୁକ୍ତ ଜଣଙ୍କ ନାବାଳିକାକୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏଥିରେ ଭୟଭୀତ ହୋଇ ନାବାଳିକା ଜଣଙ୍କ ଘର ଭିତରକୁ ପସି ଯାଇଥିଲେ। ଅଭିଯୁକ୍ତ ସୁଧାଂଶୁ ମନ୍ଦ ଉଦେଶ୍ୟରେ ତାଙ୍କୁ ଅନୁସରଣ କରି ଯାଇ ନାବାଳିକାର ହାତ ଧରିନେଇଥିଲା। ଏହାପରେ ଏକ ଗାମୁଛାରେ ନାବାଳିକାର ହାତ ଓ ଗୋଡକୁ ବାନ୍ଧି ଦେଇ ତାକୁ ଦୁଷ୍କର୍ମ ଉଦ୍ୟମ କରୁଥିବା ବେଳେ ନାବାଳିକାର ଭାଇ ବିରୋଧ କରିଥିଲେ। ଫଳରେ ଅଭିଯୁକ୍ତ ସୁଧାଂଶୁ ତାର ତଣ୍ଟି ଚିପି ଦେଇଥିଲେ। ଏହାର ସୁଯୋଗ ନେଇ ନାବାଳିକା ଜଣଙ୍କ ଅଭିଯୁକ୍ତ ପଞ୍ଝାରୁ ଖସି ପଳାଇ ଯାଇଥିଲେ। ତେଣୁ ଅଭିଯୁକ୍ତ ସୁଧାଂଶୁ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପାଟକୁରା ଥାନା ପୋଲିସ ଥାନା କେଶ ନମ୍ବର -୪୨୯/୨୦୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଧାଂଶୁକୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ବିଚାରପତି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ନେହେରୁ କୁମାର ସାହୁ କୋର୍ଟରେ ମାମଲାର ପରିଚାଳନା କରୁଥିଲେ।

# ଗହୀର ବିଲରୁ ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର

କୋଣାର୍କ,୨୭।୫:(ମନ୍ଥନ)କୋଣାର୍କ ଏନ୍ ଏ ସି ଅଧିନ ବାଣପଦା ଗହୀର ବିଲରୁ ଜଣେ ବୃଦ୍ଧଙ୍କର ମୃତଦେହ ମଙ୍ଗଳବାର ପୂର୍ବାହ୍ନ ଉଦ୍ଧାର କରାଯାଇଥିବା ଜଣାପଡିଛି । ସୂଚନାରୁ ଜଣାପଡ଼େକି ମଙ୍ଗଳବାର ପୂର୍ବାହ୍ନରେ ବାଣପଦା ଗହୀର ବିଲରେ ଜଣେ ବୃଦ୍ଧଙ୍କର ଉଲଗ୍ନ ମୃତ ଶରୀର ପଡିଥିବା ଦେଖି ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ ।ମୃତ ବୃଦ୍ଧ ଜଣଙ୍କ ନିକଟସ୍ଥ କରମଙ୍ଗା ଗ୍ରାମର ଶରତ ମଲ୍ଲିକ(୫୫ବର୍ଷ)ବୋଲି ଜଣାପଡିଛି । ଶରତଙ୍କ ମାନସିକ ବିକୃତ ଥିବା ବେଳେ ସେ କିପରି,କେଉଁ ଅବସ୍ଥାରେ ସେଠାରେ ମୃତ୍ୟୁବରଣ କଲେ ତାହା ଶବ ବ୍ୟବଚ୍ଛଦ ପରେ ଜଣାପଡିବ ବୋଲି କୋଣାର୍କ ଥାନା ଅଧିକାରୀ ପ୍ରକାଶ କରିଅଛନ୍ତି । ଏନେଇ କୋଣାର୍କ ଥାନପକ୍ଷରୁ ୯/୨୦୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି ।

# ଟ୍ରିପ ଟ୍ରିପ ବାଲି ଲୁଟିବା ପରେ ବନବିଭାଗ ଚଢାଉ

ଖଣ୍ଡପଡ଼ା,୨୭।୫:(ମନ୍ଥନ)ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ ନାକ ତଳେ ଚାଲିଥିଲା ବେଆଇନ ବାଲିଘାଟୟ ଲୋକେ ଖବର ଦେବାପରେ ମଧ୍ୟ ବିଭାଗ ନିଦ ଭାଙ୍ଗିଲାନି । ଆଉ ଶେଷରେ ଖବର ପ୍ରକାଶ ପରେ ତରତର ହୋଇ ରାସ୍ତା ଖୋଲିଛି ବନବିଭାଗ । ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୧୨ ନଂ ୱାର୍ଡ ଗୋଲାପୋଖରୀ ସଂଯୋଗ ରାସ୍ତାରେ ଥିବା ସୁନାମୁହିଁ ନଦୀ ପଠାରୁ ବେଧଡକ ବାଲି ଚୋରା ଚାଲାଣ ଘଟଣାରେ ଆଜି ବନବିଭାଗ ଲୋକଦେଖାଣିଆ। କାର୍ଯ୍ୟାନୁଷ୍ଠାନ ନେଇଛି । ମାଫିଆ। ଓ ବିଭାଗ ମଧୁଚନ୍ଦ୍ରିକାରେ ଚାଲିଥିବା ଅସ୍ଥାୟୀ ଘାଟକୁ ଖୋଳିବା ସହିତ ଚଳଚଞ୍ଚଳ ହୋଇଉଠିଥିବା ଦେଖିବାକୁ ମିଳିଥିଲା । ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ସାମାଜିକ ଗଣମାଧ୍ୟମରେ ବିଭାଗୀୟ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଆଜି ହଠାତ ବିଭାଗ ଜେସିବି ନେଇ ଅସ୍ଥାୟୀ ଘାଟକୁ ରାସ୍ତା ବନ୍ଦ କରିଛି । ଫଳରେ ମାଫିଆ। ଓ ବନବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଦାଣ୍ଡରେ ପଡି ହାଟରେ ଗଡୁଛିୟ ସ୍ଥାନୀୟ ରେଞ୍ଜର ଦିଲ୍ଲୀପ ପଟ୍ଟନାୟକଙ୍କ ନେତୃତ୍ୱରେ ଫରେଷ୍ଟର ବବୁଲ ସାହୁ ଏବଂ ଫରେଷ୍ଟ ଗାର୍ଡ ଅଶୋକ ଗୁରୁ ଅସ୍ଥାୟୀ ଘାଟରେ ପହଞ୍ଚିବା ସହିତ ଜେସିବି ଯୋଗେ ରାସ୍ତା ସିଲ କରିଥିବା ଜଣାପଡିଛି । ସେହିପରି କୁସୁମି ପଠାରେ ଥିବା ଘାଟକୁ ମଧ୍ୟ ବିଭାଗ ବନ୍ଦ କରିଛି ।

# ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିର ପରିସରରେ ରାମ ନାଟ୍ୟଦଳର କଳାକାରଙ୍କୁ ସମ୍ବର୍ଦ୍ଧିତ

ମାହାଙ୍ଗା,୨୭।୫:(ମନ୍ଥନ)ମାହାଙ୍ଗା ବ୍ଲକ ଉମର ପଂଚାୟତ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ହନୁମାନ ମନ୍ଦିର ପରିସରରେ ବିଭିନ୍ନ ରାମନାଟ୍ୟ ଦଳ ତରଫରୁ ରାମଲୀଳା ପରିବେଷଣ କରାଯାଇଥିଲା। ସେମାନଙ୍କୁ ଶ୍ରୀ ଶ୍ରୀ ବଳଦେବଜୀଉ ମହାବୀର ରାମଲୀଳା କମିଟି ତରଫରୁ ଏକ ବିଶେଷ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ କଟକଜିଲ୍ଲା ଗ୍ରମୀଣ ଉପସଭାପତି ଦିନବନ୍ଧୁ ନାୟକ, ମାହାଙ୍ଗା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ସମୀର କୁମାର ସାମଲ, ଶ୍ରୀ ନିବାସ ନାୟକ, ନାରାୟଣ ସେଠୀ ଯୋଗଦେଇ କଳାକାର ସର୍ବଶ୍ରୀ ବସନ୍ତ କୁମାର ମହାପାତ୍ର, ଅଜୟ କୁମାର ମହାପାତ୍ର, ସୁଦର୍ଶନ ଓଝା, ନବଘନ ଲେଙ୍କା,କ୍ଷୀରୋଦ ପରିଡା,ମହେଶ୍ୱର ଓଝା, ସନାତନ ବେହେରା,



ଭାଗ୍ୟଧର ରଣା, ଦେବେନ୍ଦ୍ର ପ୍ରଧାନ, ଗଣେଶ୍ୱର ଜେନା, ମନୋରଂଜନ ଜେନା ଓ କାର୍ତ୍ତିକ ମଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ରାମଲୀଳା ପରିବେଷଣ ରାମେଶ୍ୱର ରାମନାଟ୍ୟ ମହାଦେଇପୁର ଯାଜପୁର, ଅନନ୍ତଗୋପାଳ ରାମନାଟ୍ୟ ପନ୍ଦରବାଟିଆ, ମା’ ଶାରଳା ରାମନାଟ୍ୟ ବଡଗୋଠ, ମା’ ବୁଢ଼ୀଜାଗୁଳାଇ ରାମନାଟ୍ୟ, ମା’ କୁଣ୍ଡାଖାଇ ରାମନାଟ୍ୟ ପାଣ୍ଡିଆ ତରଫରୁ କରାଯାଇଥିଲା। ଏହି ଉତ୍ସବରେ ଶ୍ରୀ ଶ୍ରୀ ବଳଦେବଜୀଉ ମହାବୀର ରାମଲୀଳା କମିଟିର ସଭାପତି ଶ୍ରୀଯୁକ୍ତ ବଟକୃଷ୍ଣ ପଣ୍ଡା, ସଂପାଦକ ସଚିଦାନନ୍ଦ ଭୂୟାଁ, କମିଟର ସଭ୍ୟ ରଜତ କୁମାର ପଣ୍ଡା, ପ୍ରିୟବ୍ରତ ମହାପାତ୍ର, ଅଭିଷେକ ସିଂହ, ନନ୍ଦକିଶୋର ମଲିକ, ରତ୍ନାକର ମଲିକ, ଗୋପାଳ ମଲିକ ପ୍ରମୁଖ ସହଯୋଗ କରିଥିଲେ। କମିଟିର ଏହିଭଳି କାର୍ଯ୍ୟକୁ ସାଧାରଣରେ ସ୍ୱାଗତ କରାଯାଇଛି।

# ଅବଦ୍ଧି ସରିଯାଇଥିବା ଖାଦ୍ୟ ବିକ୍ରି

କାଳିମେଳା,୨୭।୫:(ମନ୍ଥନ)ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଓ ପଡିଆ। ବ୍ଲକ ର ରାସ୍ତା କଡ଼ ମାନଙ୍କ ରେ ରହିଥିବା ବିଭିନ୍ନ ଦୋକାନ ମାନଙ୍କ ରେ ବିକ୍ରି ହେଉଥିବା ବିସ୍କୁଟ, କେକ, ସମେତ ଜରି ପ୍ୟାକେଟ ମାନଙ୍କ ରେ ପ୍ୟାକିଙ୍ଗ ଛଣା, ମିକ୍ସଚର, ବୁଟ, ବାଦାମ, ସେଉ, କାଜୁ, ଆଚର, ଇତ୍ୟାଦି ଛୋଟ ପିଲାମାନେ ଖାଉଥିବା ବିଭିନ୍ନ ଖାଦ୍ୟ ପ୍ୟାକେଟ ପ୍ୟାକିଙ୍ଗ ଏ ଅଞ୍ଚଳ ର ଦୋକାନ ମାନଙ୍କ ରେ କାଳିମେଳା ଓ ପଡିଆ। ବଜାର ରେ ବିକ୍ରି କରାଯାଉଛି । ହେଲେ କେତେକ ଅସାଧୁ ବ୍ୟବସାୟୀ ଯାହାର କୌଣସି ତାରିଖ ନାହିଁ ଅର୍ଥାତ ଏକ୍ସପାଏରି ଡେଟ ଅତିକ୍ରମ ସତ୍ତ୍ୱେ ଏ ସମସ୍ତ ଖାଦ୍ୟ କୁ ଜାଣିଶୁଣି ବିକ୍ରି କରିଦେଉଛନ୍ତି । ଯାହାକୁ ନେଇ ଗ୍ରାହକ ମହଲ ରେ ଅଭିଯୋଗ ସହ ଅସନ୍ତୋଷ ପ୍ରକାଶ ପାଉଛି। ଯାହାକୁ ଖାଇବା ଦ୍ୱାରା ଫୁଡ ପଏଜନ ବା ବିଷାକ୍ତ ଯୁକ୍ତ ହୋଇ ବିଭିନ୍ନ ପ୍ରକାର ରୋଗ ରେ ଆକ୍ରାନ୍ତ ର ଆଶଙ୍କା ରହୁଛି ।ଗତକାଲି ଶୁକ୍ରବାର ଦିନ ପୂର୍ବାହ୍ନ ରେ କାଳିମେଳା ନିବାସୀ ଜଣେ ବ୍ୟକ୍ତି ନିଜେ ଖାଇବାପାଇଁ କାଳିମେଳା ରୁ ପଡିଆ। ଅଭିମୁଖେ ଯିବା ସମୟରେ ଗୋଟିଏ ଦୋକାନ ରୁ ଗୁଡ଼ଡେ ବିସ୍କୁଟ କିଣୁଥିବା ସମୟରେ ସମ୍ପୃକ୍ତ ଦୋକାନୀ ଜଣକ ଏକ୍ସପାଏର ହୋଇଥିବା ବିସ୍କୁଟ ଦେଇଥିଲେ । ଯାହାକୁ ଦେଖି ସେ ପରିବର୍ତ୍ତନ କରିବା ପାଇଁ କହିଲେ ଦୋକାନୀ ଜଣକ ଯେଉଁ ବିସ୍କୁଟ ଆଣିଲେ ସେଗୁଡିକ ମଧ୍ୟ ଏକ୍ସପାଏରି ହୋଇଥିଲା ଯେଉଁଥିରେ ପ୍ୟାକିଙ୍ଗ ତାରିଖ ୧୬/୧୦/୨୦୨୫ ଏବଂ ଏକ୍ସପାଏରି ତାରିଖ ୧୫/୦୪/୨୦୨୬ ଦର୍ଶାଯାଇଛି। ଆଜି କୁ ପ୍ରାୟ ଦେଢ଼ ମାସ ବିତି ଯାଉଥିଲେ ମଧ୍ୟ ଉକ୍ତ ବିସ୍କୁଟ ଗୁଡିକୁ ଗଚ୍ଛିତ ରଖି ବିକ୍ରିକରାଯାଉଛି । ଖାଲି ଏମିତିକା ରାସ୍ତା କଡ଼ ର ଦୋକାନ ମାନଙ୍କ ବୋଲି ନୁହଁ ଏ ଅଞ୍ଚଳ ଗାଁ ଗୋହଳି ମାନଙ୍କ ରେ ଚାଲିଥିବା ସାପ୍ତାହିକ ହାଟ ବଜାର ଓ ଗାଁ ଗୋହଳି ର ଛୋଟ ଛୋଟ ଦୋକାନ ମାନଙ୍କ ରେ ଏଭଳି ଏକ୍ସପାଏରି ଖାଦ୍ୟ ସବୁ ବିକ୍ରି କରାଯାଉଛି ଏବଂ ଲୋକଙ୍କ ଜୀବନ ସହିତ ଖେଳ ଖେଳା ହେଉଅଛି । ଏଭଳିସ୍ଥିତିରେ ଫୁଡ ଇନ୍ସପେକ୍ଟର ଏସବୁ ଖାଦ୍ୟ ଗୁଡିକୁ ରତଦାରଖିତଥା ଯାଞ୍ଚ କଡ଼ାକଡ଼ିକରାଯିବା ର ଆବଶ୍ୟକତା ଜରୁରୀ ହୋଇ ପଡ଼ିଛି ।



## ବଜ୍ରପାତର ଝଲିଗଲା ଯୁବକଙ୍କ ଜୀବନ

ମୟୂରଭଞ୍ଜ,୨୭।୫:(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଫାନିଆ। ପଞ୍ଚାୟତ ମୁଖାକଟା ଗ୍ରାମର ସତ୍ୟବ୍ରତ ଧଡା ବୟସ ୨୮ ବଜ୍ରପାତରେ ଝଲିଗଲା ଜୀବନ । ସତ୍ୟବ୍ରତ ଗତ କାଲି ରାତିରେ ଘର ପିଣ୍ଡାରେ ଶୋଇଥିବା ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ଘରଉପରେ ବଜ୍ର ପଡ଼ିବାରୁ ଦେହ ଜଳି ପଡିଯାଇଥିଲା । ଅଚେତ ହୋଇ ଯାଇଥିବା ସତ୍ୟବ୍ରତଙ୍କୁ ମା, ସ୍ତ୍ରୀ ଓ ଦୁଇଟି ଛୋଟ ଛୋଟ ଝିଅ । ତୁରନ୍ତ ରାତି ୧ଟା ସମୟରେ ଶୁଳିଆପଦା ଅଗ୍ନିଶମ ବିଭାଗଙ୍କ ଦ୍ୱାରା ସତ୍ୟବ୍ରତଙ୍କୁ ନିକଟସ୍ଥ କୋଷ୍ଠା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା । ଡାକ୍ତର ସତ୍ୟବ୍ରତଙ୍କୁ ମୃତ ଘୋଷଣା କରିଥିଲେ । ସତ୍ୟବ୍ରତ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ । ନିଜେ ରୋଜଗାର କରି ମା, ସ୍ତ୍ରୀ ଓ ଦୁଇ ଛୋଟ ଝିଅର ଭରଣ ପୋଷଣ କରୁଥିଲା । ବାପ ଛେଉଣ୍ଡ ହେଇଗଲେ ଦୁଇ କମୋଳମତି ଶିଶୁ କନ୍ୟା । ସତ୍ୟବ୍ରତଙ୍କ ଅକାଳ ବିୟୋଗରେ ପରିବାର ଲୋକ ଭାଙ୍ଗିପଡିବା ସହ ଅଞ୍ଚଳ ବାସୀ ମର୍ମାହତ । ସମସ୍ତ ପ୍ରକାର ସରକାରୀ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ପ୍ରଶାସନକୁ ନିବେଦନ କରିଛନ୍ତି ।ଏଭାବରେ ଶୁଳିଆପଦା ଥାନାରେ ୨୧/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ଦ୍ୱାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା

ମାହାଙ୍ଗା,୨୭।୫:(ମନ୍ଥନ)ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ବାଲିପଡ଼ା ଠାରେ ପଦ୍ମଜା ସାହିତ୍ୟ ସଂସଦ ଓ ଏସ୍ ଭଇ କ୍ୟାମ୍ପ ଗୋପାଳପୁର ଆନୁକୂଲ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ପଦ୍ମଜା ସାହିତ୍ୟ ସଂସଦ ସଂପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଗବେଷକ ଡଃ ଏକାଦଶୀ ପ୍ରଧାନ, ଓଃ ଭାବଗ୍ରାହୀ ରାଉତ, ଶିକ୍ଷକ ବିଶ୍ୱଭୂଷଣ ପ୍ରଧାନ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ବରାଳ ଗୀତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦିପ୍ତ ନାଥଶର୍ମା, ରାମଚନ୍ଦ୍ରପ୍ରଧାନ, କବି ପ୍ରଫୁଲ୍ଲ କୁମାର ସିଂ, ଚୌଧୁରୀ ପ୍ରସନ୍ନ ପ୍ରହରାଜ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ପ୍ରତି ନାଳନାଣି ବରାଳ, କୃଷକ ନେତା ରାମଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ପବିତ୍ର ମୋହନ ପ୍ରଧାନ, ସୁନିଲ ପ୍ରଧାନ, ବିଜୟ କୁଅଁର, ସ୍ତମ୍ଭକାର ବିବେକାନନ୍ଦ ଦାସ , ରମେଶ ଚନ୍ଦ୍ର ସାହୁ, ପୂର୍ବତନ ସରପଂଚ ସୁବାଷ ଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିବା ସହିତ ସ୍ୱର୍ଗତ ବାରିକ ଜଣେ ଆଦର୍ଶ, ଛାତ୍ରବତ୍ସଳ, ପରିବେଶ ବିତ୍ ଭାବରେ ସ୍ଥାନୀୟ ଅଂଚଳରେ ଜଣାଶୁଣା ଥିଲେ। ସେ ଜଣେ ଭଲ ମଣିଷ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ କବି ରାଜକିଶୋର ମିଶ୍ର, କୁଞ୍ଜ ବିହାରୀ ମହାପାତ୍ର, ଯତିନ୍ଦ୍ର କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ନାହାଙ୍ଗ ପଂଚାୟତର ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, ପୂର୍ବତନ ସରପଂଚ ଭାଗବତ ସେଠୀ, ପ୍ରସନ୍ନ କୁମାର ସାହୁ, ଇଂ.ଶତ୍ରୁଘ୍ନ ସାହୁ ରାୟଗୁରୁ ସନ୍ତୋଷ କୁମାର ମହାପାତ୍ର, ସୁବଳ ଚରଣ ସାହୁଙ୍କ ସମେତ ବିଭିନ୍ନ ଅଂଚଳରରୁ ଆସିଥିବା ଶିକ୍ଷକ,ଶିକ୍ଷାବିତ୍ ଓ ବୁଦ୍ଧିଜୀବିମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌଭାଗ୍ୟ ବାରିକ,ରୋଜାଲିନ୍ ବାରିକ, ସ୍ମରଣୀକା ସାହାଣୀ, ଅପରୁପା ନାୟକ, ବିନାୟକ ବଳ ସହଯୋଗ କରିଥିଲା ବେଳେ ସାନପୁଅ ରାଜିବ୍ ଲୋଚନ ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ବଢୁଛି ତାତି, ପୋଡା ଚାଲିଛି ଇଟାଭାଟି : ଅଚିନ୍ତାରେ ପ୍ରଶାସନ

ମାହାଙ୍ଗା,୨୭।୫:(ମନ୍ଥନ)ମାହାଙ୍ଗା ବ୍ଲକରେ ମାଟିଇଟା ପକାଯାଇ ଶହ ଶହ ଭାଟି ପୋଡାଯାଉଥିବା ଅଭିଯୋଗ ହେଉଛି। ଏହାଏକ କୁଟୀର ଶିଳ୍ପରେ ପରିଣତ ହୋଇଛି। ହେଲେ ବେଧଡକ ଇଟା ବ୍ୟବସାୟ ଚାଲିଥିଲା ବେଳେ ପ୍ରଶାସନ ହାତବାନ୍ଧି ବସିଛି। ପୂର୍ବରୁ ବାଲିଘାଟ, ମାଟିଉଠା, ଇଟାପକାଇବାର ଦାୟିତ୍ୱ ତହସିଲ ପ୍ରଶାସନ ବୁଝିଥିଲା। ବିଗତ ସରକାର ଅମଳରେ ତହସିଲ ପ୍ରଶାସନ ଠାରୁ ଏହି ଦାୟିତ୍ୱ ସରକାର କାଢ଼ିନେଲା ପରେ ଏବେ ବାଲିମାଫିଆ, ଇଟାମାଫିଆ ଓ ମାଟି ମାଫିଆ ମାନେ ସକ୍ରିୟ ହୋଇଛନ୍ତି। ଫଳରେ ରାଜ୍ୟସରକାର ପ୍ରତିବର୍ଷ ଲକ୍ଷ ଲକ୍ଷ ରାଜସ୍ୱ ହରାଉଛନ୍ତି। ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ସମୟରେ ଇଟାଭାଟି ପୋଡାଯାଉଥିବାରୁ ସାଧାରଣ ଲୋକ ନାହିଁ ନଥିବା ସମସ୍ୟା ଭୋଗୁଥିଲା ବେଳେ ଗ୍ରୀଷ୍ମର ପ୍ରଭାବ ବୃଦ୍ଧି ପାଉଛି। ଯାହାକି ମୂଳବସନ୍ତ ପଂଚାୟତରେ ଦେଖିବାକୁ ମିଳିଛି। ଏପରିକି ମାହାଙ୍ଗାର ବିଭିନ୍ନ ଅଂଚଳରେ ଇଟାବ୍ୟବସାୟୀମାନେ ଇଟାଭାଟି ପୋଡୁଛନ୍ତି। ଏଣୁ କଟକ ଜିଲ୍ଲାପାଳ ତୁରନ୍ତ ଇଟାଭାଟି ଲିଭାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ସହିତ ଇଟାବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି।

## ବିଡ଼ିଓଙ୍କୁ ଶୁଳିଆପଦା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର

ମନ୍ଥନ,୨୭।୫:(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ବିଭିନ୍ନ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲୋକମାନଙ୍କ ଯାତାୟାତ ନିମନ୍ତେ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ମାଧ୍ୟମରେ ୧୬ଟି ପଞ୍ଚାୟତ ପାଇଁ ୩ଟି ବସ ଯୋଗାଇ ଦେଇଛନ୍ତି । କିନ୍ତୁ ବ୍ଲକର ବହୁ ପଞ୍ଚାୟତ ଏହି ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ରହିଛି । ଫଳରେ ବୃଦ୍ଧ ବୃଦ୍ଧା , ଜନସାଧାରଣ ମାନେ ବ୍ଲକ କାର୍ଯ୍ୟାଳୟ ପହଞ୍ଚିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେବେ ଆଜି ଶୁଳିଆପଦା ସାମ୍ବାଦିକ ସଂଘର ସଭାପତି ଓଡ଼ିଶା ଭାସ୍କର ବ୍ଲକ ପ୍ରତିନିଧି ମନୋଜ କୁମାର ବେହେରା, ସାଧାରଣ ସମ୍ପାଦକ ଅର୍ଗସ ନ୍ୟୁଜ ନିର୍ବାଚନ ମଣ୍ଡଳୀ ପ୍ରତିନିଧି ଜୟନ୍ତ ଧଡ଼ା,



କୋଷାଧ୍ୟକ୍ଷ ସମ୍ବାଦ ଖବର କାଗଜ ବ୍ଲକ ପ୍ରତିନିଧି ଗୌରାଙ୍ଗ ଚରଣ ଗିରିଙ୍କ ସମେତ ପ୍ରମେୟ ଖବର କାଗଜ ବ୍ଲକ ପ୍ରତିନିଧି ଚିତ୍ତରଞ୍ଜନ ସେଜପଡ଼ା,ପ୍ରଗତିବାଦୀ ଖବର କାଗଜ ବ୍ଲକ ପ୍ରତିନିଧି ସତ୍ୟ ମହାପାତ୍ର, ଏମବିସି ଟିଭି ବ୍ଲକ ପ୍ରତିନିଧିଦେବବ୍ରତ ନାଏକ ଓ ଫୋକୋସ ପ୍ଲେସ ଟିଭି ବ୍ଲକ ପ୍ରତିନିଧି ସମୀର ମହାନ୍ତ ଉପସ୍ଥିତ ରହି ଶୁଳିଆପଦା ବିଡିଓ ଲକ୍ଷ୍ମୀ ସାଗର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘ ଆଗକୁ ଶୁଳିଆପଦା ବାସୀଙ୍କ ବିଭିନ୍ନ ସମସ୍ୟାକୁ ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିବ ବୋଲି ସଂଘର ସଭାପତି ମନୋଜ କୁମାର ବେହେରା ପ୍ରକାଶ କରିଛନ୍ତି ।

# ନାହିଁ ନାହିଁରେ ଚାଲିଛି ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର : ରୋଗୀ ସେବା ବିପର୍ଯ୍ୟସ୍ତ

ମାହାଙ୍ଗା, ୨୭।୫:(ମନ୍ଥନ)ମାହାଙ୍ଗା ବ୍ଲକର ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାଷିଷ୍ଟ, ଷ୍ଟାପ୍ ନର୍ସ ପଦବୀ ଖାଲିପଡିଥିଲା ବେଳେ ସିକ୍ୟୁରିଟି ରାତ୍ରକାଳୀନ ଦାୟିତ୍ୱରେ ଅଛନ୍ତି। ଜଣେ ସାନିଟାଇଜର୍ ଓ୍ୱାର୍କର ଉପରେ କାର୍ଯ୍ୟଭାର ଲଦି ହୋଇପଡୁଛି। ଡାକ୍ତର ନଥିବାରୁ ରୋଗୀଙ୍କ ଭରସା ଦିନକୁ ଦିନ ତୁଟିବାକୁ ବସିଲାଣି। ଡବଲ ଇଞ୍ଜିନ୍ ସରକାର ସମୟରେ ମାହାଙ୍ଗାରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଭଳି ଏରକଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ପାଲଟିଛି। ଖୋଦ୍ ସ୍ୱାଧୀନ ବିଧାୟକଙ୍କ ପଂଚାୟତରେ ଯଦି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ତେବେ ଅନ୍ୟ ଅଂଚଳ କଥା ପଚାରେ କିଏ। ରାସ୍ତାଘାଟ କରିଦେଲେ, ଏପରିକି କେନାଲ ଭିତର ଢ଼ଳେଇ କରିଦେଲେ ସାଧାରଣ ଲୋକଙ୍କ ସମସ୍ୟା ଦୂର ହେବ ନାହିଁ । ମାହାଙ୍ଗାରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।




ମାହାଙ୍ଗା ଅଂଚଳର ଅଧିକାଂଶ ସରକାରୀ ଡାକ୍ତରଖାନାରେ ଆୟୁଷ ଆର୍ଯ୍ୟୁବେଦିକ୍ ଡାକ୍ତରାଣୀ ଏଲୋପାଥିକ ଔଷଧ ଲେଖୁଛନ୍ତି। ରୋଗୀଙ୍କ ପାଇଁ ଆସୁଥିବା ଆର୍ଯ୍ୟୁବେଦିକ୍ ଔଷଧ କୁଆଡେ ଯାଏ ତାହାର ହିସାବ ମିଳେନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଯେଉଁ ଡାକ୍ତରଖାନାରେ ଦିନେ ରୋଗୀଙ୍କର ଲମ୍ବାଧାଡି ଲାଗୁଥିଲା ଡାକ୍ତର ଜ୍ଞାନ ରଂଜନ ନାୟକ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ଯାଏଁ ରୋଗୀ ସେବା କରୁଥିଲେ ସେହି ଡାକ୍ତରଖାନା ଏବେରୋଗୀ ଆସୁନାହାନ୍ତି। ସ୍ୱାସ୍ଥ୍ୟବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହେଉଛି।

## ଅକ୍ସ-ମାମ୍ପୋ-ଟୁକେଟୁସିକ୍ସରେ ଶିକ୍ଷା, କ୍ରୀଡା ଓ ସଂସ୍କୃତିର ମିଳନ

ଫୁଲନଖରା, ୨୭।୫:(ମନ୍ଥନ)ଭୁବନେଶ୍ୱର ସ୍ଥିତ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ 'ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ'ର ବାର୍ଷିକ ଉତ୍ସବ ଅକ୍ସ - ମାମ୍ପୋ - ଟୁକେଟୁସିକ୍ସ ବହୁ ଆଡ଼ମ୍ବର ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନିଆ। ଏହି ମହୋତ୍ସବରେ ଶିକ୍ଷା, କ୍ରୀଡା, ସଂସ୍କୃତି ଓ ମନୋରଞ୍ଜନର ଅପୂର୍ବ ସମନ୍ୱୟ ।ଦେଖିବାକୁ ମିଳିଥିଲା । ଉତ୍ସବର ପ୍ରଥମ ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ବାଚସ୍ପତି ମାନନୀୟା ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସିମୁଳିଆ। ବିଧାୟକ, ବାଲେଶ୍ୱର ଡିଷ୍ଟ୍ରିକ୍ଟ ପ୍ଲାନିଂ ବୋର୍ଡର ଚେୟାରମ୍ୟାନ୍, ପିଉସି କମିଟିର ଅଧ୍ୟକ୍ଷ ତଥା



ଅକ୍ସଫୋର୍ଡ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଶ୍ରୀ ପଦ୍ମଲୋଚନ ପଣ୍ଡା ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଅର୍ଜନ କରିବାକୁ ଆହ୍ୱାନ କରିଥିଲେ । କଲେଜର ଚେୟାରମ୍ୟାନ୍ ତଥା ବିଜେପି ବାଲେଶ୍ୱର ଜିଲ୍ଲା ସାଧାରଣ ସଚିବ ଡା. ଅଣୁମାଧବ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଅନୁଷ୍ଠାନର ଶିକ୍ଷାଗତ ସଫଳତା ଓ ଭବିଷ୍ୟତ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନର ସମସ୍ତ ପ୍ରିନ୍ସିପାଲ, ମ୍ୟାନେଜମେଣ୍ଟ ଷ୍ଟାଫ, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କର ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା । ଉତ୍ସବ ଅବସରରେ ଆୟୋଜିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି କ୍ୟାମ୍ପସ ଚୟନରେ ବିଭିନ୍ନ ନାମୀଦାମୀ ସଂସ୍ଥାରେ ନିଯୁକ୍ତି ପାଇଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇ ସେମାନଙ୍କର ସଫଳତାକୁ ସମ୍ମାନିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ଦର୍ଶକମାନଙ୍କ ପାଇଁ ଆକର୍ଷଣର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଥିଲା । ଓଲିଉଡ ଓ ବଲିଉଡର ନାମୀଦାମୀ କଳାକାରମାନେ ଦୁଇଦିନ ଧରି ମନମୋହକ ନୃତ୍ୟ ଓ ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଶେଷ ସନ୍ଧ୍ୟାରେ ବଲିଉଡର ଖ୍ୟାତନାମା ଗାୟକ ଅମନ ତ୍ରିଖାଙ୍କ ସୁମଧୁର ସଙ୍ଗୀତ ପରିବେଷଣ ସମଗ୍ର ପରିବେଶକୁ ସଙ୍ଗୀତମୟ କରିଦେଇଥିଲା । ତାଙ୍କ ଲୋକପ୍ରିୟ ଗୀତରେ ଉପସ୍ଥିତ ଦର୍ଶକମାନେ ଝୁମିଉଠିଥିବା ବେଳେ ଉତ୍ସବର ଶେଷ ସନ୍ଧ୍ୟା ସ୍ମରଣୀୟ ହୋଇରହିଥିଲା ।ସମଗ୍ର ଅକ୍ସ-ମାମ୍ପୋ-ଟୁକେଟୁସିକ୍ସ ଉତ୍ସବ ଶିକ୍ଷା ସହ ସଂସ୍କୃତି ଓ ପ୍ରତିଭାର ଏକ ଅନନ୍ୟ ସମାଗମ ଭାବେ ପରିଚିତ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରିଥିଲା ।

## ଗୋକୁଳଧାମ ବାସୀଙ୍କ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗିର,୨୭।୫:(ମନ୍ଥନ) ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ର ଓ୍ୱାର୍ଡ ନଂ.୯ ସ୍ଥିତ ଗୋକୁଳଧାମ ଗସ୍ତ କରି ଲୋକଙ୍କ ସମସ୍ୟା ଶୁଣିଛନ୍ତି। ବିଶେଷ କରି ସମ୍ବଲପୁର ରୋଡକୁ ଗୋକୁଳଧାମ କୁ ଆସି ସଂଯୋଗ ହୋଇଥିବା ରାସ୍ତାରେ ବହୁତ ଯାନବାହନ ଚଳାଚଳ ହେଉଥିବାରୁ ଏହି ଅଂଚଳଟି ଦୁର୍ଘଟଣା ପ୍ରବଣ ଅଂଚଳ ଭାବେ ବେଶ ପରିଚିତ । କିଛି ଦିନ ପୂର୍ବରୁ ଗୋକୁଳଧାମର ଜଣେ ଯୁବକ ସାନ୍ଧ୍ୟ ଭ୍ରମଣ ସମୟରେ ଭୟଙ୍କର ଦୁର୍ଘଟଣାର ସମ୍ମୁଖିନ ହୋଇଥିଲେ। ସେ ଭୁବନେଶ୍ୱର ରୁ ଉଚ୍ଚତର ଚିକିତ୍ସା ହେବା ପରେ ଘରେ ତାଙ୍କ ଚିକିତ୍ସା ଜାରି ରହିଛି । ଶ୍ରୀ ମିଶ୍ର ଚିକିତ୍ସିତ ଯୁବକ ହିମାଂଶୁ ଶେଖର ପଣ୍ଡା ଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପୂର୍ବରୁ ମଧ୍ୟ ସେହି ସମାନ ଅଂଚଳରେ ଦୁର୍ଘଟଣା ଘଟି ଅନେକ ଧନ ଜିବନ ହାନି ହୋଇଛି । ତେଣୁ ଗୋକୁଳଧାମ ରୁ ସମ୍ବଲପୁର ଜାତୀୟ ରାଜପଥକୁ ସଂଲଗ୍ନ ରାସ୍ତାରେ ସ୍ପିଡ ବ୍ରେକର କିମ୍ବା ସ୍ଥାନାନ୍ତର ହୋଇପାରୁଥିବା ବ୍ୟାରିକେଟ ଲଗାଇବାର ବ୍ୟବସ୍ଥା କରାଇବାକୁ ଶ୍ରୀ ମିଶ୍ର ଙ୍କ ଆଗରେ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ । ଏହା ସହ ବିଜୁଳି ଖୁଣ୍ଟ ଗୁଡିକରେ ଲାଇଟ ଜଳୁନଥିବାରୁ ଅଂଚଳ ଅନ୍ଧକାର ହୋଇଯାଉଥିବା, ଡ୍ରେନ ଗୁଡିକରେ ଢାଙ୍କୁଣି ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା, ଗୋକୁଳଧାମର କିଛି ଅଂଚଳରେ ଟେଣ୍ଡର ସରି ଯାଇଥିବା ସତ୍ତ୍ୱେ ରାସ୍ତା କାମ ଆରମ୍ଭ ହୋଇନଥିବା ଏବଂ ଗୋକୁଳଧାମ ଅଂଚଳରେ ଯାଇଥିବା ୩୩ କେଭି ବିଦ୍ୟୁତ ତାର ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଆଲୋଚନା ବେଳେ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ମିଶ୍ର ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବଲାଙ୍ଗିର ଆରକ୍ଷୀ ଅଧିକ୍ଷକଙ୍କୁ ଫୋନ ଯୋଗେ ଦୁର୍ଘଟଣା ପ୍ରବଣ ରାସ୍ତା ରେ ବ୍ୟାରିକେଡ୍ ବ୍ୟବସ୍ଥା କରିବାକୁ କହିଥିଲେ ଏବଂ ପୋଲିସ ଅଧିକ୍ଷକ ଅତି ଶିଘ୍ର ପଦକ୍ଷେପ ନେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପୌର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ରାସ୍ତା ନିର୍ମାଣ ଓ ଡ୍ରେନର ଢାଙ୍କୁଣିର ବ୍ୟବସ୍ଥା କରିବାକୁ ଏବଂ ବିଦ୍ୟୁତ ଅଧକ୍ଷଣ ଯନ୍ତ୍ରୀଙ୍କୁ ୩୩ କେଭି ତାର ଶିଘ୍ର ସ୍ଥାନାନ୍ତରିତ କରିବାକୁ ଶ୍ରୀ ମିଶ୍ର ଫୋନ ମାଧ୍ୟମରେ କହିଥିଲେ । ଉଭୟ ଅଧିକାରୀ ଏହି ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏହି ଆଲୋଚନା ବେଳେ ଗୋକୁଳ ଧାମର ଶିରିଶ ଚନ୍ଦ୍ର ହୋତା, ଗୌର ହରି ଦାଶ, ଦିଲିପ ଦାଶ, ସନ୍ତୋଷ ଦାଶ, ଅମ୍ବରିଶ ଦାଶ, ଛେଲାରାମ ଜେସୱାଲ, ଲିଙ୍ଗରାଜ ମେହେର, ବିକାଶ ହୋତା, ହିମାଂଶୁ ପଣ୍ଡା, ବାସୁଦେବ ନାଥ, ଆଦର୍ଶ ଅଗ୍ରୱାଲ ଏବଂ ଶୁଭ୍ରାଂଶୁ ଶେଖର ପଣ୍ଡା ଙ୍କ ସମେତ ଅନ୍ୟାନ୍ୟ ଲୋକ ଉପସ୍ଥିତ ଥିଲେ।

## ବେସାହାରା ଭାବେ ଜିବନ ବିତାଉଛନ୍ତି ଅନେକ ଆଇଜିଏନଓଏପି ହିତାଧିକାରୀ

ରଘୁନାଥପୁର,୨୭।୫:(ମନ୍ଥନ)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର ୩ହଜାର୫୪୫ଜଣ ଆଇଜିଏନଓଏପି (ଇନ୍ଦିରାଗାନ୍ଧୀ ନେସନାଲ ଓଲ୍ଡ ଏଜ୍ ପେନସନ)ହିତାଧିକାରୀ ମାନଙ୍କ ମଧ୍ୟରୁ ଅନେକ ହିତାଧିକାରୀ ମାନେ ବର୍ତ୍ତମାନ ବେସାହାରା ଭାବେ ଜିବନ ବିତାଉଥିବା ଜଣାଯାଇଛି । ମାସକରେ ଥରେ ଭତ୍ତାଟି ପାଇ କେହି କେହି କଷ୍ଟମଟେ ନିଜର ଗୁଜୁରାଣ ମେଣ୍ଟାଉଥିବା ବେଳେ କେହି ନିଜର ଔଷଧ ଖର୍ଚ୍ଚ ତୁଲାଉଥିଲେ । ଗତ ଦୁଇ ମାସ ଧରି ଲଗାତାର ଭାବେ ଏମାନେ ଭତ୍ତା ପାଇ ନ ଥିବାରୁ ଅନେକ ସବୁବେଳେ ବ୍ୟାଙ୍କ ଦୁଆରମୁହଁକୁ ଦୌଡୁଥିବା ଜଣାଯାଇଛି ।ତେବେ ଏକାଥରେ ଦୁଇମାସର ଭତ୍ତା ଟଙ୍କା ଆସିବ ବୋଲି ଜଣାପଡ଼ିବା ପରେ ସେମାନେ କିଛିଟା ଆଶ୍ୱସ୍ତି ଅନୁଭବ କରିଥିଲେ ମଧ୍ୟ ସମୟ ଧିରେ ଧିରେ ଅତିକ୍ରାନ୍ତ ହେଉ ଯାଉଥିବାରୁ ଇନ୍ଦିରା ଗାନ୍ଧୀ ପେନସନଧାରି ମାନେ ହତାସ ହୋଇପଡିଛନ୍ତି। ତେବେ ମଧୁବାବୁ ପେନସନ ହିତାଧିକାରୀ ମାନେ ପ୍ରତ୍ୟେକ ମାସ ୧୫ତାରିଖରେ ରାଜ୍ୟ ସରକାରଙ୍କ ଠାରୁ ପଞ୍ଚାୟତ ମାଧ୍ୟମରେ ନିଜର ଭତ୍ତା ପାଇଥାନ୍ତି । କିନ୍ତୁ ଇନ୍ଦିରାଗାନ୍ଧୀ ପେନସନଧାରି ମାନେ କେନ୍ଦ୍ର ସରକାର ରାଜ୍ୟକୁ ଏହି ଭତ୍ତା ଟଙ୍କା ବ୍ୟାଙ୍କ ମାଧ୍ୟମରେ ପଠାଇଲା ପରେ ରାଜ୍ୟ ସରକାର ଏହାକୁ ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଥାଆନ୍ତି । ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କେନ୍ଦ୍ର ସରକାର ବର୍ତ୍ତମାନ ସିଧାସଳଖ ଭତ୍ତା ଟଙ୍କା ପଠାଇବା ପାଇଁ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ କ୍ରମ କରୁଥିବାରୁ ଗତ ଦୁଇମାସ ଧରି ଇନ୍ଦିରାଗାନ୍ଧୀ ପେନସନର ମାନେ ଭତ୍ତା ପାଇବାରେ ବିଳମ୍ବ ହୋଇଛି । ବର୍ତ୍ତମାନ କାର୍ଯ୍ୟକ୍ରମ ସରିବା ଉପରେ ଆସନ୍ତା ୭,୮ ଦିନ ମଧ୍ୟରେ ଏହି ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସିଯିବାର ଖବର ଆମ ପାଖରେ ଅଛି ବୋଲି ଜିଲ୍ଲା ସାମାଜିକ ସଂପ୍ରସାରଣ ଅଧିକାରୀଣି ମମତା ନାୟକ ଆମ ପ୍ରତିନିଧିକୁ କହିଛନ୍ତି ।

## ଓସିଏସ୍ ପରୀକ୍ଷା, ବୁଗୁଡାର ସଂଘମିତ୍ରା ପାତ୍ର କୃତକାର୍ଯ୍ୟ

ବୁଗୁଡା, ୨୭।୫:(ମନ୍ଥନ)ଓଡିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସେବା (ଓସସିଓସ) ପରୀକ୍ଷାରେ ବୁଗୁଡାର ସଂଘମିତ୍ରା ପାତ୍ର ୧୮୭ ରାଙ୍କରେ ରହି କୃତକାର୍ଯ୍ୟ ହୋଇଥିବା ଜଣାଯାଇଛି । ସେ ବୁଗୁଡ଼ା ଏନଏସି ଅନ୍ତର୍ଗତ ନୂଆସାହି ନିବାସୀ ଧ୍ରୁବଚରଣ ପାତ୍ର ଓ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ପାତ୍ରଙ୍କ ସୁପୁତ୍ରୀ ଅଟନ୍ତି। ସେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତାଙ୍କର ଶିକ୍ଷାରମ୍ଭ କରି ଷଷ୍ଠରୁ ଦ୍ୱାଦଶ ଯାଏଁ ନବୋଦୟ ବିଦ୍ୟାଳୟ ଏବଂ +୩ ଶଶିଭୂଷଣ ମହିଳା ମହାବିଦ୍ୟାଳୟରେ ଅଧ୍ୟୟନ କରିଥିବା ବେଳେ ଭଞ୍ଜନଗର ସିଭିଲ କୋର୍ଟରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ଥିଲେ । ତେବେ ସେ ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବୁଗୁଡା ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଥିବା ବେଳେ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭକାମନା ଜ୍ଞାପନ କରାଯାଇଛି ।

## ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଭିକାରୀ ଚରଣ ବାରିକଙ୍କ ବିୟୋଗରେ ଶୋକ ପ୍ରକାଶ କଲେ କଂଗ୍ରେସ ନେତା

ମାହାଙ୍ଗା ୨୫.୦୫: ମାହାଙ୍ଗା ବ୍ଲକ ଅର୍ନ୍ତଗତ ନାହାଙ୍ଗ ପଂଚାୟତର ବାଲିପଡା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ବାରିକଙ୍କ ୭୨ବର୍ଷ ବୟସରେ ଗତ ୧୬ତାରିଖ ଦିନ ପରଲୋକ ହୋଇଯାଇଥିଲା। ଏହି ଖବର ପାଇ ମାହାଙ୍ଗା ଅଚଂଳର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତ ବାରିକଙ୍କ ବାସଗୃହରେ ପହଂଚି ଶୋକବ୍ୟକ୍ତ କରିବା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ଶ୍ରୀଯୁକ୍ତ ସାହୁଙ୍କ ସମେତ ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଯୁବସଂଗଠକ ଉତ୍ତମ କୁମାର ବେହେରା, ସେକ୍ ସର୍ଫରାଜ ଅଜିମ୍, ସୁଧାଂଶୁ ଶେଖର ରାଉତ, ରଘୁନାଥ ଦାସ, ରାଜୀବ ବାରିକ, ସ୍ୱର୍ଗତ ବାରିକଙ୍କ ବଡପୁତ୍ର ସୌଭାଗ୍ୟ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦାଦାକୁ ପୁତୁରା ହତ୍ୟା ଘଟଣା ୪ଅଭିଯୁକ୍ତ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

କେନ୍ଦ୍ରାପଡ଼ା,୨୭।୫:(ମନ୍ଥନ)କେନ୍ଦ୍ରାପଡ଼ା ଟାଉନ ଥାନା ସନ୍ନିକଟରେ ଦାଦାକୁ ପୁତୁରା ପଥରରେ ଛେଛି ହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଉଛନ୍ତି ସ୍ୱର୍ଗତ ସୁରେଶ ଚନ୍ଦ୍ର ବାରିକଙ୍କ ପୁଅ ଗୋଧି ଓରଫ ପ୍ରକାଶ ବାରିକ(୨୮), ଗୋଧି ଓରଫ ପ୍ରକାଶ ବାରିକଙ୍କ ପତ୍ନୀ ପୁଜାରିଣୀ ବାରିକ(୨୬), ମନୋଜ ବାରିକଙ୍କ ପତ୍ନୀ ପାର୍ବତୀ ବାରିକ(୪୦) ଓ ରବିନ୍ଦ୍ର ବାରିକଙ୍କ ପତ୍ନୀ ମାମା ଓରଫ ମମତା ବାରିକ(୨୮)। କିନ୍ତୁ ମୁଖ୍ୟ ଅଭିଯୁକ୍ତ ହିମାଂଶୁ ବାରିକକୁ ଧରିବାରେ ପୋଲିସ ବିଫଳ ହୋଇଛି। ଥାନା ସନ୍ନିକଟରୁ କିପରି ହତ୍ୟାକାରୀ ଫେରାର ହୋଇଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଯୋଗ୍ୟ ଯେ ଥାନା ସନ୍ନିକଟରେ ବାବୁଲା ବାରିକ ନାମକ ଜଣେ ବ୍ୟକ୍ତିଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ତାଙ୍କ ପୁତୁରା ହିମାଂଶୁ ବାରିକ ହତ୍ୟା କରିଥିଲେ। ଏହି ମାମଲାରେ ୮ ଅଭିଯୁକ୍ତଙ୍କ ନାମ ରହିଥିଲା।

## ସାପୁଆ ଜଙ୍ଗଲରେ ବେଆଇନ ବାଲିଘାଟ ଅନୁଷ୍ଠିତ

ମାହାଙ୍ଗା ୨୬.୦୫: ମାହାଙ୍ଗା ବ୍ଲକ ଅନ୍ତଗତ ଗୋପାଳପୁର ପଂଚାୟତର ବନ୍ତଳାସ୍ଥିତ କୃଷି ଉତ୍କର୍ଷ କେନ୍ଦ୍ର ପରିସରରେ ଶରତକର ଓ ଅନିମାକର ଫାଉଣ୍ଡେସନ ତରଫରୁ ପ୍ରତିବର୍ଷ ପରି ଚଳିତ ୨୦୨୬ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ମଣ୍ଡଳସ୍ତରୀୟ କୃତୀ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ତଥା ରେଭେନ୍ସ ବିଦ୍ୟାଳୟର ପ୍ରାକ୍ତନ ନିବନ୍ଧକ ଅଶୋକ କୁମାର ଦାଶ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସଫଳତା ପାଇଁ ପ୍ରଶଂସା କରିବା ସହ ସମାଜରେ ଭଲ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଗଣିତଜ୍ଞ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାଗବତ ପ୍ରଧାନ ଯୋଗଦେଇ ଗଣିତ ଓ ସାହିତ୍ୟ ସଂପର୍କରେ ଆଲୋକପାତ କରିବା ସହ ଚାଟଶାଳୀ ପାଠର ବିଭିନ୍ନ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦିପ ପ୍ରଜ୍ୱଳନ କରିବା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା। ନିର୍ଭୀକର ସଂପାଦକ ଅବନୀ ଚନ୍ଦ୍ର ଦାସ ପ୍ରାରମ୍ଭିକ ସୂଚନା ସହିତ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଉତ୍ସବରେ ସଭାପତି ନିଜ ଅଭିଭାଷଣରେ କୃତୀ ବିଦ୍ୟାର୍ଥୀମାନଙ୍କୁ ଉଚ୍ଚ ଅଭିଳାଷ ରଖି ଆଗାମୀ ଦିନରେ ଅଧିକ କୃତୀତ୍ୱ ପ୍ରଦର୍ଶନ କରିବା ଲାଗି ପ୍ରଯତ୍ନ ହେବାକୁ ପରାମର୍ଶ ଦେଇଥିଲେ। ମାହାଙ୍ଗା ବ୍ଲକ ଅଧିନସ୍ଥ ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁକ୍ଳେଶ୍ୱରୀ ସ୍ଥିତ ଭଗବତୀ ବିଦ୍ୟାପୀଠ, ବ୍ରାହ୍ମଣ ମଣିଯୋରୀ ସ୍ଥିତ ରଘୁନାଥଜୀଉ ପଂଚାୟତ ବିଦ୍ୟାପୀଠ, କଇଥା ଚମ୍ପାପୁର ଗାନ୍ଧୀଶିକ୍ଷାଶ୍ରମ, କୋଳିଅଠା ସ୍ଥିତ ବାସନ୍ତୀ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ, ଭେଡା ଗ୍ରାମର ଚୌଧୁରୀ ରାଧାନାଥ ବିଦ୍ୟାପୀଠ, ମାହାଙ୍ଗା ସ୍ଥିତ ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ, ଏରକଣାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୧୪ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଜନ୍ମେଜୟ ମହାନ୍ତି ସାରା ରାଜ୍ୟରେ ପ୍ରଥମ ୧୦ଜଣ ମଧ୍ୟରେ ୩ୟସ୍ଥାନ ଏବଂ କଟକ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟରାଜ ନାୟକ ଦ୍ୱିତୀୟ, ସାହିଲ ରଂଜନ ଓଝା ତୃତୀୟ, ତେଜସ୍ୱିନୀ ଲେଙ୍କା ଚତୁର୍ଥ, ତନ୍‌ବୀର ସାହୁ ପଂଚମ ସ୍ଥାନୀତ ହୋଇଥିଲା ବେଳେ ଷଷ୍ଠସ୍ଥାନରେ ୯ଜଣ ଯଥାକ୍ରମେ, ବିଜୟା ଲକ୍ଷ୍ମୀ ସାହୁ, ଅନନ୍ୟା ବଳ, ଶୁଭଲକ୍ଷ୍ମୀ ମିଶ୍ର, ଓମ୍‌ଶ୍ରୀରାମ ଓଝା, ସୁଦିପ୍ତା ସାହୁ, ପାର୍ଥପ୍ରିତମ୍ ସାହୁ, ସାଇବନ୍ଦିତା ପରିଡ଼ା, ପ୍ରିୟବ୍ରତ ବେହେରା ଓ ନନ୍ଦିନୀପ୍ରିୟଦର୍ଶିନୀ ରାଉତ ପ୍ରମୁଖ ସମସ୍ତଙ୍କୁ ଉପଢ଼ୌକନ ,ପ୍ରଶଂସା ପତ୍ର ଏବଂ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରାଯାଇଥିଲା।

## ସରକାରଙ୍କ ଦ୍ୱାରସ୍ଥ ହେଲା ସୁଭଦ୍ରା ଟ୍ରକ ମାଲିକ ମହାସଂଘ
# ମହିଳା ଟ୍ରକ ମାଲିକଙ୍କ ସ୍ୱାବଲମ୍ବନ ଓ ଭଡା ବୃଦ୍ଧି ପ୍ରସଙ୍ଗରେ ଆଲୋଚନା

ଫୁଲନଖରା, ୨୭।୫:(ମନ୍ଥନ)ସୁଭଦ୍ରା ଟ୍ରକ ମାଲିକ ମହାସଂଘ, ଓଡିଶାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ବିଭିନ୍ନ ମନ୍ତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଟ୍ରକ ମାଲିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ପ୍ରତିନିଧି ଦଳ ପ୍ରଥମେ ରାଜ୍ୟର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ତାଙ୍କ ସରକାରୀ ବାସଭବନରେ ସାକ୍ଷାତ କରି ସଂଘ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ପରେ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ଇସ୍ପାତ, କମର୍ସ ଓ ଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ବିଭୁତିଭୂଷଣ ଜେନା ଏବଂ ପରିବହନ କମିଶନର ଶ୍ରୀଯୁକ୍ତ ଅମିତାଭ ଠାକୁରଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା । ମହାସଂଘ ପକ୍ଷରୁ ଉପସ୍ଥାପିତ ଦାବିପତ୍ରରେ ଡିଜେଲ ଓ ପେଟ୍ରୋଲ ଦରର ଅସ୍ୱାଭାବିକ ବୃଦ୍ଧି ଫଳରେ ସାଧାରଣ ଟ୍ରକ ମାଲିକମାନେ ଗୁରୁତର ଆର୍ଥିକ ସଙ୍କଟରେ ପଡୁଥିବା କଥା ଉଲ୍ଲେଖ କରାଯାଇଥିଲା । ଇନ୍ଧନ ଦର ବୃଦ୍ଧି ସହିତ ଗାଡି ରକ୍ଷଣାବେକ୍ଷଣ ଖର୍ଚ୍ଚ, ଟୋଲ ଟ୍ୟାକ୍ସ, ଷ୍ପେୟାର ପାର୍ଟସ ଓ ଡ୍ରାଇଭର ଭତ୍ତା ବୃଦ୍ଧି ପାଇଥିବାରୁ ଟ୍ରକ ବ୍ୟବସାୟ ଦିନକୁ ଦିନ କ୍ଷତିରେ ଚାଲୁଥିବା ସଂଘ ପକ୍ଷରୁ କୁହାଯାଇଥିଲା ।ଏପରି ପରିସ୍ଥିତିରେ ଟ୍ରକ ଭଡା ବୃଦ୍ଧି କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମହାସଂଘ ଦାବି କରିଛି । ସେହିପରି ଆଗାମୀ ଦିନରେ ମହିଳା ଟ୍ରକ ମାଲିକମାନେ କିପରି ଭାବରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ, ସେନେଇ ମଧ୍ୟ ବିସ୍ତୃତ



ଆଲୋଚନା ହୋଇଥିଲା । ମହିଳାମାନଙ୍କୁ ପରିବହନ କ୍ଷେତ୍ରରେ ଅଧିକ ସୁଯୋଗ ଓ ସରକାରୀ ପ୍ରୋତ୍ସାହନ ମିଳିଲେ ସେମାନେ ନିଜସ୍ୱ ଟ୍ରକ ବ୍ୟବସାୟ ଗଢ଼ି ଆର୍ଥିକ ଭାବେ ସଶକ୍ତ ହୋଇପାରିବେ ବୋଲି ମହାସଂଘ ପକ୍ଷରୁ ମତ ପ୍ରକାଶ ପାଇଥିଲା । ମନ୍ତ୍ରୀମାନେ ମହାସଂଘର ଦାବି ଓ ସମସ୍ୟାଗୁଡିକୁ ଗୁରୁତ୍ୱର ସହ ଶୁଣିଥିବା ସହ ସମ୍ଭବ ସହଯୋଗ ଓ ସମାଧାନ ପାଇଁ ଆଶ୍ୱାସନା ଦେଇଥିବା ସୂଚନା ମିଳିଛି । ଏହି ଅବସରରେ ସୁଭଦ୍ରା ଟ୍ରକ ମାଲିକ ମହାସଂଘର ସଭାପତି, ସମ୍ପାଦିକା ସହ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ସୁଭଦ୍ରା ଟ୍ରକ ମାଲିକ ମହାସଂଘ ଓଡିଶାର ସମସ୍ତ ୩୦ଟି ଜିଲ୍ଲାକୁ ନେଇ ଗଠିତ ହୋଇଥିବାବେଳେ ରାଜ୍ୟର ଟ୍ରକ ମାଲିକମାନଙ୍କ ସ୍ୱାର୍ଥ ସୁରକ୍ଷା, ସମସ୍ୟାର ସମାଧାନ ଓ ପରିବହନ କ୍ଷେତ୍ରର ଉନ୍ନତି ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି ।

ସୃଜନ

ଗୁରୁବାର ୨୮, ମଇ ୨୦୨୬, ଭୁବନେଶ୍ୱର
Thursday, 28 May 2026 Bhubaneswar





'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନିତୀନ -ନବୀନ ଚେତାବନୀ

ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଛି । ଅଣ୍ଟା ଭିଡୁଛନ୍ତି ବିଜେପି,ବିଜେଡି ଓ କଂଗ୍ରେସ ଓ ଆମ ଆଦମୀ ପାର୍ଟି ମଧ୍ୟ କସରତ ଆରମ୍ଭ କରିଦେଇଛି ଓ ସକ୍ରିୟ ହେଉଛି କକ୍ରୋଚ ଜନତା ଦଳ (ସିଜେପି)ଓ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ନିତୀନ -ନବୀନ ଅଚାନକ ଗସ୍ତ କରି ଓଡିଶା ରାଜନୀତିରେ ଚହଳ ସୃଷ୍ଟି କରିଛନ୍ତି ଓ ୪୫ ବର୍ଷ ବୟସ୍କ ଏହି ଯୁବ ବିଜେପି ରାଜନେତା, ବହୁ ବିଚାର ବିମର୍ଶ ଓ ବିଳମ୍ବ ପରେ ହାଇକମାଣ୍ଡଙ୍କ ଦ୍ୱାରା ପ୍ରଦତ୍ତ ଗୁରୁଦାୟିତ୍ୱ ବହନ କରିଛନ୍ତି ଓ ଓଡ଼ିଶାରେ ମାତ୍ର ଦୁଇ ବର୍ଷର ଶାସନ କାଳ ମଧ୍ୟରେ ବିଜେପିର ଲୋକପ୍ରିୟତା ଏତେ ତଳକୁ ଖସିଯିବ ବୋଲି ବୋଧହୁଏ ହାଇକମାଣ୍ଡ ଅନୁମାନ କରିପାରିନଥିଲେ ଓ ଓଡିଶା ଗସ୍ତ କରି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ନେତା, ସାଂସଦ ଓ କର୍ମୀଙ୍କ ସହ ଟିକିନିଖି ଆଲୋଚନା ପରେ ନିତୀନ -ନବୀନ କଡ଼ା ଶବ୍ଦରେ ସରକାରଙ୍କ କାର୍ଯ୍ୟାଳକାଳାପକୁ ସିଧାସଳଖ ସମାଲୋଚନା କରିଛନ୍ତି ଓ ସରକାର ଲୋକଙ୍କ ଆଶା ଆକାଂକ୍ଷା ପୂରଣରେ ସମ୍ପୂର୍ଣ ବିଫଳ ହୋଇଛନ୍ତି ।କର୍ମୀମାନଙ୍କୁ ଦେଖା ଦର୍ଶନ ଦେଉନାହାନ୍ତି ଓ ନିଜକୁ ଜଣେ ଜଣେ 'ଇନ୍ଦ୍ର'ବୋଲି ଭାବୁଛନ୍ତି । ସୋସିଆଲ ମିଡିଆରେ କେବଳ ଫୋଟୋ ପୋଷ୍ଟ କରୁଛନ୍ତି ଓ ଯଦି ଏବେ ନିର୍ବାଚନ ହୁଏ, ତେବେ ବିଜେଡି ୮୪ ଆସନ ପାଇବ ଓ ବିଜେପିକୁ ମାତ୍ର ୩୦ ଟି ଆସନ ମିଳିବ ବୋଲି ଚେତାବନୀ ଶୁଣାଇ ଦେଇଛନ୍ତି ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ନେତା ଓ ମନ୍ତ୍ରୀ ଅଧ୍ୟକ୍ଷଙ୍କ ଏପରି ତାଗିଦରେ ବିଚଳିତ ଓ ବିବ୍ରତ ହୋଇପଡିବା ସ୍ୱାଭାବିକ ଓ ଅଧ୍ୟକ୍ଷଙ୍କ ତେରେଚ୍ଛା ବାଣ ସ୍ପଷ୍ଟ ପ୍ରାମାଣିତ କରୁଛି ଯେ ଓଡିଶା ସରକାରଙ୍କ ଶାସନ,ପ୍ରଶାସନ,ପ୍ରଦର୍ଶନ ସହିତ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ଗୁରୁତର ତ୍ରୁଟି ବିଚ୍ୟୁତି ରହୁଛି ଓ ଆଇନଶୃଙ୍ଖଳା ଭଣ୍ଡୁଡି ପଡିଲାଣି । ମହିଳା -ବିରୋଧୀ ହିଂସା ବଢ଼ିବାରେ ଲାଗିଛି ଓ ରତ୍ନଭଣ୍ଡାର ଗଣତି ମଣତି ଠାରୁ ଆରମ୍ଭ କରି ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତିରେ ବାରମ୍ବାର ବିଭ୍ରାଟ ଘଟୁଛି ଓ ଆଦିବାସୀମାନଙ୍କ ମନରେ ଅସନ୍ତୋଷ ତେଜୁଛି । ନାବାଳିକା ଦୁଷ୍କର୍ମ, ହତ୍ୟାକାଣ୍ଡ ଘଟଣାରେ ପୋଲିସର ଭୂମିକା ଓ ତଦନ୍ତରେ ପକ୍ଷପାତ ଆଦି ଘଟଣାରେ ଜନଆକ୍ରୋଶ ବଢୁଛି ଓ ବେକାର ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି ଯୁବ ସମାଜ ଓ ଦରଦାମ ବୃଦ୍ଧି ପରିସ୍ଥିତିକୁ ଆହୁରି ଜଟିଳ କଲାଣି ଓ ବିପୁଳ ଅର୍ଥ ବ୍ୟୟ କରି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ, ଧର୍ମାନୁଷ୍ଠାନକୁ ଦାନରେ ସନ୍ତୁଷ୍ଟ ସରକାର ଓ ହିନ୍ଦୁ -ମୁସଲମାନ ଧ୍ରୁବୀକରଣରେ ମାତିଲେଣି ତଥାକଥିତ ହିନ୍ଦୁତ୍ୱବାଦୀ ସଙ୍ଗଠନ ଓ ଶାନ୍ତିପ୍ରିୟ ଓଡ଼ିଶାରେ ସମ୍ପ୍ରଦାୟିକତାର ବିଷ ମଞ୍ଜି ବୁଣାଗଲାଣି ଓ ବିଜେପିର ଅବସ୍ଥା ସାଙ୍ଘାତିକ ହେଉଥିବାବେଳେ ବିଜେଡି ମୁଖିଆ ଅସହାୟ ହୋଇପଡିଛନ୍ତି । ଦଳର ତୁଙ୍ଗ ନେତା ତଥା ରାଜ୍ୟସଭା ସାଂସଦ, ଦେବାଶିଷ ସାମନ୍ତରାୟ ବିଜେଡି ଛାଡି ବିଜେପିରେ ଯୋଗଦେଲେଣି । ସୁଯୋଗକୁ ଅପେକ୍ଷା କରିଛନ୍ତି ଆଉ କେତେକ ତୁଙ୍ଗ ନେତା ଓ ଅନ୍ୟପକ୍ଷରେ ସିଜେମାଳି ପାହାଡିଆ ଅଞ୍ଚଳରେ ଆଦିବାସୀମାନଙ୍କ ହକ ଲୁଟିନେଇ ଅଦାନୀ । ବେଦାନ୍ତ ହାତରେ ଟେକିଦେବା ପାଇଁ କେନ୍ଦ୍ର -ରାଜ୍ୟ ସରକାର ଯେଉଁ ଚକ୍ରାନ୍ତ ଚଳାଇଛନ୍ତି ତାହାର ଦୃଢ ବିରୋଧ କରିଛି କଂଗ୍ରେସ ଓ ତୃଣମୂଳ ସ୍ତରରୁ କଂଗ୍ରେସକୁ ସଶକ୍ତ କରିବେ ବୋଲି ଦଳର ସଭାପତି, ଭକ୍ତ ଚରଣ ଦାସ ତାଙ୍କର ନିଷ୍ପାପର ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଏକାକୀ ନିର୍ବାଚନ ଲଢ଼ିବାର ସଂକଳ୍ପ ନେଇ ମୈଦାନକୁ ଓହ୍ଲାଇବାର ପ୍ରକ୍ରିୟାରେ ଅଧିକ ଶକ୍ତିଶାଳୀ ହେଉଛି କଂଗ୍ରେସ ଓ ବିଜେପି -ବିଜେଡି ମାୟାଜାଲରେ ଛନ୍ଦି ହୋଇ ମରୀଚିକା ପଛରେ ଧାଇଁବା ଅପେକ୍ଷା ଗ୍ରାଉଣ୍ଡ ଜିରୋରୁ କଂଗ୍ରେସର ହାତମୁଠା ଟାଣ କରି ପୁଣି ଥରେ କଂଗ୍ରେସକୁ ଗାଦିରେ ବସାଇବା ପାଇଁ ଯେଉଁ ନିରବ ଜାଗରଣ ସୃଷ୍ଟି ହେଲାଣି ହୁଏତ ଉଭୟ ବିଜେପି -ବିଜେଡିକୁ ଏହାର ଆଭାସ ମିଳିଗଲାଣି ।

# ଜନସଂଖ୍ୟା ନୀତିର ପ୍ରକୃତ ସତ୍ୟ ଓ ଭବିଷ୍ୟତ

**ସୌଭାଗ୍ୟ ରଂଜନ ମହାନ୍ତି**

ଆନ୍ଧ୍ରପଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ନୂତନ ଜନସଂଖ୍ୟା ପରିଚାଳନା ନୀତି ଏବଂ ଅଧିକ ସନ୍ତାନ ଜନ୍ମ କଲେ ନଗଦ ଅର୍ଥରାଶି ପ୍ରଦାନ କରିବାର ନିଷ୍ପତି ସମଗ୍ର ଦେଶରେ ଏକ ଭିନ୍ନ ଏବଂ ଗମ୍ଭୀର ବିତର୍କ ସୃଷ୍ଟି କରିଛି, ଯାହା ଭାରତର ପାରମ୍ପରିକ ପରିବାର ନିୟନ୍ତ୍ରଣ ଆଭିମୁଖ୍ୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବାକୁ ଚେଷ୍ଟା କରୁଛି । ଗୋଟିଏ ସମୟରେ ଯେତେବେଳେ ଭାରତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ 'ଆମେ ଦୁଇ ଆମର ଦୁଇ' କିମ୍ବା 'ଏକ ସନ୍ତାନ' ନୀତି ଉପରେ ଜୋର ଦେଇ ଆସୁଥିଲା, ସେତେବେଳେ ଜଣେ ବରିଷ୍ଠ ତଥା ଅଭିଜ୍ଞ ମୁଖ୍ୟମନ୍ତ୍ରୀଙ୍କର ଏଭଳି ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଛି । ମୁଖ୍ୟମନ୍ତ୍ରୀ ନାଇଡୁ ଶ୍ରୀକାକୁଲମ ଜିଲ୍ଲାର ନରସନ୍ନାପେଟାଠାରେ ଆୟୋଜିତ ଏକ ଜନସଭାରେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ତୃତୀୟ ସନ୍ତାନର ଜନ୍ମ ପାଇଁ ସରକାର ୩୦,୦୦୦ ଟଙ୍କା ଏବଂ ଚତୁର୍ଥ ସନ୍ତାନର ଜନ୍ମ ପାଇଁ ୪୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବେ, ଯାହା ପୂର୍ବରୁ ଦ୍ୱିତୀୟ ସନ୍ତାନ ପାଇଁ ପ୍ରସ୍ତାବିତ ୨୫,୦୦୦ ଟଙ୍କାର ପ୍ରୋତ୍ସାହନଠାରୁ ଅଧିକ । ଏହି ନୀତି ପଛରେ ଥିବା ବାସ୍ତବତା ଓ ଆଶଙ୍କାକୁ ଦେଖିଲେ ଜଣାପଡେ ଯେ ଆନ୍ଧ୍ରପ୍ରଦେଶର ମୋଟ ପ୍ରଜନନ ହାର ବା ଟୋଟାଲ ଫର୍ଟିଲିଟି ରେଟ୍ (ଟିଏଫଆର) ବିଗତ ଦଶନ୍ଧିଗୁଡିକରେ ବହୁତ ହ୍ରାସ ପାଇଛି ଯାହା ୧୯୯୩ ମସିହାରେ ୩.୦ ଥିବାବେଳେ ବର୍ତମାନ ମାତ୍ର ୧.୫ କୁ ଖସି ଆସିଛି, ଯେଉଁଠି ଜନସଂଖ୍ୟାର ସନ୍ତୁଳନ ରକ୍ଷା କରିବା ପାଇଁ ସର୍ବନିମ୍ନ ପ୍ରତିସ୍ଥାପନ ହାର ୨.୧ରହିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ ଯଦି ଏହି ହାର କ୍ରମାଗତ ଭାବେ ହ୍ରାସ ପାଇ ଚାଲେ, ତେବେ ରାଜ୍ୟରେ କାର୍ଯ୍ୟକ୍ଷମ ବୟସର ବା ଯୁବ ଜନଶକ୍ତିର ସଂଖ୍ୟା ବହୁ ପରିମାଣରେ କମିଯିବ ଏବଂ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ବୃଦ୍ଧି ପାଇବ, ଯାହା ସୁଦୂରପ୍ରସାରୀ ଅର୍ଥନୈତିକ ଅଭିବୃଦ୍ଧିକୁ ମନ୍ଥର କରିଦେବ । ଜାପାନ, ଦକ୍ଷିଣ କୋରିଆ ଏବଂ ଇଟାଲୀ ଭଳି ବିକଶିତ ଦେଶଗୁଡିକରେ ଦେଖାଦେଇଥିବା ଜନସଂଖ୍ୟା ହ୍ରାସ ଜନିତ ସଙ୍କଟ ଓ ଶ୍ରମିକ ଅଭାବର ଉଦାହରଣ ଦେଇ ସେ ଦର୍ଶାଇଛନ୍ତି ଯେ ଭାରତ ତଥା ବିଶେଷ କରି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି । ଏହି ପରିପ୍ରେକ୍ଷୀରେ ସେ ପିଲାମାନଙ୍କୁ ପରିବାରର ବୋଝ ନଭାବି ଦେଶର ସମ୍ପତି ଭାବେ ବିବେଚନା କରିବାକୁ ଆହ୍ୱାନ ଦେଇଛନ୍ତି, ଯାହା ଆଗାମୀ ଦିନରେ ଦେଶର ଶ୍ରମଶକ୍ତିକୁ ମଜବୁତ କରିବ । ଏହି ପ୍ରସ୍ତାବିତ ଜନସଂଖ୍ୟା ପରିଚରାଳନା ନୀତି କେବଳ ଏକକାଳୀନ ନଗଦ ଅର୍ଥ ପ୍ରଦାନ ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ପାଂଚ ବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କାର ପୁଷ୍ଟିହୀନତା ସହାୟତା, ୧୮ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମହିଳାମାନଙ୍କ ପାଇଁ ୧୨ ମାସର ମାତୃତ୍ୱ ଛୁଟି ଏବଂ ପିତାଙ୍କ ପାଇଁ ଦୁଇ ମାସର ପିତୃତ୍ୱ ଛୁଟି ଭଳି ବ୍ୟାପକ ପୋଷଣ-ଶିକ୍ଷା-ସୁରକ୍ଷା ପ୍ୟାକେଜ ସାମିଲ କରାଯାଇଛି, ଯାହା ମାତୃତ୍ୱ, ଶକ୍ତି, କ୍ଷେମ, ନୈପୁଣ୍ୟ ଏବଂ ସୀବନୀ ନାମକ ପାଂଚଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ । ତେବେ ଏହି ନୀତିକୁ ନେଇ ଦେଶରେ ରାଜନୈତିକ ଓ ସାମାଜିକ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି, ଯେଉଁଠାରେ ସମାଲୋଚକ ଏବଂ ବିରୋଧୀ ଦଳଗୁଡିକ ଏହାକୁ ଏକ ଅବାସ୍ତବ, ଦୁରୂହ ଏବଂ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାର ଏକ ରଣନୀତି ବୋଲି ଅଭିହିତ କରିଛନ୍ତି । ବିରୋଧୀଙ୍କ ମତରେ , ରାଜ୍ୟର ଆର୍ଥିକ ସ୍ଥିତିକୁ ବିଚାର ନକରି ଏଭଳି ବଡ ଧରଣର ନଗଦ ଅର୍ଥ ପ୍ରଦାନର ପ୍ରତିଶ୍ରୁତି ପୂରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ଏଭଳି ବିତର୍କ ସୃଷ୍ଟି କରୁଛନ୍ତି । ଏହା ସହିତ ଏହି ପ୍ରଶ୍ନ ମଧ୍ୟ ଉଠୁଛି ଯେ ଯେଉଁଠି ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତିର ସୁଯୋଗ ସୀମିତ ରହିଛି, ସେଠାରେ କେବଳ ଆର୍ଥିକ ଲୋକ ଦେଖାଇ ଅଧିକ ପିଲା ଜନ୍ମ କରିବା ପାଇଁ ପ୍ରୋତ୍ସାହିତ କରିବା କେତେଦୂର ଯୁକ୍ତିଯୁକ୍ତ କାରଣ ଅଧିକ ଜନସଂଖ୍ୟା ଅର୍ଥନୈତିକ ସମ୍ପତି ହେବା ପରିବର୍ତେ ଯଦି ଉପଯୁକ୍ତ ଶିକ୍ଷା ଓ ନିଯୁକ୍ତି ନପାଏ ତେବେ ତାହା ଦେଶ ପାଇଁ ବୋଝ ପାଲଟିଯିବାର ଆଶଙ୍କା ରହିଛି । ଅନ୍ୟପଟେ, ଏହି ଜନସଂଖ୍ୟା ନୀତି ପଛରେ ଲୁଚି ରହିଥିବା ସବୁଠାରୁ ବଡ ରାଜନୈତିକ କାରଣ ହେଉଛି ଆଗାମୀ ଦିନରେ ଦେଶରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ମଣ୍ଡଳୀର ପୁନଃନିର୍ଦ୍ଧାରଣ ବା ଡିଲିମିଟେସନ୍ ପ୍ରକ୍ରିୟା ଯାହା ଜନସଂଖ୍ୟା ଆଧାରରେ ସ୍ଥିର କରାଯିବ । ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ବିଗତ ଦଶନ୍ଧିଗୁଡିକରେ ସଫଳତାର ସହ ପରିବାର ନିୟନ୍ତ୍ରଣ ବୃଦ୍ଧି ପାଇଛି ଯାହାଦ୍ୱାରା ଆଗାମୀ ପୁନଃନିର୍ଦ୍ଧାଣରେ ଦକ୍ଷିଣ ଭାରତର ସଂସଦୀୟ ଆସନ ସଂଖ୍ୟା କମିଯିବାର ଏବଂ ସେମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ତଥା କେନ୍ଦ୍ରୀୟ ପାଣ୍ଠି ବଂଟନରେ ପ୍ରଭାବ ହ୍ରାସ ପାଇବାର ଏକ ବଡ ଆଶଙ୍କା ରହିଛି । ଚନ୍ଦ୍ରବାବୁ ନାଇଡୁଙ୍କ ଏହି ପଦକ୍ଷେପକୁ ଆଇଏସଏସ ମୁଖ୍ୟ ମୋହନ ଭାଗବତଙ୍କ ବିଚାରାଧାରା ସହିତ ମଧ୍ୟ ଯୋଡି ଦେଖାଯାଉଛି, ଯେଉଁଥିରେ ପ୍ରତିଟି ଭାରତୀୟ ପରିବାରରେ ଅତି କମରେ ତିନୋଟି ସନ୍ତାନ ରହିବା ଆବଶ୍ୟକ ବୋଲି କୁହାଯାଇଥିଲା । ଏହି ସମଗ୍ର ନୀତି ବାସ୍ତବରେ ଦେଶର ଭବିଷ୍ୟତ ଯୁବ କାର୍ଯ୍ୟକ୍ଷମ ବାହିନୀକୁ ସୁରକ୍ଷିତ କରିବାର ଏକ ଦୂର ଦୃଷ୍ଟିସମ୍ପନ ପ୍ରୟାସ ନା ଏହା କେବଳ ପୁନଃନିର୍ଦ୍ଧାରଣ ରାଜନୈତିକ ପ୍ରଭାବକୁ ରୋକିବାର ଏକ ଆଂଚଳିକ ରଣନୀତି ଏବଂ ଏହାର ଆର୍ଥିକ ବୋଝ, ରାଜ୍ୟ କୋଷାଗାର ଉପରେ କିଭଳି ପ୍ରଭାବ ପକାଇବ, ତାହା ଆଗାମୀ ସମୟରେ ହିଁ ସ୍ପଷ୍ଟ ହେବ, ମାତ୍ର ଏହା ଭାରତର ଜନସଂଖ୍ୟା ବିଜ୍ଞାନ ଏବଂ ନୀତି ନିର୍ଦ୍ଧାରଣକୁ ଏକ ନୂଆ ମୋଡ ଦେଇଛି ଏଥିରେ କୌଣସି ସନ୍ଦେହ ନାହିଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-[illegible]

# ଦେଶ ବାହାରେ ଜଗନ୍ନାଥ ଚେତନା

**ବିକ୍ରମ ମହାପାତ୍ର**

ସର୍ବଧର୍ମ, ସର୍ବମତ ଓ ସମସ୍ତ ଚିନ୍ତାଚେତନାର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଭିନ୍ନ ସଂସ୍କୃତି । ଶ୍ରୀଜଗନ୍ନାଥ ହେଉଛନ୍ତି ସମନ୍ୱୟୀ । ନାନକ, କବୀର, ଶଙ୍କର, ଚୈତନ୍ୟ, ରାମାନୁଜ, ଗଣପତି ଭଟ୍ଟ, ବୁଦ୍ଧ, ଜୈନ ଏପରିକି ଭଗବାନ ଯୀଶୁ ପର୍ଯ୍ୟନ୍ତ ସମସ୍ତଙ୍କର ଚିନ୍ତାକୁ ଓ ମତକୁ ଶ୍ରୀଜଗନ୍ନାଥ ସଂସ୍କୃତି ସ୍ୱୀକୃତି ଦେଇଛନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ୍ୟ ସ୍ୱୟଂ ସମ୍ପୂର୍ଣ୍ଣ । ସେ ହେଉଛନ୍ତି ସମଗ୍ର ମୂର୍ତ୍ତିତତ୍ତ୍ୱର ପ୍ରତୀକ । ସର୍ବଧର୍ମର ମୂଳାଧାର । ସର୍ବକର୍ମ ସ୍ୱରୂପ । ସର୍ବଜୀବ ସ୍ୱରୂପ । ସେ ସିଦ୍ଧିଦାତା ଓ ମୁକ୍ତିଦାତା । ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ । ତାଙ୍କର ରୂପ, ରଙ୍ଗ, ଆକାର, ବେଶ, ପୋଷାକ, ପୂଜା, ପାର୍ବଣ, ଯାତ୍ରା, ଉତ୍ସବ ଅନୁଷ୍ଠାନ, ମନ୍ଦିର ତଥା କ୍ଷେତ୍ର ବିଷୟକ ସମଗ୍ର ତତ୍ତ୍ୱ ଓ ତଥ୍ୟ ରହସ୍ୟମୟ । ଏହି ରହସ୍ୟ ମଧ୍ୟରେ ଅପୌରୁଷେୟ ରହସ୍ୟର କେନ୍ଦ୍ରବିନ୍ଦୁ ତଥା ସମଗ୍ର ତତ୍ତ୍ୱର ପ୍ରତୀକ ହେଉଛନ୍ତି ସ୍ୱୟଂ ଜଗନ୍ନାଥ ।

ମହାପ୍ରଭୁ କୌଣସି ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନୁହଁନ୍ତି । ସେ ବିଭିନ୍ନ ସମ୍ପ୍ରଦାୟ ଭିତ୍ତିକ ଧର୍ମଦର୍ଶନ ଭିତ୍ତିରେ ବିଶ୍ୱମାନବ ସମାଜରେ ପରସ୍ପର ମଧ୍ୟରେ ବୁଝାମଣା ଓ ସହନଶୀଳତାର ଚେତନାକୁ ଜାଗ୍ରତ କରନ୍ତି । ବେଦଧର୍ମବାଦୀ ଭାରତୀୟ ସନାତନ ସମ୍ପ୍ରଦାୟ ତାର ଆଗମ ନିଗମ ଚର୍ଯ୍ୟା ଚଳଣି, ଐତିହ୍ୟ ସଂସ୍କୃତି ପରମ୍ପରାରେ ଧର୍ମ ସଂକୀର୍ଣ୍ଣତାକୁ କେବେ ପ୍ରଶ୍ରୟ ଦେଇ ନାହିଁ । ସେ ବହୁ ଦେବ ବାଦ ଗ୍ରହଣ କରିଛି, ପରନ୍ତୁ ଅଦ୍ୱୈତବାଦ ଅଥବା ନିରାକାର ଶୂନ୍ୟବାଦକୁ ଅସ୍ୱୀକାର କରିନାହିଁ । ସୃଷ୍ଟି ପର୍ଯ୍ୟାୟର କେଉଁ ସ୍ମରଣାତୀତ କାଳରୁ ସେ ଏପରି ଏକ ବିଶ୍ୱ ଜନୀନ ଉଦାର ଧର୍ମ ସଂସ୍କୃତିର ବଳିଷ୍ଠ ଭିତ୍ତିପାର କରିଛି, ଯେଉଁଥିରେ ଦେଶ ଦେଶ, ମଣିଷ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କୌଣସି ଭେଦବୋଧ ରହିନାହିଁ କି ଭିନ୍ନ ଚିନ୍ତା ଭିନ୍ନ ପନ୍ଥାବଲମ୍ବନକାରୀଙ୍କ ପ୍ରତି ଅସହନଶୀଳ ବା ଅସ୍ପୃଶ୍ୟପରବେଶ ହୋଇନାହିଁ । ଏବଂ ଭୂତ ଯେଉଁ ମାନବବାଦୀ ଚେତନା, ତାହା ହିଁ ଜଗନ୍ନାଥ ଧର୍ମ ସଂସ୍କୃତି ଚେତନା ଏବଂ ଆବାହମାନ କାଳରୁ ଏହା ଏ ଦେଶର ଭାବରାଜ୍ୟରେ ଯେପରି ବଳିଷ୍ଠ ସେହିପରି ସୁପରିପୁଷ୍ଟ ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି, ଚାରିଗୋଟି ବିଗ୍ରହର ସମାହାର ଅର୍ଥାତ୍ 'ଜ' ଜଗନ୍ନାଥ, 'ବ' ବଳଭଦ୍ର, 'ସୁ' ସୁଭଦ୍ରା ଏବଂ 'ଥ' ସୁଦର୍ଶନ । ଚତୁର୍ଦ୍ଧା ମୂର୍ତ୍ତିବେଦ ବର୍ଣ୍ଣିତ ମୋକ୍ଷ ଲାଭର ଚାରିଗୋଟି ସୋପାନ ମଧ୍ୟ । ତାହା ହେଉଛି କର୍ମ, ଜ୍ଞାନ, ଧ୍ୟାନ ଓ ମୋକ୍ଷ । ଉକ୍ତ ଚାରିଗୋଟି ସୋପାନର ପ୍ରତୀକ ହେଉଛନ୍ତି ଯଥାକ୍ରମେ ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା । ଏବଂ ସୁଦର୍ଶନ । ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଜ୍ଞାନ, କର୍ମ, ସାମ୍ୟ, ମୈତ୍ରୀ କରୁଣାର ଏ କମଧୁର ସମନ୍ୱୟ । ଏଠାରେ ମାନବ ମାନବରେ ଭେଦ ନାହିଁ । ଅଧିକାରଭେଦରେ ବ୍ୟକ୍ତିର କର୍ତ୍ତବ୍ୟ ଭିନ୍ନ ହେଲେ ହେଁ ବିକାଶରେ ବ୍ୟକ୍ତି ମାତ୍ରେ ହିଁ ଏକ । ଅନ୍ୟ ହୋଇ ମଧ୍ୟ ବ୍ୟକ୍ତି ଅନନ୍ୟ ସର୍ବଭିତରେ ସେ ନିଜେ ଓ ନିଜ ଭିତରେ ସେ ସର୍ବଭୂତ ଅର୍ଥାତ୍ ସର୍ବତ୍ର ନିଜକୁ ଦେଖିବା ଓ ସମସ୍ତଙ୍କୁ ନିଜ ଠାରେ ଦେଖିବା ହେଉଛି ତାର କର୍ତ୍ତବ୍ୟ ।

ରଥଯାତ୍ରା ଦିନ ଭକ୍ତମାନଙ୍କୁ ଦର୍ଶନ ନିମନ୍ତ ସେ ରତ୍ନସିଂହାସନ ପରିତ୍ୟାଗ କରି ଧାଇଁ ଆସନ୍ତି ବଡ଼ଦାଣ୍ଡର ଜନସମୂହ ମଧ୍ୟକୁ କେବଳ ପତିତପାବନ ନାମକୁ ସାର୍ଥକ କରିବା ପାଇଁ । ସେ ସମଦର୍ଶୀ ସମସ୍ତଙ୍କ ପାଇଁ ତାଙ୍କ ଅପାର କରୁଣାର ସ୍ରୋତ ପ୍ରବାହିତ ଏବଂ ସମସ୍ତଙ୍କୁ ଆପଣାର କରିବାର ମହତ ପଣିଆ ତାଙ୍କ ଠାରେ ଅନ୍ତର୍ନିହିତ । ତାଙ୍କରି ପାଇଁ ଓଡ଼ିଆ ସାରା ବିଶ୍ୱରେ ବଜାଇଛି ଶାନ୍ତି, ମୈତ୍ରୀ, ସଂହତି ଓ ସଦଭାବନାର ଧ୍ୱଜା । ତାଙ୍କ ପାଇଁ ଓଡ଼ିଆ ଜାତି ଆଜି ଗର୍ବିତ ଏବଂ ଓଡ଼ିଶାର ମାଟି ଆଜି ମହିମା ମଣ୍ଡିତ । ରଥଯାତ୍ରା ହେଉଛି ଜନତା ଓ ଜନାର୍ଦ୍ଦନଙ୍କର ପ୍ରିୟତମ ଉତ୍ସବ । ଏହା ଏକ ଗଣପର୍ବରେ ମାନ୍ୟତା ଲାଭ କରିଛି । ଏହାକୁ ମଧ୍ୟ ଘୋଷ ଯାତ୍ରା କୁହାଯାଏ । ଘୋଷ ଶବ୍ଦର ଅର୍ଥ ମଙ୍ଗଳ ପ୍ରଦାୟକ । ସମଗ୍ର ଜନତାଙ୍କ ମଙ୍ଗଳ ବିଧାନ ନିମନ୍ତେ ମହାବାହୁ ରତ୍ନସିଂହାସନ ତ୍ୟାଗ କରି ବଡ଼ଦାଣ୍ଡର ଜନସମୁଦ୍ର ମଧ୍ୟରେ ନିଜକୁ ଏକାକାର କରିଦିଅନ୍ତି । ଭକ୍ତି ଭାବ ଉଦ୍ରେକକାରୀ ରଥଯାତ୍ରାର ଅନ୍ୟତମ ବା ପତିତପାବନ ଯାତ୍ରା ପତିତ ମାନଙ୍କର ଉଦ୍ଧାର ନିମନ୍ତେ ସ୍ୱୟଂ ମହାପ୍ରଭୁ ରଥରେ ବିଜେ କରିଥାନ୍ତି । ଶ୍ରୀଜଗନ୍ନାଥ ସନାତନ ଧର୍ମ ଚେତନାର ସର୍ବଶ୍ରେଷ୍ଠ ଅଭିବାଦ ସେ ଓଡ଼ିଆ ଜାତିର ଧର୍ମ ସମ୍ପଦ, ଗୌରବ, ସାହିତ୍ୟ, ସଭ୍ୟତା ସଂସ୍କୃତି ଓ ଆତ୍ମିକ ବିକାଶର ଚୂଡ଼ାନ୍ତ ପ୍ରତୀକ ଓ ପରିଣତ ପତିତପାବନ ବାନାକୁ ଉଡାଇ ଏହି ଧର୍ମରେ ଶାନ୍ତି, ସହାବସ୍ଥାନ, ସାମ୍ୟ, ମୈତ୍ରୀ ସଂପ୍ରତି ଐକ୍ୟ ପ୍ରଭୃତି ବସୁଧୈବକ କୁଟୁମ୍ବକମ୍ ଭାବରେ ପରିପ୍ରକାଶ ।

ରଥଯାତ୍ରା ସମ୍ବନ୍ଧରେ ପ୍ରଥମ ପରିକଳ୍ପନା କରି କଠୋପନିଷଦ କୁହନ୍ତି- 'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ । ବୁଦ୍ଧିଂ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହ ମେବଚ ।। ଇନ୍ଦ୍ରିୟାଣି ହୟାନାହୁର୍ବିଷୟାସ୍ତେଷୁ ଗୋଚରାନ୍ । ଆତ୍ମେନ୍ଦ୍ରିୟ ମନୋଯୁକ୍ତଂ ଭୋକ୍ତେତ୍ୟାହୁର୍ମନୀଷିଣଃ ।।' ସେହିପରି ଏହି ଯେଉଁ ରଥର କଳ୍ପନା କରାଯାଇଛି ତା'କୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଜଗନ୍ନାଥଙ୍କର ରଥଯାତ୍ରା ଆଜି ଚାଲିଛି, ସେଥିରେ ଆତ୍ମା ହେଲେ ସ୍ୱୟଂ ଶ୍ରୀଜଗନ୍ନାଥ । ସମଗ୍ର ମାନବ ସମାଜର ସେ ପ୍ରତୀକାତ୍ମକ ଏବଂ ସସାଗରାଚରାଚର ତାଙ୍କର ସହଚର । ମାନବ ସମାଜର ପ୍ରଗତିର ଘୋଷଯାତ୍ରା । ତେବେ ପ୍ରଶ୍ନ ଆସେ ଏ ରଥ କିଏ ? ତା'ର ତଥ୍ୟାତ୍ମକ ବ୍ୟାଖ୍ୟାନ କ'ଣ ? ତା'ର ପ୍ରୟୋଜନୀୟତା କ'ଣ ? ରଥଯାତ୍ରାର ପ୍ରାଚୀନତା ସମ୍ପର୍କରେ ପୁରାଣ ପରମ୍ପରା ପ୍ରଥମ ସାକ୍ଷ୍ୟ ପ୍ରଦାନ କରିଥାଏ । ବ୍ରହ୍ମ ପୁରାଣ କହେ, 'ଗୁଣ୍ଡିଚାମଣ୍ଡପଂ ଯାନ୍ତଂ ଯେ ପଶ୍ୟନ୍ତି ରଥେସ୍ଥିତମ୍ । କୃଷ୍ଣଂ ବଳଂ ସୁଭଦ୍ରାଂ ଚ ତେ ଯାନ୍ତି ଭବନଂ ହରେଃ ।। ଯେ ପଶ୍ୟନ୍ତି ତଦା କୃଷ୍ଣଂ ସପ୍ତାହଂ ମଣ୍ଡପେ ସ୍ଥିତମ୍ । ହଳିନଂ ଚ ସୁଭଦ୍ରାଂ ଚ ବିଷ୍ଣୁଲୋକଂ ବ୍ରଜନ୍ତିତେ ।।' ସ୍କନ୍ଦ ପୁରାଣ, ନୀଳାଦ୍ରୀ ମହୋଦୟ, ପଦ୍ମ ପୁରାଣ, କପିଳ ସଂହିତା, ଯାତ୍ରା ଭାଗବତ, ଚୈତନ୍ୟଚରିତାମୃତ ଆଦି ଗ୍ରନ୍ଥ ଗୁଡ଼ିକରେ ରଥଯାତ୍ରାର ପ୍ରାଚୀନତା ତଥା ସର୍ବଶ୍ରେଷ୍ଠତ୍ୱକୁ ଗ୍ରହଣ କରାଯାଇଛି । ବୈଶାଖ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଅର୍ଦ୍ଧରାତ୍ରି କାଳରେ ମଧ୍ୟସ୍ଥଳରେ ଚୂନ ଲିପା ହୋଇ ସୁନ୍ଦର ବେଦୀ କରାଯାଇଥାଏ । ତୃତୀୟା ତିଥିର ପ୍ରଥମ ଭାଗରେ ଚନ୍ଦନ ଲାଗି କାର୍ଯ୍ୟ ପରେ ନାନାବିଧ ସୂକ୍ଷ୍ମବସ୍ତ୍ର, ମାଲ୍ୟ, ଭୋଜ୍ୟ, ଭକ୍ଷ୍ୟ, ପେୟ ଏବଂ ଗବ୍ୟ ଦ୍ରବ୍ୟ ସହିତ ନାନା ପ୍ରକା ସୁସ୍ୱାଦୁ ଓ ଶୁଭ ଖାଦ୍ୟ ଦ୍ରବ୍ୟ ଓ କର୍ପୂର ସୁବାସିତ ତାମ୍ବୁଳ ଦ୍ୱାରା ଜଗନ୍ନାଥଙ୍କୁ ପୂଜା କରାଯାଇ ଚନ୍ଦନଯାତ୍ରାର ଶୁଭ ଦିଆଯାଏ ଏବଂ ଏହି ଦିନ ରଥଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଏ । ସ୍ନାନପୂର୍ଣ୍ଣିମା ପରଠାରୁ ପନ୍ଦର ଦିନ ଦର୍ଶନ ନିଷିଦ୍ଧ ହୋଇଯାଏ । ପ୍ରତିଦିନ ନିୟମ ଅନୁସାରେ ଶ୍ରୀଅଙ୍ଗ ସଂସ୍କାର ହୁଏ ।

ଅମାବାସ୍ୟା ସରିକି ଠାକୁରମାନଙ୍କର ଚିତ୍ରକାମ ଶେଷ ହୋଇଯାଏ । ସେହିଦିନ ନବଯୌବନ ଦର୍ଶନ ହୁଏ । ପ୍ରତିପଦ ଦିନ ଠାକୁରମାନଙ୍କର ନେତ୍ରୋତ୍ସବ ହୁଏ । ବାରମାସର ତେର ପର୍ବ ହୋଇଥାଏ କିନ୍ତୁ ପ୍ରକୃତରେ ବେଶିଯାତ ହୋଇଥାଏ । କିନ୍ତୁ ପ୍ରଧାନ ହେଉଛି ବାରଟି ଯାତ । 'ମଞ୍ଚେ ସ୍ନାନ ରଥ ବରଗତ ଶୟନ ଚାୟନ ଦ୍ୱୟଂ, ପାର୍ଶ୍ୱାବୃତ୍ତି ଶୟନ ନିବୃତ୍ତି ପାର୍ବଣ ପୁଷ୍ୟପୂଜା, ଦୋଳରା କେଳି, ଦମନକ ମୋହଂ ଚାକ୍ଷ ପୂର୍ଣ୍ଣ ତୃତୀୟା ଏସାଂ ଯାତ୍ରା ଭୁବନବନ୍ଦିତା ଦ୍ୱାଦଶେୟଂ ନରେନ୍ଦ୍ର ।' ମହାପ୍ରଭୁ ତିନି ରଥରେ ବରଷକୁ ଥରେ ଦ୍ୱାଦଶ ଯାତ୍ରାରୁ ଶ୍ରେଷ୍ଠ ଗୁଣ୍ଡିଚା ଯାତ୍ରା ଘୋଷ ଯାତ୍ରା, ରଥଯାତ୍ରାରେ ବିଜେ ହୁଅନ୍ତି । ସାମ୍ୟ, ମୈତ୍ରୀ, ପ୍ରେମ, ସ୍ନେହର ଆଦର କରି ସମସ୍ତଙ୍କୁ କୋଳେଇ ନିଅନ୍ତି । ସମସ୍ତଙ୍କୁ ଆପଣାର କରନ୍ତି । ଧନ୍ୟ ସେ ମହାବାହୁ ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

# ଉପେନ୍ଦ୍ର ଭଂଜଙ୍କ କାବ୍ୟ ବୈଦେହୀଶ ବିଳାସରେ ଆଦିବାସୀ ଜୀବନ ଓ ଲୋକ ସଂସ୍କୃତି

**ଉମାଶଙ୍କର ପ୍ରସାଦ**

କବି ସମ୍ରାଟ ଉପେନ୍ଦ୍ର ଭଂଜଙ୍କ କାବ୍ୟକୃତି ବୈଦେହୀଶ ବିଳାସରେ କବି ଅତି କମନୀୟଭାବେ ଆଦିବାସୀ ଜୀବନ ଚରିତ୍ର ଓ ଲୋକ ସଂସ୍କୃତି ଭାବଧାରାକୁ ନେଇ ସେ ଓଡ଼ିଶାର ଆଦିବାସୀ ଜୀବନ ଚରିତ୍ରଠାରୁ ଆରମ୍ଭ କରି ଲୋକାଚାର, ଧର୍ମାଚାର, ସାମାଜିକ ଆଚାର, ଲୋକ ପରମ୍ପରା, ବିଭିନ୍ନ ଜାତି ଓ ବୃତି, ଲୋକ ଚଳଣିରେ ଥିବା ବସ୍ତ୍ରାଭୂଷଣ ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି । ଏକ ପରିପୂର୍ଣ୍ଣ ସମାଜର ବିବିଧତା ତଥା ବ୍ୟାପକତା ପ୍ରଦର୍ଶନ ନିମନ୍ତେ ଉପେନ୍ଦ୍ର ତାଙ୍କର ବିଭିନ୍ନ କାବ୍ୟରେ ଆଦିବାସୀମାନଙ୍କର ବର୍ଣ୍ଣନା ଉପସ୍ଥାପନା କରିଛନ୍ତି । ବିଭିନ୍ନ ସମୟରେ ଭାରତୀୟ ପୁରାଣ ଗୁଡ଼ିକରେ ରାମଚନ୍ଦ୍ରଙ୍କ ସହ ଗୁହ ଶବର, ଶ୍ରୀକୃଷ୍ଣଙ୍କ ସହ ଜାରା ଶବର ଓ ଶ୍ରୀ ଜଗନ୍ନାଥଙ୍କ ସହ ବିଶ୍ୱାବସୁ ଶବରର ସଂପୃକ୍ତି ପ୍ରଦର୍ଶିତ ହୋଇଥିଲେ ହେଁ, ଉପେନ୍ଦ୍ର କେବଳ ତାହାରି ଅନୁକରଣରେ ଶବରମାନଙ୍କ ପ୍ରସଙ୍ଗ ଲେଖି ନାହାଁନ୍ତି । ଅଧିକନ୍ତୁ, ସେ ଶବର ଅଭିଧାରେ ଓଡ଼ିଶାର ଆଦିବାସୀମାନଙ୍କୁ ପ୍ରାଧାନ୍ୟ ସହକାରେ ଚିତ୍ରିତ କରିଛନ୍ତି । ମୂଳ ଗ୍ରନ୍ଥର ଅନୁକରଣରେ ସେ "ବୈଦେହୀଶ ବିଳାସ"ରେ ରାମଙ୍କ ସହ ଗୁହକର ମିତ୍ରତା (୧୬/୭୪), ବନବାସର ପ୍ରଥମ ରାତ୍ର ଯାପନବେଳେ ଶୃଙ୍ଗବେରପୁରର ରାଜା ଗୁହ ଶବର ସହ ରାମଙ୍କ ସାକ୍ଷାତ୍ (୧୭/୩୫) ବ୍ୟତୀତ ଏଥିରେ ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ଶବର ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି । ମିଥିଳାରେ ଧନୁଭଙ୍ଗପରେ ସୀତାଙ୍କୁ ପ୍ରଭୁ ରାମ ବିବାହ କରି ଫେରିଲାବେଳେ ପଥ ମଧ୍ୟରେ ପର୍ଶୁରାମ ରାମଙ୍କ ପଥ ଓଗାଳିବାବେଳେ ପର୍ଶୁରାମଙ୍କ ରୂପ ଦେଖି ରାମ ବକ୍ରୋକ୍ତି କରି ପଚାରିଛନ୍ତି:-

ବ୍ୟାଜ ଏ ଶବରପ୍ରାୟେ କୁଠାରେ ତ ବହ
ବୃତି କରିଛି ସମିଧ ବିକ୍ରୟ କି କହହେ (ବୈ.ବି.୧୬/୪୫)

ଶବରମାନଙ୍କର ବେଶ ଓ ଅରଣ୍ୟରୁ ସମିଧ ସଂଗ୍ରହକରି ବିକ୍ରୟ କରିବା ଭଳି ସେମାନଙ୍କର ବୃତି ଏଥିରେ ପ୍ରତିଫଳିତ । ସେହପରି ସୀତାଙ୍କ ବିବାହ ଉତ୍ସବରେ ଶବରମାନେ ରାଜମାର୍ଗରେ ବୁଲୁଥିବା (୧୪/୩୬), ବନବାସର ପ୍ରାରମ୍ଭକାଳରେ ଅରଣ୍ୟବାସୀ ନାରୀମାନେ ଏମାନଙ୍କୁ ଚକିତ ନୟନରେ ରହିବା (୧୭/୪୭) ଓ ସେମାନଙ୍କର ଅଦୃଶ୍ୟ ହେବା ପର୍ଯ୍ୟନ୍ତ ପକ୍ୱଣବାସୀ ବା ଶବରୀମାନେ ଅନେଇବା ଭଳି ବହୁ ସ୍ଥଳରେ ଏମାନଙ୍କ ଜୀବନ ଚିତ୍ର ପରିବେଷିତ ହୋଇଛି । କବି ଏହି କାବ୍ୟରେ ଲୋକ ସଂସ୍କୃତିକୁ ରୂପରେଖ ଦେବାକୁ ଯାଇ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟର ଯାବତୀୟ ସାମାଜିକ ତଥା ଧର୍ମୀୟ ସଂସ୍କାରକୁ ବର୍ଣ୍ଣନା କରିଛନ୍ତି । ରାଜା ପ୍ରଜା ନିର୍ବିଶେଷରେ ପୁତ୍ର ଜନ୍ମୋତ୍ସବ ଏବଂ ସୂତିକା-ଗୃହ-ବିଧାନ ପାଳନ ହେଉଛି ଏକ ସାମାଜିକ ଆଚାର ତଥା ସଂସ୍କୃତିର ପରମ୍ପରା । ରାଜା ଦଶରଥ ତାଙ୍କର ରରିପୁଅଙ୍କ ଜନ୍ମବେଳେ ପ୍ରଥମ ସମ୍ବାଦ ଶୁଣାଇଥିବା ଅନ୍ତପୁରର ନାରୀମାନଙ୍କୁ ପୁରସ୍କୃତ କରାଇବା ସହିତ ହାଟଜୁର ଓ ବାଟଜୁର ଭଳି ଉତ୍ସବ ଅନୁଷ୍ଠିତ କରାଇଛନ୍ତି । ସେହିଭଳି ରାଜା ଅନ୍ତପୁରରେ ସେମାନଙ୍କ ନାଭିଚ୍ଛେଦନ, ପଗ ଆଦି ବିଧି, ଷଠୀଘର ବିଧାନ, ସପ୍ତମ ଦିବସରେ ଉଠିଆରୀ ଏବଂ ଏକବିଂଶ ଦିବସରେ ଦୋଳି ଶୟନ ବିଧି ପାଳନ କରାଯାଇଥିବା କବି ଉପେନ୍ଦ୍ର ନିଜର କାବ୍ୟ ବୈଦେହିଶ ବିଳାସରେ ଅତି ଚମକପ୍ରଦଭାବେ ଲେଖିଛନ୍ତି । ଯାହାହେଲା:-

"ବିଚ୍ଛେଦନ କଲେ ନାଭି ଉଦୟ ହୁଦେ
ବିଗ୍ରହ ସୁବାସ ଯୋଗୁ କସ୍ତୁରି ବନ୍ଦେ ।
ବ୍ରୀହି ଆଦି ପଗବୀଜ ପଗଆତୀ ଯେ
ବ୍ୟାନସହ ପଗବାୟୁ ତୋଷକ ସେ ଯେ ।
ବନଜିନୀ ଲକ୍ଷ୍ୟନାରୀ ଷଷ୍ଠୀଘରକୁ
ବରାଟକେ ମଣ୍ଡିକଲେ ମନୋହରକୁ" ।

ଏହି କ୍ରମରେ କବି ଉତ୍କଳୀୟ ଲୋକ ପରମ୍ପରାର ଚିତ୍ର ସୁସ୍ପଷ୍ଟ କରିଛନ୍ତି । ରାମ ଲକ୍ଷ୍ମଣମାନଙ୍କର ବିବାହୋତ୍ସବ ବର୍ଣ୍ଣନାରେ କବି ଉତ୍କଳରେ ଅନୁସୃତ ଏବଂ ବିବାହ ପରମ୍ପରାର ଚିତ୍ର ପ୍ରଦାନ କରିଛନ୍ତି ଏବଂ ବିବାହାଦି କର୍ମକୁ ଜ୍ୟୋତିଷ ଶାସ୍ତ୍ରର ନିର୍ଣ୍ଣିତ ଶୁଭବେଳା ଅନୁସାରେ ସମ୍ପନ୍ନ କରିବା ଭାରତୀୟ ଲୋକ ଜୀବନର ଧାରା ଯାହାକୁ ଅତି ନିଖୁଣ ଭାବେ କବି ବର୍ଣ୍ଣନା କରିଛନ୍ତି । ତତ୍ ସହିତ ଲୋକାଚାର ତଥା ସମାଜର ସମସ୍ତ ବିଧି ବିଧାନକୁ ଉପେନ୍ଦ୍ର ଅତି ସୁନ୍ଦରଭାବେ ଚିତ୍ରଣ କରି ପ୍ରମାଣ କରିଛନ୍ତି । କର୍ମ କାଣ୍ଡୋକ୍ତି ବିଧାନ ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ବିବାହ ସଂସ୍କାର ପାଳନ କରିବା ଉଚିତ ଯାହାକି ହେଉଛି ଓଡ଼ିଶାର ସାମାଜିକ ଲୋକ ପରମ୍ପରା । ମନୁଷ୍ୟର ଦେହାନ୍ତ ହେଲେ ଆର୍ଯ୍ୟଜନଗୋଷ୍ଠୀର ଲୋକେ କର୍ମକାଣ୍ଡୋକ୍ତ ବିଧାନୁଯାୟୀ ଏବଂ ଆର୍ଯ୍ୟେତରମାନେ ନିଜ ନିଜ କୁଳାଚାର ଅନୁସାରେ ଶବ ସଂସ୍କାର କରି ଶୁଦ୍ଧିକ୍ରିୟା ସମ୍ପନ୍ନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଲୋକାଚାର । "ବୈଦେହିଶ ବିଳାସରେ କବି ଏହାକୁ ଉପେକ୍ଷା ନ କରି ରାମଙ୍କ ବନବାସପରେ ପୁତ୍ର ବିରହରେ ଦଶରଥଙ୍କ ମୃତ୍ୟୁପରେ ଭରତ ତୁରନ୍ତ ମାତୁଳାଳୟରୁ ପ୍ରତ୍ୟାବର୍ତନ କରିବା ସହ କ୍ଷାତ୍ର କୁଳୋଚିତ ପ୍ରେତ କ୍ରିୟାର ସମସ୍ତ ବିଧି ବିଧାନକୁ ସମାପନ କରିଛନ୍ତି । ପୁଣି ସମ୍ପର୍କୀୟ ବ୍ୟକ୍ତିଙ୍କ ମୃତ୍ୟୁରେ ଶୁଦ୍ଧ ହେବା ପ୍ରତ୍ୟେକ ଲୋକ ସମାଜର ରୀତି । ମାରୀଚର ମାତା ତାଡ଼କା ଓ ସୈନ୍ୟସହ ଭାଇ ସୁବାହୁର ମୃତ୍ୟୁ ଖବରପାଇ ଲଙ୍କେଶ୍ୱର ରାବଣ ଭ୍ରାତୃଭାବ ଦେଖାଇ ସମୁଦ୍ରରେ ସ୍ନାନକରି ଶୌଚ ହୋଇଥିବାଭଳି ବର୍ଣ୍ଣନାରୁ (୨୪/୧୫) ଉପେନ୍ଦ୍ର ମୃତ୍ୟୁ ସଂସ୍କାର କ୍ରିୟାକୁ ଯଥେଷ୍ଟ ପ୍ରାଧାନ୍ୟ ଦେଇଛନ୍ତି । ଧର୍ମାନୁଷ୍ଠାନ ଉପରେ ଉପେନ୍ଦ୍ର ଯଥୋଚିତ୍ର ଆସ୍ଥା ପ୍ରକଟ କରି ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ, ରାମ ସୀତାଙ୍କ ଦ୍ୱାରା ଉଭୟେ ଉଭୟଙ୍କୁ ପାଇବା ବାସନରେ ବିଭିନ୍ନ ବ୍ରତ ଉପବାସ କରିବା ଉଲ୍ଲେଖ କରି କବି ସାଧାରଣ ଲୋକ ମାନସିକତାକୁ ବ୍ୟକ୍ତ କରିଛନ୍ତି । ଯାତ୍ରା ଉତ୍ସବକୁ ଧାନରେ ରଖି କବି ରାମଚରିତ ବର୍ଣ୍ଣନା କ୍ରମରେ ଜଗନ୍ନାଥଙ୍କ ଗୁଣ୍ଡିଚ୍ଚ ଯାତ୍ରା, ଲିଙ୍ଗରାଜଙ୍କ ଅଶୋକାଷ୍ଟମୀର ମନୋଜ୍ଞ କବିତ୍ୱପୂର୍ଣ୍ଣ ବର୍ଣ୍ଣନା ଦେଇ ଏ ଦିଗ ପ୍ରତି ସଚେତନ ରହିଛନ୍ତି । ଜାତିବାଦ ଭାରତୀୟ ସାମାଜିକ ଜୀବନରେ ଏକ ବହୁ ପୁରାତନ ଧାରା । ଉପେନ୍ଦ୍ର ତାଙ୍କ କାବ୍ୟାବଳୀରେ ସାମାଜିକ ଜୀବନର ପୂର୍ଣ୍ଣାଙ୍ଗଚିତ୍ର ପ୍ରଦାନ କରିବାକୁ ଯାଇ ଆର୍ଯ୍ୟ ଓ ଆର୍ଯ୍ୟେତର ବିଭିନ୍ନ ଜାତି ସମ୍ପର୍କରେ ସୂଚନା ଦେବାସହ ଭେଦଭାବର ଧାରାକୁ ଦୂରିଭୂତ କରିଛନ୍ତି । ରାଜକୀୟ ଅହଂର ବହୁ ଉର୍ଦ୍ଧ୍ୱକୁ ଉଠି କବି ସାଧାରଣ ଲୋକ ଜୀବନ ପ୍ରତି ସମ୍ବେଦନ ଓ ସହାନୁଭୂତି ପ୍ରଦାନ କରିଥିବା ବର୍ଣ୍ଣନାର ପଟ୍ଟାନ୍ତର ନାହିଁ । କେବଳ ସେତିକି ନୁହେଁ ଭାରତ ଏକ କୃଷି ପ୍ରଧାନ ଦେଶ । ଏହାକୁ ଦୃଷ୍ଟିରେ ରଖି ମିଥିଳାପତି ଜନକଙ୍କ କୃଷିକ୍ଷେତ୍ରକୁ କର୍ଷଣ କରିବା ଜମିରେ ବୀଜ ବପନ କରିବା ଇତ୍ୟାଦି ତତ୍କାଳୀନ କୃଷକ ଓ କୃଷିର ବାସ୍ତବ ଚିତ୍ରକୁ ଉପେନ୍ଦ୍ର ସମ୍ମାନ ଓ ସହନୁଭୂତିର ସହ ପ୍ରଦାନ କରିଛନ୍ତି । ଏଥି ସହିତ ଲୋକ ବିଶ୍ୱାସର ଅନେକ ବ୍ୟବହାର ଚିତ୍ରଣ କରିଛନ୍ତି । କବି ଲୋକଖେଳକୁ ମଧ୍ୟ ବର୍ଣ୍ଣନା କରିବାକୁ ଭୁଲିନାହାଁନ୍ତି । ରାମଙ୍କ ବାଟିଖେଳ, ସାରଣୀ ଖେଳ, ବିବାହ ଶେଷରେ କଉଡ଼ି ଖେଳ (୧୪/୫୭-୫୮) ଏବଂ ପଶାଖେଳର ସୂଚନା ମଧ୍ୟ ପ୍ରଦତ ହୋଇଛି । ଓଡ଼ିଶା ଉତ୍କୃଷ୍ଟ ଧରଣର ପଟ୍ଟବସ୍ତ୍ର ପାଇଁ ଭାରତ ଓ ବିଦେଶରେ ପ୍ରାଚୀନ । ତେଣୁ କବି ଗୌରବର ସ୍ମାରକୀ ସଦୃଶ ବହୁ ସ୍ଥଳରେ ଶ୍ୱେତ, ପୀତ ଓ ନାଳି ପ୍ରଭୃତି ରଙ୍ଗର ପାଟଶାଢୀର ବର୍ଣ୍ଣନା କରିଛନ୍ତି । ପରିଶେଷରେ ଏତିକି କୁହାଯାଇପାରେ କବି ଉପେନ୍ଦ୍ର ଭଞ୍ଜ ନିଜ ସମୟର ଆହ୍ୱାନ କ୍ରମେ ରାମଚରିତ ଭଳି ଏକ ଶାସ୍ତ୍ରୀୟ ତଥା ବିଦଗ୍ଧ କଥାବସ୍ତୁକୁ ଗ୍ରହଣ କରି ଏଥିରେ ଯେଉଁଭଳି ଲୋକସଂସ୍କୃତି, ଆଦିବାସୀ ସଂସ୍କୃତି, ଲୋକସାହିତ୍ୟ, ସାମାଜିକ ରୀତିନୀତି ପରମ୍ପରାର ମନୋରମ ବିନ୍ୟାଶ ଘଟାଇଛନ୍ତି, ତାହା ତାଙ୍କୁ ପାରମ୍ପରିକ ଓଡ଼ିଆ ଲୋକସମାଜରେ ଜଣେ ଯଥାର୍ଥ ପ୍ରତିନିଧି ତଥା କବି ସମ୍ରାଟ ଭାବରେ ପରିଚିତ କରାଇପାରିଛି ।

ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ
ଖୋରଧା
ଫୋନ ନଂ ୬୩୭୦୬୭୫୫୬୨୫

# ଗଣତନ୍ତ୍ରର ପ୍ରାଧାନ୍ୟ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ରାଜ ପାଇଁ ଯେତେବେଳେ ଇଚ୍ଛାଶକ୍ତି ବଳବତ୍ତର ଶୀର୍ଷ ସ୍ତରକୁ ଉଠୁଛି ଓ ଅନେକ କୌଶଳକୁ ଖୋଜି ଜାଲ ଫାଶ, ଅଙ୍କୁଶ, ପ୍ରୟୋଗକରି ଅଦୃଶ୍ୟ ଖଣ୍ଡାରେ ବିଖଣ୍ଡିତ କରିବାକେବଳ ଦେଖାଯିବ । କରିଯାଉଥିବା କାର୍ଯ୍ୟାବଳୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଲା ତାକୁ ହଟାଇବା ପାଇଁ ଅଦୃଶ୍ୟ ଖଣ୍ଡା ବୁଲିବା ଆରମ୍ଭ ହୋଇଯାଏ । ଲୋକଙ୍କ ସାମୁହିକ ଅଭାବ ଅସୁବିଧାରେ ନିଜେ ଜଡ଼ସଡ଼ ହୋଇ ପୂର୍ବରୁ ଥିବା ସରକାର ଏ ସମସ୍ୟା ଅଣଦେଖା କରିଛନ୍ତି ଦର୍ଶାଇ ଜଣମତର ବାହାବାରେ ପୋତି ହୋଇ ପଡ଼ିବା ଓ ସାଥି ସାଥି ଯୋଜନର ଏକ ଦୀପ ଜଳାଯିବ ଆଉ ଏହାର ତେଜଣା ସମୟକୁ ଚଲାଇ ସ୍ୱ ହାତ ଚିକ୍କଣ କରାଯିବାରେ, ସ୍ୱକୁବେର ଭଣ୍ଡାର ବଢ଼ିବା ଉପାୟ ରାଜନୀତିର ଅଧ୍ୟାୟ ଗଣତନ୍ତ୍ରକୁ ଆସନ ଭିଡ଼ି ବସିବା ଦେଖାଗଲାଣି । କଂସ ରାଜୁତିରେ ଅଷ୍ଟମଲ୍ଲ କେଉଁଠୁ ଆସି ଯୋଡ଼ି ହୋଇ ପରି ଜଣତନ୍ତ୍ରରେ ପାୱାର ଅଛି ପଇସା ଅଛି, ଶ୍ରମସୃଷ୍ଟି କରାଇ ହେଉଛି, ଆଉ ଅଷ୍ଟ ଦିଗରୁ ଅଷ୍ଟ ପ୍ରକାର ଧୁରନ୍ଧର ମଲ୍ଲ ଘେରି ରଖିବେ ଏହା ଅତି ସରଳ କଥା । ସବୁସ୍ତରରେ ଆଠ ଦିଗ ସଂଶ୍ଲିଷ୍ଟ ଏହାବାଦ ଆଉ ଦୁଇଟି ଦିଗ ଅଧଃ ଉର୍ଦ୍ଧ୍ୱ ରହିଛି ।

ବଡ଼ ସରକାରଙ୍କର ଦଶ ଦିଗରେ ହାତ ଖଣି ଆଉ ବ୍ୟୋମଯାନ ଛୋଟ ସରକାର ରାଜ୍ୟ ସରକାରର ଆଠ ଦିଗ ହାତ, ଯଦି ଜଣଦନ୍ତ୍ର, ଗଣତନ୍ତ୍ରରେ ଉଦ୍ରେକ ହେବ ତେବେ ଏକ ଜଣ ପୁଣି ଆନୁଗତ୍ୟ ଅନେକ ଏକ ଏକ କ୍ଷୁଦ୍ର କ୍ଷେତ୍ର ସୃଷ୍ଟି କରି ରାଜପାଇଁ ଜନ ଆତଙ୍କମାନ ସୃଷ୍ଟି କରି ଜୀନା ହାରାମ କରିବେ କିଏବା ଜନତାଙ୍କ ଯନ୍ତ୍ରଣା ଦରଦୀ ଦୁଃଖ ବୁଝିବ, ଖଜୁରୀ ଗଛର କି ଗୁଣ ବର୍ଣ୍ଣିବି ମୂଳରୁ ପାହାଚ ପାହାଚ ଏ ହେଉଛି ଜଣତନ୍ତ୍ର, ଜଣତନ୍ତ୍ର ବଂଶାନୁକ୍ରମିକ ତନ୍ତ୍ର ପୂର୍ବରୁ ଗତି ଆସୁଥିଲା ଏହା ଶୋଧନ ହୋଇ ଗଣତନ୍ତ୍ର ରୂପ ନେଲା ହେଲେ ଏଥିରେ ମୁଖିଆ ହେଲେ ଯେଉଁ ଜଣ, ସେ ଆସିବାର କେତେ ଦିନ ପରେ ନିଜର ପ୍ରୌଢ଼ୀ ପ୍ରକାଶ କରୁଛନ୍ତି । ସେତେବେଳକୁ ସବୁ ଦିଗରୁ ମଲ୍ଲଗଣ ହାଜିରହୋଇ ନେଉଛନ୍ତି, ମଲ୍ଲ ମାଲିକ ଛୋଟରୁ ଅତିଶୀଘ୍ର ଆକାଶ ଛୁଆଁ ବରଗଛ ପୁଣି ତାଙ୍କର ଅନେକ ସ୍ତମ୍ଭ ମୂଳ, ଏ ଯୁଗର ସେ ଅକ୍ଷୟ ବଟ । ତାଙ୍କର ଭୁଲ, ଭୁଲ ନୁହଁ କାନୁନ ଏମିତି ମୋଡ଼ ନେବ ସେ ମିଷ୍ଟର କ୍ଲିନ । ଲେଡି, ପ୍ୟାଡ଼ି, ହେନ, ପେନ ସହଜରେ ସରଳରେ ଜଣତନ୍ତ୍ରରେ ମିଳିଯିବା ଦେଖା ଗଲାଣି, ଖାଲି କିଛି ମୂଳ ପୁଞ୍ଜିରେ ଜୀହାଁ ଆମ୍ବ ଗଛରେ ପଣସ ଫଳିଛି କଥାରେ କହିଲେ ହେଲା, ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ କେମିତି ଠଣ ସୁନ୍ଦର ଆକୃତି ହୋଇ ପାରୁଛି ଏହା ସମସ୍ତେ ଦେଖିପାରୁଛନ୍ତି, ଜଣତନ୍ତ୍ରରେ ଲହଡ଼ି ଗଣିଧନୀ ହେବା ପଦ୍ଧତି ଲାଗୁ ହୋଇ ଗଲାଣି, ଗାଇ ପାଳନ ନାହିଁ ଦୁଗ୍ଧ ଘୃତ ପ୍ରଚୁର, ଚାଷ ନାହିଁ, ଖାଦ୍ୟ ଅଭାବ ନାହିଁ, ପାଠ ପଢ଼ା ନାହିଁ ମହାଳିଆରେ ଡେକ୍ଲଟ, ଗାଡ଼ି ବାଡ଼ି ଅଭବା ନାହିଁ, ଏହିସବୁ ଜଣତନ୍ତ୍ର ମହିମାରୁ ସମ୍ଭବ ହୋଇଯାଉଛି ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩



# ପିନାରାଇ ବିଜୟନଙ୍କ ଘର ବାହାରେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ

**ଥିରୁଅନନ୍ତପୁରମ୍, ୨୭।୫(ଏଜେନ୍ସି):**କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ବାସଭବନ ବାହାରେ ଇଡି ଅଧିକାରୀଙ୍କୁ ଆକ୍ରମଣ । ବିଜୟନଙ୍କ ଥିରୁଅନନ୍ତପୁରମ୍ ସ୍ଥିତ ବାସଭବନରୁ ବାହାରିବା ମାତ୍ରେ ଇଡି ଅଧିକାରୀଙ୍କ ଉପରେ ସିପିଆଇଏମ୍ କର୍ମୀମାନେ ଇଟା-ପଥର ମାଡ କରିଥିଲେ । ତାଙ୍କ ଗାଡିକୁ ଟାର୍ଗେଟ କରି ଇଟା ଏବଂ ପଥର ମାଡ କରି କାଚ ଭାଙ୍ଗି ଦେଇଥିଲେ। ବୁଧବାର ସକାଳେ ପିନାରାଇ ବିଜୟନଙ୍କ ବହୁ ଠିକଣା ଉପରେ ଯେତେବେଳେ ଇଡି ଚଢାଉ କରିଥିଲା ସେତେବେଳେ ଏହି ଆକ୍ରମଣ ଶିକାର ହୋଇଥିଲା। ଟିମ୍ ମଧ୍ୟାହ୍ନ ପରେ ବିଜୟନଙ୍କ ବାସଭବନରୁ ବାହାରିବା ମାତ୍ରେ ସେଠାରେ ଥିବା ଦଳୀୟ କର୍ମୀ ଓ ବିଜୟନଙ୍କ ସମର୍ଥକ ଇଡି ଅଧିକାରୀଙ୍କ ଗାଡିକୁ ଘେରିବା ସହ ନାରାବାଜି କରିଥିଲେ । ସ୍ଥିତି ସମ୍ଭାଳିବା ପାଇଁ ଦଳର ବରିଷ୍ଠ ନେତା ଓ ସ୍ଥାନୀୟ ପଦାଧିକାରୀ ସମର୍ଥକଙ୍କୁ ଶାନ୍ତ କରିଥିଲେ । ବହୁ ସମୟ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା ପ୍ରବଳ ଉତ୍ତେଜନା । ଇଡି ଅଧିକାରୀଙ୍କୁ ଠେଲାପେଲା ଏବଂ ଧକ୍କା ମରାମରି ହୋଇଥିବାର ଅଭିଯୋଗ ହୋଇଛି ।




କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନର ବିରୋଧି ଦଳ ନେତା ପିନାରାଇ ବିଜୟନଙ୍କ ଘର ବାହାରେ ଇଡିର କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନେତିକ ବିବାଦ ସୃଷ୍ଟି ହୋଇଛି । ଏହି ମାମଲାରେ ସିପିଆଇଏମ୍ ମହାସଚିବ ଏମ୍ଏ ବେବି କେନ୍ଦ୍ର ସରକାର ଓ ଇଡିକୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି, ଏହି ପୁରା କାର୍ଯ୍ୟାନୁଷ୍ଠାନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବାର ଏକ ରଣନୀତିର ଅଂଶ। ବୁଧବାର ଇଡି କେରଳର ୧୦ ଟି ସ୍ଥାନରେ ଚଢାଉ କରିଥିଲା । ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କେରଳ ବିଧାନସଭାର ବିରୋଧୀ ଦଳ ନେତା ପିନାରାଇ ବିଜୟନ ଏବଂ ତାଙ୍କ ଝିଅ ବୀଣା ବିଜୟନଙ୍କ ବାସଭବନ ମଧ୍ୟ ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ପିନାରାଇ ବିଜୟନଙ୍କ ଝିଅ ଏବଂ ତାଙ୍କ କମ୍ପାନୀ, ଏକ୍ସାଲୋଜିକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ ସହିତ ଜଡିତ ଏକ କଥିତ ମନି ଲଣ୍ଡରିଂ ମାମଲା ସହିତ ଜଡିତ ଥିଲା। ଏହି ମାମଲାଟି କୋଚିର କୋଚି ମିନେରାଲ୍ସ ଆଣ୍ଡ ରୁଟାଇଲ୍ ଲିମିଟେଡ୍ ସହିତ ଦେୟ ଏବଂ ଆର୍ଥିକ ଅନିୟମିତତା ସହିତ ଜଡିତ । ଏହି ଚଢାଉ ଏପ୍ରିଲ ୨୦୨୫ ରେ ସିରିୟସ୍ ଫ୍ରଡ୍ ଇନଭେଷ୍ଟିଗେସନ୍ ଅଫିସ୍ ଦ୍ୱାରା ଦାଖଲ କରାଯାଇଥିବା ଏକ ଚାର୍ଜସିଟ୍ ଉପରେ ଆଧାରିତ । ଏସଏଫ୍ଆଇଓ ବୀଣା ବିଜୟନଙ୍କ ଆଇଟି କମ୍ପାନୀ, ଏକ୍ସାଲୋଜିକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ବିରୁଦ୍ଧରେ ଗମ୍ଭୀର ଅଭିଯୋଗ ଆଣିଛି ।

# ରାହୁଲଙ୍କ ଉତ୍ତରାଖଣ୍ଡ ଗସ୍ତକୁ ନେଇ କଂଗ୍ରେସ ଶିବିର ଚଳଚଞ୍ଚଳ

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):**କଂଗ୍ରେସ ନେତା ତଥା ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଆସନ୍ତା ୪ଜୁନରେ ଦୁଇ ଦିନିଆ ଉତ୍ତରାଖଣ୍ଡ ଗସ୍ତରେ ଯାଉଛନ୍ତି । ଏହି ଗସ୍ତକୁ ୨୦୨୭ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଲାଗି ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଦଳ ଆଶା କରୁଛି କି ରାହୁଲ ଗାନ୍ଧୀଙ୍କ ଗସ୍ତ ସଂଗଠନରେ ନୂଆ ଆଶା ଭରିବ । ଏହାସହ କାର୍ଯ୍ୟକର୍ତ୍ତାଙ୍କୁ ଏକଜୁଟ୍ କରିବାରେ ସାହାଯ୍ୟ କରିବ। ଗସ୍ତର ପ୍ରଥମ ଦିନ ରାହୁଲ ଗାନ୍ଧୀ ଅଲ୍ମୋଡ଼ାରେ ଜନସଭାକୁ ସମ୍ବୋଧିତ କରିବେ । ତାପରେ ସେ ପ୍ୟାଡିରେ ଆୟୋଜିତ ପୂର୍ବତନ ସେନିକ ସମ୍ମିଳନୀରେ ସାମିଲ ହେବେ । ଉତ୍ତରାଖଣ୍ଡରେ ବଡ଼ ସଂଖ୍ୟାରେ ସେନିକ ଏବଂ ପୂର୍ବତନ ସେନିକ ପରିବାର ରହିଥାନ୍ତି । ଏଥିଲାଗି କଂଗ୍ରେସ ଏହାକୁ ଭାବନାତ୍ମକ ଏବଂ ରାଜନୈତିକ ଉଭୟ ସ୍ତରକୁ ମହତ୍ୱପୂର୍ଣ୍ଣ ମାନୁଛି । ୫ଜୁନରେ ଦେହରାଡୁନରେ ପ୍ରଦେଶ କଂଗ୍ରେସ କମିଟି, ବିଧାୟକ, ପୂର୍ବତନ ବିଧାୟକ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧି ସହ ବେଠକ କରିବେ । କୁହାଯାଉଛି କି ଏହି ବେଠକରେ ସଂଗଠନର ସ୍ଥିତି, ନିର୍ବାଚନୀ ରଣନୀତି ଏବଂ ଆଭ୍ୟନ୍ତରୀଣ ପାର୍ଥକ୍ୟ ଉପରେ ଆଲୋଚନା କରାଯିବ।ପ୍ରକାଶ



ଯେ, ଉତ୍ତରାଖଣ୍ଡ କଂଗ୍ରେସ ଲମ୍ବା ସମୟରୁ ଗୋଷ୍ଠୀ କନ୍ଦଳ ଭିତରେ ରହିଛି । ନେତାଙ୍କ ମଧ୍ୟରେ ସବୁବେଳେ ମନମାଳିନ୍ୟ କଥା ସାମ୍ନାକୁ ଆସୁଛି । ଏଭଳିସ୍ଥଳେ ରାହୁଲ ଗାନ୍ଧୀଙ୍କ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସଂଗଠନକୁ ଏକଜୁଟ୍ କରିବା ହେବ । ପ୍ରଦେଶ ଅଧ୍ୟକ୍ଷ ଗଣେଷ ଗୋଦିୟାଲଙ୍କ ଲାଗି ବି ଏହି ଗସ୍ତ ନିର୍ଣ୍ଣାୟକ ବୋଲି କୁହାଯାଉଛି । ୭ମାସ ପରେ ବି ତାଙ୍କ ଟିମକୁ ହାଇକମାଣ୍ଡଙ୍କ ମଞ୍ଜୁରୀ ମିଳିପାରିନାହିଁ । ରାଜନେତିକ ମହଲରେ ଚର୍ଚ୍ଚା ହେଉଛି କି ରାହୁଲ ଗାନ୍ଧୀ ଏହି ଗସ୍ତ ସମୟରେ ସଂଗଠନାତ୍ମକ ପରିବର୍ତ୍ତନ ଏବଂ ନେତୃତ୍ୱକୁ ନେଇ ବଡ଼ ସଙ୍କେତ ଦେଇ ପାରନ୍ତି ।

# ଏଲ୍ଆଇସିର ୨% ଅଂଶଧନ ବିକ୍ରି ହେବ

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):**ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ୨ ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ପୁଞ୍ଜି ପ୍ରତ୍ୟାହାର ଦାୟିତ୍ୱରେ ଥିବା ଦିପମ୍ ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି । ଜୁନ୍ ଶେଷ ସୁଦ୍ଧା କିମ୍ବା ଜୁଲାଇ ମାସ ପ୍ରାରମ୍ଭରେ ସେଥିପାଇଁ ପ୍ରଚାର ଅଭିଯାନ ଆରମ୍ଭ କରାଯିବ । କମ୍ପାନିର ଅଂଶଧନକୁ ବିଭିନ୍ନ ସଂସ୍ଥାଗତ ନିବେଶକମାନଙ୍କୁ ବିକ୍ରି କରାଯିବ । ଏହି ଅଂଶଧନ ବିକ୍ରିରୁ ସରକାର ୧୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଅଂଶଧନ ବିକ୍ରିର ରୂପରେଖ ପ୍ରସ୍ତୁତ କରିବା ପାଇଁ ଦିପମ୍ ବିଭାଗ ଏବେ ଗୋଲ୍ଡମ୍ୟାନ୍ ସକ୍ସ, ମୋତିଲାଲ ଓସ୍ୱାଲ ଇନଭେଷ୍ଟମେଣ୍ଟ ଆଡଭାଇଜର୍ସ, ବିଏନ୍ପି ପରିବାସ ଓ ଆଇଆଇଏଫ୍ଏଲ୍ କ୍ୟାପିଟାଲ ସର୍ଭିସେସ୍ ସହ ମିଶି କାମ କରୁଛି । ଏହା ପୂର୍ବରୁ ୨୦୨୨ରେ ଏଲ୍ଆଇସିର ୩.୫ ପ୍ରତିଶତ ଅଂଶଧନ ବିକ୍ରି କରି ସରକାର ୨୧ ହଜାର କୋଟି ଟଙ୍କା ସଂଗ୍ରହ କରିଥିଲେ । ଏହା ସହିତ କମ୍ପାନି ଷ୍ଟକ୍ ବଜାରରେ ପ୍ରବେଶ କରିଥିଲା । ସେତେବେଳେ ସେୟାର ପିଛା ଦାମ୍ ୯୪୯ ଟଙ୍କା ଥିଲା। ଏଲ୍ଆଇସିରେ ଭାରତ ସରକାରଙ୍କ ୯୬.୫ ପ୍ରତିଶତ ଅଂଶଧନ ରହିଛି । ବାଧ୍ୟତାମୂଳକ ୨୫ ପ୍ରତିଶତ ସାର୍ବଜନୀନ ଅଂଶଧନ ନିୟମ ପାଳନ କରିବା ପାଇଁ କମ୍ପାନୀକୁ ୨୦୩୩ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ସେହି ସମୟ ଭିତରେ କମ୍ପାନି ଏହାର ୨୫ ପ୍ରତିଶତ ଅଂଶଧନକୁ ସାର୍ବଜନୀନ ନିବେଶକଙ୍କୁ ବିକ୍ରି କରିବ ।

# ସମସ୍ତ ଦଳୀୟ ପଦପଦବୀ ଛାଡ଼ିଲେ ଟିଏମ୍ସି ସାଂସଦ କାକଳି

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):**ତୃଣମୂଳ କଂଗ୍ରେସର ବାରସାତ ଜିଲ୍ଲା ସଭାପତି ପଦରୁ ଇସ୍ତଫା ଦେବାର କିଛି ଦିନ ପରେ, ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ତଥା ବରିଷ୍ଠ ଟିଏମସି ସାଂସଦ କାକଳି ଘୋଷ ଦସ୍ତିଦାର ଦଳର ସମସ୍ତ ସାଂଗଠନିକ ପଦପଦବୀରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ବୈଠକରେ ଯୋଗ ଦେବାର କିଛି ଘଣ୍ଟା ପରେ ଏହି ଘଟଣା ଘଟିଛି । କାକଳି ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି, ସେ ଅତ୍ୟନ୍ତ ଦୁଃଖ ଓ ଚିନ୍ତାର ସହିତ ଟିଏମ୍ସି ମହିଳା କଂଗ୍ରେସର ଅଧ୍ୟକ୍ଷା ପଦ ଓ ଦଳର ଅନ୍ୟାନ୍ୟ ସାଂଗଠନିକ ପଦବୀ, କମିଟି ଓ ଦାୟିତ୍ୱରୁ ଇସ୍ତଫା ଦେଉଛନ୍ତି।

କାକଳି ଆହୁରି ଲେଖିଛନ୍ତି, ଯେଉଁଠାରେ ଜଣେ ମହିଳା ସାଂସଦଙ୍କ ପ୍ରତି ଅନ୍ୟ ଜଣେ ଅଶିକ୍ଷିତ, ଅଭଦ୍ର ଦଳୀୟ ସାଂସଦଙ୍କ ଅଶୋଭନୀୟ ଆଚରଣକୁ ବନ୍ଦ କରାଯାଇପାରିବ ନାହିଁ, କିମ୍ବା ବରିଷ୍ଠ ନେତୃତ୍ୱଙ୍କ ସହଯୋଗ ଓ ସହାନୁଭୂତି ମିଳିପାରିବ ନାହିଁ, ଏପରି ପଦବୀରେ ରହିବା ଅର୍ଥପୂର୍ଣ୍ଣ ନୁହେଁ । କାକଳି ଆଇନଜୀବୀ-ରାଜନେତା ତଥା ଶିରାମପୁର ଲୋକସଭା ନିର୍ବାଚନମଣ୍ଡଳୀର ତୃଣମୂଳ ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ ସମାଲୋଚନା କରି ଏହା ଲେଖିଛନ୍ତ । ସୂଚନାଯୋଗ୍ୟ, ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ କାକଳିଙ୍କ ସ୍ଥାନରେ କଲ୍ୟାଣ



ବାନାର୍ଜୀ ଲୋକସଭାରେ ଟିଏମ୍ସିର ମୁଖ୍ୟ ସଚେତକ ଭାବରେ ପୁନଃନିଯୁକ୍ତ ହୋଇଥିଲେ । କାକଳି 'ଏକ୍ସ'ରେ ଏକ ପୋଷ୍ଟ କରି ଆହୁରି ଲେଖିଛନ୍ତି ଯେ, ମୁଁ ମମତା ବାନାର୍ଜୀଙ୍କୁ ୧୯୭୬ ମସିହାରୁ ଜାଣିଛି, ତାଙ୍କ ସହିତ ୧୯୮୪ରୁ କାମ କରୁଛି, ଚାରି ଦଶକର ମୋ ଆନୁଗତ୍ୟର ପୁରସ୍କାର ପାଇଲି ବୋଲି କାକଳି ଲେଖିଛନ୍ତି। କାକଳିଙ୍କ ଇସ୍ତଫା ଟିଏମ୍ସି ପାଇଁ ଶକ୍ତ ଧକ୍କା ହୋଇଛି ।

# ଗୁଜରାଟ ଉପକୂଳରୁ ୧୦୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର କୋକେନ୍ ଜବତ

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):**ଭାରତୀୟ ତଟରକ୍ଷୀ ବାହିନୀ ଓ ଗୁଜରାଟ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍) ମୁନ୍ଦ୍ରା ଉପକୂଳରେ ଏକ ମିଳିତ ଅଭିଯାନ ସମୟରେ ପ୍ରାୟ ୧୧୫୦ କୋଟି ଟଙ୍କାର ୧୧୫ କିଲୋଗ୍ରାମ ଓଜନର କୋକେନ୍ ଜବତ କରିଥିବା ଅଧିକାରୀ କହିଛନ୍ତି। ସାମୁଦ୍ରିକ ପଥ ଦେଇ ନିଶାଦ୍ରବ୍ୟ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଗୁଇନ୍ଦା ସୂଚନା ପାଇ ଏଟିଏସ୍ ଗୁଜରାଟ ପକ୍ଷରୁ ମେ ୨୫ ଓ ୨୬ ତାରିଖ ମଧ୍ୟରାତ୍ରିରେ ମିଳିତ ଅପରେସନ କରାଯାଇଥିଲା। ପାକିସ୍ତାନର ପୋର୍ଟ କାସିମ ଅଞ୍ଚଳରୁ ଆସିଥିବା ଏକ ୟୁରୋପୀୟ ଜାହାଜ ଉପରେ ସୁରକ୍ଷା ଏଜେନ୍ସି ଚଢଉ କରିଥିଲେ । କୋକେନ୍ ଜବତ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । କୋକେନ୍ ଚାଲାଣ ମାର୍ଗ, ଲଜିଷ୍ଟିକ୍ ଚେନ୍ ଓ ହ୍ୟାଣ୍ଡଲର୍ସଙ୍କ ସମ୍ପୃକ୍ତିକୁ ନେଇ ଅଧିକ ତଦନ୍ତ ଚାଲିଛି । ପଶ୍ଚିମ ସୀମାରେ ନିକଟ ଅତୀତରେ ଏହା ସବୁଠୁ ବଡ଼ ନାର୍କୋଟିକ୍ ଅପରେସନ ମଧ୍ୟରୁ ଗୋଟିଏ ବୋଲି ଜଣାପଡ଼ିଛି । ଗତ ଏକ ସପ୍ତାହ ଭିତରେ ଏହା ତୃତୀୟ ବଡ଼ କୋକେନ୍ ଜବତ ଘଟଣା।ମେ ୨୩ ତାରିଖରେ, ଆଡିସ୍ ଅବାବାରୁ ଆସିଥିବା ଏକ ଦମ୍ପତିଙ୍କୁ ମୁମ୍ବାଇ ବିମାନବନ୍ଦରରେ ଅଟକା ଯାଇଥିଲା । ପଚରାଉଚରା ସମୟରେ, ସେମାନେ ସ୍ୱୀକାର କରିଥିଲେ ଯେ ସେମାନେ ୧.୪୦ କିଲୋଗ୍ରାମ କୋକେନ୍ ଥିବା ୮୪ଟି କ୍ୟାପସୁଲ୍ ଖାଇଥିଲେ । ମେ ୧୯ ତାରିଖରେ, ଆଡିସ୍ ଅବାବାରୁ ଆସୁଥିବା ଜଣେ ଆଫ୍ରିକୀୟ ପୁରୁଷ ଓ ଜଣେ ମହିଳାଙ୍କୁ ବିମାନବନ୍ଦରରେ ଧରାପଡ଼ିଥିଲା । ଅଧିକାରୀମାନେ କହିଛନ୍ତି ଯେ, ସେମାନଙ୍କଠାରୁ ୪.୨୫ କୋଟି ଟଙ୍କା ମୂଲ୍ୟର ୮୫୦ ଗ୍ରାମ କୋକେନ୍ ଥିବା ମୋଟ ୬୩ଟି କ୍ୟାପସୁଲ୍ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି ।

## ଏସ୍ଆଇଆର୍ ବୈଧ

# ନାଁ କଟିବା ଅର୍ଥ ନାଗରିକତା ଶେଷ ନୁହେଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):**ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ଦ୍ୱାରା ଦେଶରେ କରାଯାଉଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର)କୁ ବେଧ ବୋଲି କହିଛନ୍ତି । ଇସିଆଇଙ୍କର ଏସ୍ଆଇଆର୍ କରିବାର ଅଧିକାର ଅଛି ଓ ଏହା କୌଣସି ବୈଧାନିକ କିମ୍ବା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରିନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବିହାରରେ ଭୋଟର ତାଲିକାର ଏସ୍ଆଇଆରକୁ ଚ୍ୟାଲେଞ୍ଜ କରି ଆଗତ ହୋଇଥିବା ଆବେଦନଗୁଡ଼ିକ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କର ରାୟ ପ୍ରଦାନ କରିଛନ୍ତି । ଏସ୍ଆଇଆର୍ ପ୍ରକ୍ରିୟା ଅନୁଯାୟୀ ଭୋଟର ତାଲିକାରୁ ନାମ ବାଦ୍ ଦେବା ନାଗରିକତା ନିର୍ଣ୍ଣୟ କରେ ନାହିଁ । ସୁପ୍ରିମକୋର୍ଟଙ୍କ ଏହି ରାୟ ଗୁରୁତ୍ୱପୂର୍ଣ୍ଣ କାରଣ ଆବେଦନକାରୀ ଓ ବିରୋଧୀ ଯୁକ୍ତି ଦେଇଥିଲେ ଯେ, ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଉଥିବା ଏସ୍ଆଇଆର୍ 'ବ୍ୟାକ୍ ଡୋର୍' ବା ତ୍ରୁଟିଯୁକ୍ତ ନାଗରିକତା ଯାଞ୍ଚ ପ୍ରକ୍ରିୟା ଥିଲାୟ ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଏସ୍ଆଇଆର୍ ଜରୁରୀ। ଆୟୋଗ ଭୋଟରଙ୍କ ନାଁ କାଟି ପାରିବ, କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଆଉ ଭାରତର ନାଗରିକ ନୁହଁନ୍ତି। ନାଗରିକତ୍ୱ ନିର୍ଣ୍ଣୟ ସହିତ ଏହାର କୌଣସି ସମ୍ପର୍କ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ



ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଚଳିତ ବର୍ଷ ଆରମ୍ଭରେ ଏକ ଦୀର୍ଘ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଥିଲେ ଓ ବୁଧବାର ଦିନ ତାଙ୍କର ନିଷ୍ପତ୍ତି ଶୁଣାଇଥିଲେ। ଆବେଦନଗୁଡ଼ିକ ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଉଥିବା ଏସ୍ଆଇଆର୍ କାର୍ଯ୍ୟର ବୈଧତା ଉପରେ ପ୍ରଶ୍ନ ଉଠାଇଥିଲେ । ଆବେଦନକାରୀମାନେ ଯୁକ୍ତି ଦେଇଥିଲେ ଯେ, ଏହି ପ୍ରକ୍ରିୟା ସମ୍ବିଧାନର ଧାରା ୩୨୬, ଜନପ୍ରତିନିଧିତ୍ୱ ଆଇନ, ୧୯୫୦ ଓ ଏହା ଅଧୀନରେ ପ୍ରଣୀତ ନିୟମ ଅନୁଯାୟୀ ଆୟୋଗଙ୍କ କ୍ଷମତା ବାହାରେ । ଏହି ରାୟ ଏସ୍ଆଇଆର୍ ପ୍ରକ୍ରିୟାର ବୈଧତାକୁ ଚ୍ୟାଲେଞ୍ଜ କରି ଆସିଥିବା ଅନେକ ଆବେଦନ ଉପରେ ଆସିଥିଲା ଯେଉଁଥିରେ ୨୦୦୨/୨୦୦୩ ନିର୍ବାଚନ ତାଲିକାରେ ନାମ ନଥିବା ଭୋଟରମାନଙ୍କୁ ସେହି ତାଲିକାରେ ନାମ ଥିବା ବ୍ୟକ୍ତିଙ୍କ ସହିତ ପୂର୍ବପୁରୁଷ ସମ୍ପର୍କ ସ୍ଥାପନ କରିବାକୁ ବାଧ କରାଯାଇଥିଲା ।

# ପ୍ରଧାନମନ୍ତ୍ରୀଙ୍କୁ ରାହୁଲ ଗାନ୍ଧୀଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):**ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳରେ ଅନିୟମିତତାକୁ ନେଇ ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାହୁଲ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ଏକ ପୋଷ୍ଟ କରି ଅଭିଯୋଗ କରିଛନ୍ତି ଯେ, ସିବିଏସ୍ଇ ପରୀକ୍ଷା ଫଳାଫଳରେ ବଡ଼ଧରଣର ହେରଫେର ହୋଇଛି, ଯାହା ଦେଶର ଲକ୍ଷ ଲକ୍ଷ ପିଲା ଓ ସେମାନଙ୍କ ଅଭିଭାବକଙ୍କୁ ବଡ଼ ଝଟ୍କା ଦେଇଛି। କିନ୍ତୁ ସବୁଥର ପରି ଏଥର ମଧ୍ୟ ମୋଦୀଙ୍କଠାରୁ କୌଣସି ଉତ୍ତର ନାହିଁ, ଉତ୍ତରଦାୟିତ୍ୱ ନାହିଁ କି ଲଜ୍ଜା ନାହିଁ ବୋଲି ରାହୁଲ ଲେଖିଛନ୍ତି। ଜାଣିଶୁଣି ଏପରି ଷଡ଼ଯନ୍ତ୍ର କରାଯାଇଛି ବୋଲି ରାହୁଲ ଅଭିଯୋଗ କରିବା ସହିତ ସିବିଏସ୍ଇ ଠିକା ଦିଆଯାଇଥିବା କମ୍ପାନି 'କୋଏମ୍ପ୍ଟ' ପୂର୍ବରୁ




୨୦୧୯ରେ ତେଲଙ୍ଗାନାରେ 'ଗୋଲବାରେନା' ନାଁରେ ଏପରି ଗଡ଼ବଡ଼ି କରିଥିବା ରାହୁଲ ଅଭିଯୋଗ କରିଛନ୍ତ। ଏଥର ନାଁ ବଦଳିଛି କିନ୍ତୁ ଉଦ୍ଦେଶ୍ୟ ସମାନ ରହିଛିୟ କମ୍ପାନିର ଇତିହାସ ସମସ୍ତେ ଜାଣି ମଧ୍ୟ ସେମାନଙ୍କ ସହିତ ଚୁକ୍ତି କରାଯାଇଛି । ୧.୮୫ ନିୟୁତ ପିଲାଙ୍କ ଭବିଷ୍ୟତ ଏପରି ଏକ ଦୁର୍ନୀତିଗ୍ରସ୍ତ କମ୍ପାନି ହାତକୁ ଟେକି ଦିଆଯାଇଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି । ରାହୁଲ ଏହି ପୋଷ୍ଟରେ କେତେଗୁଡ଼ିଏ ଗୁରୁତର ପ୍ରଶ୍ନ କରିଛନ୍ତି। ରାହୁଲ ତୁରନ୍ତ ଏସ୍ଆଇଟି ଗଠନ କରି ଏହି ଘଟଣାର ତଦନ୍ତ କରିବା ସହିତ ଏତେ ବଡ଼ ଦୁର୍ନୀତି ପଛରେ ଥିବା ପ୍ରକୃତ ଦୋଷୀକୁ ଧରିବାକୁ ଦାବି କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ରାହୁଲ କହିଛନ୍ତି ସିବିଏସ୍ଇର ଜେନ୍ ଜି କମ୍ରେଡ କେହି ତୁମର କଠିନ ପରିଶ୍ରମ କିମ୍ବା ତୁମର ଭବିଷ୍ୟତ ଚୋରି କରିପାରିବେ ନାହିଁ । ଆମେ ଏହି ଷଡ଼ଯନ୍ତ୍ରର ମୂଳ ଖୋଜିବା ଓ ଏହି ଦୁର୍ନୀତିକୁ ସବୁଦିନ ପାଇଁ ମୂଳପୋଛ କରିବୁ ।

# ୨୨% ଘରୋଇ ଉଡ଼ାଣ ବାତିଲ କଲା ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):** ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ହେଉଥିବା ଏୟାର ଇଣ୍ଡିଆ। ଘରୋଇ ରୁଟ୍ରେ ୨୨ ପ୍ରତିଶତ ଉଡ଼ାଣ ବାତିଲ କରିଛି । ଆସନ୍ତା ଜୁନରୁ ଅଗଷ୍ଟ ମଧ୍ୟରେ କମ୍ପାନିର ଉଡ଼ାଣ ହ୍ରାସ ପାଇବ । ଇନ୍ଧନ ଦର ଓ ପରିଚାଳନା ଖର୍ଚ୍ଚ ବୃଦ୍ଧିବାରୁ କେତେକ ରୁଟ୍ରେ ଉଡ଼ାଣ ହ୍ରାସ କରିବାକୁ କମ୍ପାନି ନିଷ୍ପତ୍ତି ନେଇଛି । ପୂର୍ବରୁ କମ୍ପାନି ଅନ୍ତର୍ଜାତୀୟ ରୁଟରେ ୨୭ ପ୍ରତିଶତ ଉଡ଼ାଣ ବାତିଲ କରିଥିଲା। ଉଡ଼ାଣ ବାତିଲ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଯାତ୍ରୀମାନଙ୍କୁ କମ୍ପାନି ବିକଳ୍ପ ସୁବିଧା ଯୋଗାଇଦେବ । ଏହା ଚାହିଦା ଓ ପରିଚାଳନା ଖର୍ଚ୍ଚ ଉପରେ ନଜର ରଖି ପରବର୍ତ୍ତୀ




ସମୟରେ ଉଡ଼ାଣ ବାଇବା ସମ୍ପର୍କରେ ନିଷ୍ପତ୍ତି ନେବୟ ପ୍ରତି ସପ୍ତାହରେ ଏୟାର ଇଣ୍ଡିଆ ହାରାହାରି ୪୪୦୦ ଉଡ଼ାଣ କରିଥାଏ। ସେଥିରୁ ୩୬୦୦ ଉଡ଼ାଣ ଦେଶ ଭିତରେ ଓ ୮୦୦ ଉଡ଼ାଣ ଅନ୍ତର୍ଜାତୀୟ ରୁଟରେ ହୋଇଥାଏ । ଇନ୍ଧନ ଦରବୃଦ୍ଧି ପାଇଁ କମ୍ପାନି ଉଭୟ ଦେଶ ଓ ବିଦେଶ ରୁଟରେ ଉଡ଼ାଣ କମ୍ କରିବାକୁ ବାଧ ହୋଇଛି । ଯେକୌଣସି ଏୟାରଲାଇନ୍ସ ପାଇଁ ଇନ୍ଧନ ଖର୍ଚ୍ଚ ସେମାନଙ୍କ ମୋଟ ଖର୍ଚ୍ଚର ଏକ ବଡ଼ ଭାଗ । ତେଣୁ ସେଥିରେ ଯେକେଣସି ପ୍ରକାର ବୃଦ୍ଧି କମ୍ପାନିର ରାଜସ୍ୱ ସଂଗ୍ରହକୁ ସିଧାସଳଖ ପ୍ରଭାବିତ କରିଥାଏ । ଗତବର୍ଷ ଅପରେସନ ସିନ୍ଦୂର ପରେ ପାକିସ୍ତାନ ଏହାର ବାୟୁସୀମାକୁ ଭାରତୀୟ ଏୟାରଲାଇନ୍ସ ପାଇଁ ବନ୍ଦ କରିଥିଲା । ତେଣୁ ୟୁରୋପକୁ ଯାଉଥିବା ବିମାନଗୁଡ଼ିକ ଲମ୍ବା ଦୂର ଯାତ୍ରା କରିବାକୁ ପଡୁଛି । ସେଥିପାଇଁ ଅଧିକ ତେଲ ଦରକାର ହେଉଛି । ଅନ୍ୟପକ୍ଷରେ ଚଳିତ ବର୍ଷ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଅଶୋଧିତ ତେଲ ଦର ୧୦୦ ଡଲାର ଉପରେ ରହୁଛି। ସେଥିପାଇଁ ବିମାନ ଇନ୍ଧନ ମୂଲ୍ୟରେ ବ୍ୟାପକ ବୃଦ୍ଧି ହୋଇଛି । କିଛି ମଧ୍ୟପ୍ରାଚ୍ୟ ଦେଶ ବାୟୁସୀମାରେ ମଧ୍ୟ କଟକଣା ଲଗାଇଛନ୍ତି । ତାହା ଭାରତୀୟ ଏୟାରଲାଇନଗୁଡ଼ିକ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି । ସେମାନେ ନିଜ ଅନ୍ତର୍ଜାତୀୟ ପ୍ରତିଯୋଗୀମାନଙ୍କ ସହ ପ୍ରତିଯୋଗିତା କରିପାରୁନାହାନ୍ତି। ସେଥିପାଇଁ ବିଭିନ୍ନ ଉପାୟରେ ଖର୍ଚ୍ଚକାଟ କରିବାକୁ ବାଧ ହେଉଛନ୍ତି ।

## କର୍ଣ୍ଣାଟକ ରାଜନୀତିରେ ବଡ଼ ହଲଚଲ

# ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ସିଦ୍ଧରମୈୟା !

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):** କର୍ଣ୍ଣାଟକ ରାଜନୀତିରୁ ଆସୁଛି ଏକ ବଡ଼ ଖବର । ରାଜ୍ୟ ରାଜନୀତିରେ ଏକ ବଡ଼ ଧରଣର ସଙ୍ଗଠନିକ ଓ ନେତୃତ୍ୱ ପରିବର୍ତ୍ତନର ସଙ୍କେତ ମିଳିଛି । ସୂଚନା ଅନୁଯାୟୀ, ଆସନ୍ତାକାଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜ ପଦରୁ ଇସ୍ତଫା ଦେଇପାରନ୍ତି । ଏହି ବଡ଼ ନିଷ୍ପତ୍ତି ପୂର୍ବରୁ ଆସନ୍ତାକାଲି ସକାଳେ ସେ ନିଜ ବାସଭବନରେ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ 'ବ୍ରେକଫାଷ୍ଟ ମିଟିଂ' ଡକାଇଛନ୍ତି । ଅନ୍ୟପଟେ, ଆଜି ସିଦ୍ଧାରମୈୟା ବେଙ୍ଗାଲୁରୁରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସ୍ଥିତି ସ୍ପଷ୍ଟ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାଜ୍ୟରେ ସୃଷ୍ଟି ହୋଇଥିବା ଏହି ସରଗରମ ପରିସ୍ଥିତି ମଧ୍ୟରେ କର୍ଣ୍ଣାଟକ କଂଗ୍ରେସ ପ୍ରଭାରୀ ରଣଦୀପ ସୁରଜେୱାଲା ବେଙ୍ଗାଲୁରୁରେ ପହଞ୍ଚି ସାରିଛନ୍ତି । ସେ ଦଳର ପ୍ରମୁଖ ନେତାମାନଙ୍କ ସହ ଘନ ଘନ ଆଲୋଚନା କରୁଥିବା ସୂଚନା ମିଳିଛି । ଯଦିଓ କଂଗ୍ରେସ ପକ୍ଷରୁ ଏହି ନେତୃତ୍ୱ ପରିବର୍ତ୍ତନ ସମ୍ପର୍କରେ କୌଣସି ଆନୁଷ୍ଠାନିକ ବା ଔପଚାରିକ ଘୋଷଣା କରାଯାଇ ନାହିଁ, ତଥାପି ଆସନ୍ତାକାଲି କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ମୋଡ଼ ଆସିବା ପ୍ରାୟ ନିଶ୍ଚିତ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି । ନିକଟରେ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ ଏବଂ ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ଏକ ହାଇ-ପ୍ରୋଫାଇଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସିଦ୍ଧାରମୈୟା, ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏବଂ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ଭେଣୁଗୋପାଳ ମଧ୍ୟ ସାମିଲ ଥିଲେ । କଂଗ୍ରେସ ଶୀର୍ଷ ନେତୃତ୍ୱ ଚାହୁଁଛନ୍ତି ଯେ ସିଦ୍ଧାରମୈୟା ଦେଶର ଜଣେ ପ୍ରମୁଖ OBC ଚେହେରା ଭାବେ ଜାତୀୟ ରାଜନୀତିରେ ସକ୍ରିୟ ହୁଅନ୍ତୁ । ତାଙ୍କୁ ରାଜ୍ୟସଭାକୁ ପଠାଇବା ସହ ନୂଆଦିଲ୍ଲୀରେ ଦଳର ଏକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେବା ପାଇଁ ହାଇକମାଣ୍ଡ ଆଶ୍ୱାସନା ଦେଇଛନ୍ତି । ସିଦ୍ଧାରମୈୟାଙ୍କ ଇସ୍ତଫା ଖବର ପରେ ଏବେ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ



ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି ଏବଂ ଆଶା ବଢ଼ି ଯାଇଛି । ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି ଯେ, ଯଦି ସିଦ୍ଧାରମୈୟା ପଦ ଛାଡନ୍ତି, ତେବେ ଡି.କେ. ଶିବକୁମାର କର୍ଣ୍ଣାଟକର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ସବୁଠାରୁ ଅଧିକ । ଏବେ ସମସ୍ତଙ୍କ ନଜର ଆସନ୍ତାକାଲି ହେବାକୁ ଥିବା କ୍ୟାବିନେଟ୍ ବୈଠକ ଏବଂ ହାଇକମାଣ୍ଡଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଉପରେ ରହିଛି ।

## ଜାତିସଂଘରେ ଭାରତର ଚେତାବନୀ

# ସୀମାପାର ଆତଙ୍କବାଦ ବନ୍ଦ କରୁ ପାକିସ୍ତାନ, ନହେଲେ ଭୋଗିବ ପରିଣାମ

**ନୂଆଦିଲ୍ଲୀ, ୨୭।୫(ଏଜେନ୍ସି):** ବୁଧବାର ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ମୁକ୍ତ ଆଲୋଚନାରେ ଭାରତର ସ୍ଥାୟୀ ପ୍ରତିନିଧି ରାଷ୍ଟ୍ରଦୂତ ହରୀଶ ପର୍ବଥାନେନୀ ପାକିସ୍ତାନକୁ କଡ଼ା ଭାଷାରେ ଚେତାବନୀ ଦେଇ କହିଛନ୍ତି ଯେ, ଇସଲାମାବାଦକୁ ଏହା ଭଲଭାବେ ବୁଝିବାକୁ ହେବ ଯେ ସୀମାପାର ଆତଙ୍କବାଦକୁ ପ୍ରଶ୍ରୟ ଦେଲେ ତା'ର ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ । ସ୍ୱାଧୀନତା ପରଠାରୁ ପାକିସ୍ତାନର ଇତିହାସ କେବଳ ଭାରତ ବିରୋଧରେ ହିଂସା ଉସକାଇବା ଏବଂ ଆତଙ୍କବାଦକୁ ପ୍ରୋତ୍ସାହନ ଦେବାରେ ହିଁ କଟିଛି । ପାକିସ୍ତାନର 'ଭାରତକୁ ରକ୍ତାକ୍ତ କରିବା' ରଣନୀତି ହିଁ ତା'ର ପ୍ରକୃତ ଚେହେରାକୁ ପଦାରେ ପକାଇ ଦେଇଛି । ତେଣୁ ଏଭଳି ସୀମାପାର ଆତଙ୍କବାଦରୁ ନିଜକୁ ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଭାରତର ରହିଛି । ସୁରକ୍ଷା ପରିଷଦରେ ଭାରତୀୟ ଦୂତ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ନିଜ ଗଠନ



କାଳରୁ ହିଁ ଧାରାବାହିକ ଭାବେ ଉଗ୍ରବାଦୀ ଶକ୍ତି, ଧାର୍ମିକ କଠୋରତା ଓ ହିଂସାତ୍ମକ ମୌଳବାଦକୁ ପୋଷଣ କରିଆସୁଛି । ସମ୍ପୂର୍ଣ୍ଣ ଆଇନଗତ ଏବଂ ଅପରିବର୍ତ୍ତନୀୟ ଭାବେ ଭାରତର ଅଙ୍ଗ(ଜମ୍ମୁକାଶ୍ମୀର) ପାଲଟିଥିବା ଭୂଖଣ୍ଡକୁ ହଡ଼ପ କରିବା ପାଇଁ ପାକିସ୍ତାନ ବାରମ୍ବାର ସାର୍ବଭୌମତ୍ୱ ଓ ଶାନ୍ତିପୂର୍ଣ୍ଣ ସହଅବସ୍ଥାନର ନିୟମକୁ ଉଲ୍ଲଂଘନ କରିଛି । ଗତ ସପ୍ତାହରେ ମଧ୍ୟ ଜାତିସଂଘର ଅନ୍ୟ ଏକ ଆଲୋଚନାରେ ପାକିସ୍ତାନ ଜାମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିବା ବେଳେ ଭାରତ ତାର କଡ଼ା ଜବାବ ଦେଇଥିଲା । ନିଜ ଦେଶରେ ଗଣସଂହାର ଭଳି କଳଙ୍କିତ ରେକର୍ଡ ରଖିଥିବା ପାକିସ୍ତାନ, ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ନଖେଳାଇ ସର୍ବପ୍ରଥମେ ନିଜ ମାଟିରୁ ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ସବୁଦିନ ପାଇଁ ବନ୍ଦ କରୁ ବୋଲି ଭାରତ ଜାତିସଂଘ ମଞ୍ଚରେ ଦାବି କରିଛ ।



## ଏନବିବିଏଲ୍ ପକ୍ଷରୁ ଭାରତ କନେକ୍ଟ ପ୍ଲାଟଫର୍ମରେ ଏକ ନିୟୁତ ଇ-ଚାଲାଣ କାରବାର ହାସଲ

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** ନ୍ୟାସନାଲ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସହାୟକ କମ୍ପାନି ଏନପିସି ଆଇ ଭାରତ ବିଲପେ ଲିମିଟେଡ୍ (ଏନବିବିଏଲ୍) ଏହାର ଭାରତ କନେକ୍ଟରେ ୬୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଏକ ନିୟୁତରୁ ଅଧିକ ଇ-ଚାଲାଣ କାରବାରକୁ ସଫଳତାର ସହ ସମ୍ପନ୍ନ କରିଛି। ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ହିମାଚଳ ପ୍ରଦେଶ ଓ ଦିଲ୍ଲୀ ଭଳି ରାଜ୍ୟର ଇ-ଚାଲାଣ ପେମେଂଟ୍ ଭାରତ କନେକ୍ଟ ଜରିଆରେ ପ୍ରକ୍ରିୟା କରଣ ହେଉଛି। ଭାରତ କନେକ୍ଟର ଇ-ଚାଲାଣ ବର୍ଗରେ ନାଗରିକ ମାନେ ସୁରକ୍ଷିତ, ଇଂରଟର ଅପରେ ବଲ ଓ ସହଜ ଲବ୍ଧ ପ୍ଲାଟଫର୍ମ ଜରିଆରେ ଟ୍ରାଫିକ ଚାଲାଣକୁ ଦେଖି ପାରୁଛନ୍ତି ଓ ପଇଠ କରି ପାରୁଛନ୍ତି। ନାଗରିକ ୟୁଟିଲିଟି ସେବା ପାଇଁ ଡିଜିଟାଲ ପେମେଂଟ ସମାଧାନର ବର୍ଦ୍ଧିତ ଗ୍ରହଣୀୟ ତାକୁ ଏହା ଦର୍ଶାଉଛି ଯାହା ଭାରତକୁ ଏକ ପୂର୍ଣ୍ଣଡିଜିଟାଲ ଅର୍ଥନୀତି ଆଡ଼କୁ ନେଉଛି।

ସେବା ଉପଲବ୍ଧ କରାଇଥିବା ରାଜ୍ୟ ଗୁଡ଼ିକ ମଧ୍ୟରେ ଶୁଭାରମ୍ଭ ପରଠାରୁ ୭,୦୦,୦୦୦ରୁ ଅଧିକ କାରବାରର ପ୍ରକ୍ରିୟା କରଣ ସହିତ ଆନ୍ଧ୍ରପ୍ରଦେଶ ଦୃଢ଼ ଗ୍ରହଣୀୟତା ଦେଖାଇଛି।ଏହା ପଛକୁ ରହିଛନ୍ତି ତେଲେଙ୍ଗାନା ଓ ଗୁଜରାଟ। ନିକଟରେ ଦିଲ୍ଲୀ ଓ ହରିୟାଣା ଯୋଡ଼ି ହୋଇଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ରାଜ୍ୟରେ ଏଥିରେ ସାମିଲ ହେବାକୁ ଯାଉଛନ୍ତି।

ଏ ସମ୍ପର୍କରେ ଏନବିବିଏଲ୍‌ର ଏମ୍‌ଡି ଓ ସିଇଓଡକ୍ଟର ନୁପୂର ଚତୁର୍ବେଦୀ କହିଛନ୍ତି ଯେ, 'ଭାରତ କନେକ୍ଟର ଇ-ଚାଲାଣ ବର୍ଗର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ଏହା ଏକ ନିୟୁତକାରବାରର ମାଇଲ ଖୁଂଟ ହାସଲକରିଛି। ଏହି ସଫଳତାଆମ ଉପରେ ଲୋକ ମାନେ ଯେଉଁ ଭରସା ପ୍ରକଟ କରିଛନ୍ତି ତାହାକୁ ଦର୍ଶାଉଛି ଏବଂ ଡିଜିଟାଲ ପ୍ରଥମ ସାର୍ବଜନୀନ ସେବା ଆଡ଼କୁ ଗ୍ରାହକଙ୍କ ଆଚରଣର ଏକ ସ୍ପଷ୍ଟ ପରିବର୍ତନର ପରିବର୍ତ୍ତନ ଏହା ସଙ୍କେତ ଦେଉଛି।

### ଅଲ ଓଡିଶା କଂଟ୍ରାକ୍ଟର ସୱେଲଫେୟାର ଆସୋସିଏସନ (ଏଓସିଡବ୍ଲୁଏ)ର ସାଧାରଣ ସଭା

## ଏଜିଏମରେ ଠିକାଦାରଙ୍କୁ ଦିଆଯାଇଥିବା ସରକାରୀ ଆଶ୍ୱାସନ ପୂରଣ ପାଇଁ ଦାବି

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** ଅଲ ଓଡିଶା କଂଟ୍ରାକ୍ଟର ସୱେଲଫେୟାର ଆସୋସିଏସନ (ଏଓସିଡବ୍ଲୁଏ ) ପକ୍ଷରୁ ଆଜି ଭୁବନେଶ୍ୱରର ଇନ୍‌ଷ୍ଟିଚ୍ୟୁସନ୍‌ଅଫ୍ ଇଞ୍ଜିନିୟର୍ସରେ ବାର୍ଷିକ ସାଧାରଣ ସଭା (ଏଜିଏମ) ୨୦୨୬ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ସଭାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଠିକାଦାର, ଜନପ୍ରତିନିଧି, ଆଇନ ବିଶେଷଜ୍ଞ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ସମ୍ପୃକ୍ତ ପକ୍ଷ ଅଂଶଗ୍ରହଣ କରିଥିଲେ। ଏଜିଏମରେ ଠିକାଦାର ସମାଜ ସମ୍ମୁଖୀନ ବିଭିନ୍ନ ସମସ୍ୟା, ଭିତ୍ତିଭୂମିର ଗୁଣବତ୍ତା, ସାଧାରଣ ଲୋକଙ୍କ ହିତ, ବକେୟା ଅର୍ଥ ପ୍ରଦାନ, ଟେଣ୍ଡର ନୀତି ସଂଶୋଧନ ଓ ସଂଘର ଭବିଷ୍ୟତ ରୂପ ରେଖା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବାର୍ଷିକ ସାଧାରଣ ସଭା ସମୟରେ ଅଲ ଓଡିଶା କଂଟ୍ରାକ୍ଟର ସୱେଲ ଫେୟାର ଆସୋସିଏସନ (ଏଓସିଡବ୍ଲୁଏ)ର ଏକ ନୂତନ କମିଟି ମଧ୍ୟ ଆଗାମୀ ତିନି ବର୍ଷ ପାଇଁ ସର୍ବସମ୍ମତି କ୍ରମେ ଗଠନ କରାଯାଇଥିଲା । ଏହି ନୂତନ କମିଟି ଠିକାଦାର କଲ୍ୟାଣ, ନୀତିଗତ ପ୍ରଚାର, ଗୁଣବତ୍ତା ପୂର୍ଣ୍ଣ ଭିତ୍ତିଭୂମି ଉନ୍ନତି ଓ ସଂଗଠନର ବିସ୍ତାର ପାଇଁ ସମୂହିକ ଭାବେ କାମ କରିବାକୁ ସଙ୍କଳ୍ପ ନେଇଥିଲା। ନବ ଗଠିତ କମିଟିରେ ଶ୍ରୀ ଜଗଦୀଶ ପାତ୍ର ସଭାପତି, ଶ୍ରୀ ଅଂଶୁଲପଟେଲ ଉପ-ସଭାପତି, ଶ୍ରୀ ବିଭୂତି ଭୂଷଣ ଜେନା ସାଧାରଣ ସମ୍ପାଦକ, ଶ୍ରୀ ଅଶୋକ କୁମାର ତରାଇ କୋଷାଧକ୍ଷ ଭାବେ ଚୟନ ହୋଇଛନ୍ତି। ସେହିପରି ଶ୍ରୀ ଦେବାଶିଷ ଦାଶ, ଶ୍ରୀ ଜ୍ୟୋତି ରଞ୍ଜନ ବେହେରା, ଶ୍ରୀସୁଶାନ୍ତ କୁମାର ନାୟକ ଓ ଶ୍ରୀ ସଞ୍ଜୟ କୁମାର ଜେନାଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଛି। ଏହା ସହ ଶ୍ରୀ ଅନୁପ କୁମାର ପଣ୍ଡା, ଶ୍ରୀଜୟନ୍ତ କୁମାର ସ୍ୱାଇଁ , ଶ୍ରୀ ବାପିନା କୁମାର ଶାନ୍ତି, ଶ୍ରୀ ସୌଭାଗ୍ୟ ମହାପାତ୍ର, ଶ୍ରୀ ମନୋଜ କୁମାର ନାୟକ ଓ ଶ୍ରୀ କପିଳ ଛାପୋଲାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସଭାକୁସମ୍ବୋଧନ କରି ଅଲଓଡିଶା କଂଟ୍ରାକ୍ଟର ସୱେଲଫେୟାର ଆସୋସିଏସନ (ଏଓସିଡବ୍ଲୁଏ)ର ସଭାପତି ଶ୍ରୀ ଜଗଦୀଶ ପାତ୍ର କହିଥିଲେ ଯେ, ଫେବୃଆରୀ ମାସରେ ଠିକାଦାର ମାନଙ୍କ ଆନ୍‌ଦୋଳନ ସମୟରେ ସରକାର ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ଆଶ୍ୱାସନ ଦିଆଯାଇଥିଲା, କିନ୍ତୁ ଏ




ପର୍ଯ୍ୟନ୍ତ ମୁଖ୍ୟ ବିଷୟ ଗୁଡ଼ିକରେ ଆବଶ୍ୟକ ସରକାରୀ ବିଜ୍ଞପ୍ତି ଜାରି ହୋଇନାହିଁ। ସେସ୍ମରଣ କରାଇଥିଲେ ଯେ, ସରକାର ଠିକାଦାରଙ୍କ ଦାବିକୁ ସକାରାତ୍ମକ ଭାବେ ବିଚାର କରି ସମାଧାନ କରିବେ ବୋଲି ଆଶ୍ୱାସନ ଦେବା ପରେ ଅଲଓଡିଶା କଂଟ୍ରାକ୍ଟର ସୱେଲଫେୟାର ଆସୋସିଏସନ (ଏଓସିଡବ୍ଲୁଏ) ଧର୍ମଘଟ ଓ ଆନ୍‌ଦୋଳନ ପ୍ରତ୍ୟାହାର କରିଥିଲା। କିନ୍ତୁ ମାସ ପରେ ମାସ ବିତିଯିବା ପରେ ମଧ୍ୟ ଠିକାଦାର ସମାଜ ଅନିଶ୍ଚିତତା ଓ ସମସ୍ୟାର ସମ୍ମୁଖୀନ ହେଉଛି। ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ମାନ୍ୟବର ବିଧାୟକ ଓଜନ ପ୍ରତିନିଧି ମାନଙ୍କ ମାଧ୍ୟମରେ ସଂଘ ପୁନର୍ବାର ସରକାରଙ୍କୁ ଶୀଘ୍ର ଠିକାଦାରଙ୍କୁ ଦିଆଯାଇଥିବା ଆଶ୍ୱାସନ ପୂରଣ ପାଇଁ ଅନୁରୋଧ କରିଥିଲା। ଏହି ବାର୍ଷିକ ସାଧାରଣ ସଭାରେ ମାନ୍ୟବର ବିଧାୟକ ଶ୍ରୀ ଇରାଶିସ ଆଚାର୍ଯ୍ୟ, ଶ୍ରୀ ରମେଶ ଚନ୍ଦ୍ର ଜେନା, ଶ୍ରୀ ବାବୁ ସିଂହ, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଓ ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ। ସେମାନେ ଠିକାଦାରଙ୍କ ଯୁକ୍ତି ସଙ୍ଗତ ସମସ୍ୟା ସମାଧାନ ଓ ଓଡ଼ିଶାର ଭିତ୍ତିଭୂମି ଉନ୍ନତିକୁ ଶକ୍ତିଶାଳୀ କରିବା ପାଇଁ ସହଯୋଗର ଆଶ୍ୱାସନ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଠିକାଦାରଙ୍କ ସମସ୍ୟା, ନୀତିଗତ ଚ୍ୟାଲେଞ୍ଜ, ବକେୟା ଅର୍ଥ ପ୍ରଦାନ, ଆଇନଗତ ସହାୟତା ଓ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଧିବେଶନରେ ଶ୍ରୀ ବିଜୟ କୁମାର ପଟ୍ଟନାୟକ, ଶ୍ରୀପି.କେ. ସ୍ୱାଇଁ (ପୂର୍ବତନଓ୍ୱାଟକୋସିଇଓ), ଶ୍ରୀ ପ୍ରବୋଧ ଚନ୍ଦ୍ର ନାୟକ (ହାଇକୋର୍ଟ ଆଇନଜୀବୀ), ଶ୍ରୀ ସନ୍ଦୀପ ମିଶ୍ର (ଗ୍ରୁପ୍‌ଏଡିଟର, ଓଡିଶାବାଇଟସ), ଶ୍ରୀ ଦିଲୀ ପପଟେଲ (ବରିଷ୍ଠ ଠିକାଦାର) ଓ ଶ୍ରୀ ସାକ୍ୟସିଂହ ମହାପାତ୍ର (ଉଦ୍‌ଯୋଗୀ ଓ ଦୁର୍ନୀତି ବିରୋଧୀ ସ୍ୱର ଉତ୍ତୋଳନ କାରୀ) ଭଲଶାସନ, ଭିତ୍ତିଭୂମିର ଗୁଣବତ୍ତା, ସ୍ୱଚ୍ଛତା, ଠିକାଦାର ସୁରକ୍ଷା ଓ ସ୍ଥାୟୀ ଉନ୍ନତି ବିଷୟରେ ନିଜ ମତପ୍ର କାଶ କରିଥିଲେ। ଅଲଓଡିଶା କଂଟ୍ରାକ୍ଟର ସୱେଲଫେୟାର ଆସୋସିଏସନ (ଏଓସିଡବ୍ଲୁଏ) ପୁନର୍ବାର ସ୍ପଷ୍ଟ କରିଥିଲା ଯେ ଠିକାଦାର ମାନଙ୍କ ସମସ୍ତ ଅଭିଯୋଗ ଓସ ମସ୍ୟାକୁ ଗୁରୁତ୍ୱର ସହ ନିଆଯିବ ଏବଂ ସଂଘ ପକ୍ଷରୁ ସମ୍ଭବ ସବୁ ପ୍ରକାର ସହଯୋଗ ଦିଆଯିବ। ସଂଘ ପକ୍ଷରୁ ଆସନ୍ତା ମାସରେ "ଓଡ଼ିଶା ଇନ୍‌ଫ୍ରାଷ୍ଟ୍ରକଚର କନକ୍ଲେଭ" ଆୟୋଜନ କରାଯିବ ବୋଲି ମଧ୍ୟ ଘୋଷଣା କରାଯାଇଥିଲା। ଏଥିରେ ନୀତିନିର୍ଦ୍ଧାରକ, ପ୍ରଶାସନିକ ଅଧିକାରୀ, ଉଦ୍‌ଯୋଗ ନେତା, ଠିକାଦାର, ଇଞ୍ଜିନିୟର ଓ ବିଭିନ୍ନ ସମ୍ପୃକ୍ତ ପକ୍ଷ ଯୋଗଦେଇ ଓଡ଼ିଶାର ଭିତ୍ତିଭୂମି ଉନ୍ନତିର ଭବିଷ୍ୟତ ଓ ସରକାର ଏବଂ ଭିତ୍ତିଭୂମି କ୍ଷେତ୍ର ମଧ୍ୟରେ ସକାରାତ୍ମକ ଆଲୋଚନାକୁ ଆହୁରି ଶକ୍ତିଶାଳୀ କରିବେ। ଶେଷରେ ଧନ୍ୟବାଦ ଜ୍ଞାପନ, ନେଟୱର୍କିଂ ମଧ୍ୟାହ୍ନ ଭୋଜନ ଓ ଗଣମାଧ୍ୟମ ସହ ଆଲୋଚନା ମାଧ୍ୟମରେ ଏଜି ଏମ ଶେଷ ହୋଇଥିଲା।

## ଟୟୋଟା କିର୍ଲୋସ୍କର ମୋଟର ବିଜଇନଟେଲ ହବ୍ ପାଇଁ ଏମଓୟୁ

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଆଜି ବାଙ୍ଗାଲୋରର କ୍ୱିନ ସିଟିରେ 'ଟିକେଏମ ବିଜଇନଟେଲ ହବ୍'ର ସ୍ଥାପନ ନିମନ୍ତେ କର୍ଣ୍ଣାଟକ ସରକାରଙ୍କ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ପଦକ୍ଷେପ ଇଞ୍ଜିନିୟରିଂ କ୍ଷମତା ଏବଂ ଡିଜିଟାଲ୍ ଉଦ୍ଭାବନକୁ ସୁଦୃଢ଼ କରିବା ପାଇଁ ଏକ ମଜବୁତ ସହଭାଗିତା ଏବଂ ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। କର୍ଣ୍ଣାଟକର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା, ରାଜ୍ୟ ସରକାରଙ୍କ ବୃହତ ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ଡକ୍ଟର ଏମ୍.ବି. ପାଟିଲ ଓ ଅନ୍ୟାନ୍ୟ ବରିଷ୍ଠ ମନ୍ତ୍ରୀଙ୍କ ସମେତ ଟୟୋଟା କିର୍ଲୋସ୍କର ମୋଟରର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୩୦୦ ଏକର ଜମିରେ ପରିବ୍ୟାପ୍ତ ଏହି ପ୍ରସ୍ତାବିତ ଟିକେଏମ ବିଜିନ୍‌ଟେଲ ହବ୍ ସମଗ୍ର ଯାତାୟାତ ସମାଧାନଗୁଡିକର ପରୀକ୍ଷଣ ଓ ମୂଲ୍ୟାୟନ, ସମସ୍ତ ବ୍ୟବସାୟିକ ପରିଚାଳନାରେ ଡିଜିଟାଲ ରୂପାନ୍ତରଣ ଏବଂ ଇଂଟେଲିଜେଂଟ ମାନୁଫ୍ୟାକ୍‌ଚରିଂ ପଦକ୍ଷେପର କାର୍ଯ୍ୟକାରିତା



ସମେତ ସମଗ୍ର ମୂଲ୍ୟ ଶୃଙ୍ଖଳାର ସାମଗ୍ରିକ ପ୍ରତିଯୋଗିତାମୂଳକ ସ୍ଥିତିକୁ ଉନ୍ନତ କରିବା ପାଇଁ ଏକାଧିକ ରଣନୈତିକ ଲକ୍ଷ୍ୟକୁ ଅନୁସରଣ କରିବ। ଏହି ଅବସରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା କହିଛନ୍ତି, 'କର୍ଣ୍ଣାଟକର ଅଭିବୃଦ୍ଧି ଯାତ୍ରାରେ ଟୟୋଟା କିର୍ଲୋସ୍କର ମୋଟର ଏକ ବିଶ୍ୱସ୍ତ ଦୀର୍ଘକାଳୀନ ସହଯୋଗୀ ରହିଆସିଛି। ଏହି ଏମଓୟୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି କାରଣ ଆମେ ଟେକ୍ନୋଲୋଜି-ଆଧାରିତ ନିବେଶକୁ ଆହୁରି ଗଭୀର କରିବା, ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ଏବଂ ସ୍ଥାୟୀ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛୁ। ଏହି ସହଭାଗୀତା ଏକ ବିଶ୍ୱସ୍ତରୀୟ ନିବେଶ ଗନ୍ତବ୍ୟସ୍ଥଳ ଭାବରେ କର୍ଣ୍ଣାଟକର ନେତୃତ୍ୱ ଏବଂ ଉଦ୍ଭାବନ-ଚାଳିତ ଅଭିବୃଦ୍ଧି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। 'ଟୟୋଟା କିର୍ଲୋସ୍କର ମୋଟରର ଅଧ୍ୟକ୍ଷ, ଏମ୍‌ଡି ଓ ସିଇଓ ଶ୍ରୀ ମାସାକାଜୁ ୟୋଶିମୁରା କହିଛନ୍ତି, 'ବିଗତ ବର୍ଷଗୁଡିକରେ ଆମ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କର୍ଣ୍ଣାଟକ ସରକାରଙ୍କ ନିରନ୍ତର ସମର୍ଥନ ଏବଂ ସହଯୋଗ ପାଇଁ ଆମେ କୃତଜ୍ଞ। ଟୟୋଟା ପାଇଁ ଭାରତ ସର୍ବଦା ଉଦ୍ଭାବନ ଏବଂ ସ୍ଥାୟୀ ଯାତାୟାତ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବା ପାଇଁ ଏକ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ବଜାର ରହିଆସିଛି। ଟିକେଏମ ବିଜଇନଟେଲ ହବ୍ ସମଗ୍ର ଯୋଗାଣ ଶୃଙ୍ଖଳା ବ୍ୟବସାୟରେ ପରୀକ୍ଷଣ ଏବଂ ମୂଲ୍ୟାଙ୍କନ ଗତିବିଧି,ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ଅଗ୍ରଗତି ଓ ସମଗ୍ର ଯୋଗାଣ ଶୃଙ୍ଖଳା ବ୍ୟବସାୟରେ ବୁଦ୍ଧିମାନ ଉତ୍ପାଦନ ଏବଂ ଦକ୍ଷ ପ୍ରତିଭାଙ୍କ ସହ ଭାରତର ମଜବୁତ ସୂଚନା ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମର ଉପଯୋଗକୁ ସମର୍ଥନ କରିବ। ଏହି ସହଭାଗୀତା ମାଧ୍ୟମରେ ଟୟୋଟା କିର୍ଲୋସ୍କର ମୋଟର ଏବଂ କର୍ଣ୍ଣାଟକ ସରକାର, ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଓ ଉଦ୍ଭାବନ-ଭିତିକ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରିବା ସହିତ ରଣନୈତିକ ଟେକ୍ନୋଲୋଜି ନିବେଶ ଏବଂ ଭବିଷ୍ୟତ ପ୍ରସ୍ତୁତ ପ୍ରତିଭାଙ୍କ ପାଇଁ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଟିକେଏମ ବିଜଇନଟେଲ ହବ୍ ପାଇଁ ପ୍ରସ୍ତାବିତ ସ୍ଥାନ ହେଉଛି ଡୋଡାବଲ୍ଲାପୁର-ଦବାସପେଟ ରାଜପଥ ନିକଟରେ ଅବସ୍ଥିତ କ୍ୱିନ (କେଡବ୍ଲ୍ୟୁଆଇଏନ) ସିଟି। ଏହା କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ବିକଶିତ ଏକ ସମନ୍ୱିତ ସ୍ମାର୍ଟ ସିଟି ପଦକ୍ଷେପ ଯାହା ଉଦ୍ଭାବନ, ସ୍ୱାସ୍ଥ୍ୟସେବା ଓ ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦେଇଥାଏ।

## ଜିଓର ନୂଆ ଓଟିଟି ପାସ୍: ମାତ୍ର ୨୦୦ ଟଙ୍କାରେ ୧୫ ଟି ପ୍ରିମିୟମ ଓଟିଟି ଆପ, ୧୦୦୦ରୁ ଅଧିକ ଟିଭି ଚ୍ୟାନେଲ୍ ଏବଂ ୩୦ଜିବି ଡାଟା

**ମୁମ୍ବାଇ, ୨୭।୫ (ନି.ପ୍ର):** ନିଜ ପସନ୍ଦର ବିଭିନ୍ନ ଓଟିଟି ଆପ୍ ପାଇଁ ବାରମ୍ବାର ରିଚାର୍ଜ କରିବାର ଅସୁବିଧାରୁ ମୁକ୍ତି ପାଇବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ଜିଓ ଏକ ସମ୍ପୂର୍ଣ୍ଣ ନୂତନ ଅଫର୍ ପ୍ରଚଳନ କରିଛି। କମ୍ପାନୀ ମାତ୍ର ୨୦୦ ଟଙ୍କାର ଏକ ନୂତନ 'ଜିଓ ଓଟିଟି ପାସ୍' ଶୁଭାରମ୍ଭ କରିଛି, ଯାହା ଗ୍ରାହକମାନଙ୍କୁ ୧୫ ଟି ପ୍ରିମିୟମ୍ ଓଟିଟି ଆପ୍, ୧୦୦୦ ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍, ୩୦ ଜିବି ହାଇ-ସ୍ପିଡ୍ ଡାଟା ଏବଂ ଅସୀମିତ ୫ଜି ସଂଯୋଗ ପ୍ରଦାନ କରୁଛି। ଏହି ପ୍ୟାକର ବୈଧତା ୨୮ ଦିନ ରହିଛି। ଏହି ପ୍ୟାକରେ ୟୁଟ୍ୟୁବ ପ୍ରିମିୟମ, ଜିଓହଟଷ୍ଟାର ମୋବାଇଲ + ହଲିଉଡ୍ ଏବଂ ପ୍ରାଇମ ଭିଡିଓ ମୋବାଇଲ ଏଡିସନ ଅନ୍ତର୍ଭୁକ୍ତ ରହିଛି। ଏହା ସହିତ ସୋନି ଲିଭ, ଜିଫାଇଭ, ଲାୟନ୍‌ସଗେଟ ପ୍ଲେ, ଡ଼ିସକଭରୀ ପ୍ଲସ, ସନ ନେକ୍ସଟ, ଫ୍ୟାନକୋଡ, ତରଙ୍ଗ ପ୍ଲସ, କଞ୍ଚା ଲଙ୍କା, ପ୍ଲାନେଟ ମରାଠୀ, ଚଉପାଲ, ହୋଇଚୋଇ ଏବଂ ଟାଇମ୍ସ ପ୍ଲେ, ଭଳି ଆଉ ୧୨ଟି ଅନ୍ୟ ଓଟିଟି ପ୍ଲାଟଫର୍ମକୁ ଜିଓଟିଭି ଆପ୍ସ ମାଧ୍ୟମରେ ପ୍ରବେଶ କରାଯାଇପାରିବ। ଗ୍ରାହକମାନେ ଜିଓଟିଭି ଆପରେ ୧୦୦୦ ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ ମଧ୍ୟ ଦେଖିପାରିବେ।

ଜିଓ ଅନୁଯାୟୀ, ଏହି ଅଫରରେ ଷ୍ଟାର, ସୋନି, ସନ୍ ଟିଭି ଏବଂ ଡ଼ିସକଭରୀ ଭଳି ନେଟୱାର୍କରୁ ବିଭିନ୍ନ ପ୍ରକାରର ମନୋରନ, ଚଳଚ୍ଚିତ୍ର, କ୍ରୀଡ଼ା ଏବଂ ଆଞ୍ଚଳିକ ଚ୍ୟାନେଲ ଅର୍ନ୍ତଭୁକ୍ତ ରହିଛି।

ଏହି ଅଫରର ଲାଭ ଉଠାଇବା ପାଇଁ, ଗ୍ରାହକମାନଙ୍କର ପୂର୍ବରୁ ଏକ ସକ୍ରିୟ ମୂଳ ଜିଓ ପ୍ଲାନ୍ ଥିବା ଆବଶ୍ୟକ। ସେହି ପୂର୍ବ ଆବଶ୍ୟକତା ପୂରଣ ହେବା ପରେ, ଗ୍ରାହକମାନେ ମାଇଁ ଜିଓ ଆପ୍, ଜିଓ ୱେବସାଇଟ ଔସକ୍ଟ.ମକ୍ଷଙ୍କ, ରିଟେଲ ଷ୍ଟୋର କିମ୍ବା ଅନ୍ୟାନ୍ୟ ତୃତୀୟ-ପକ୍ଷ ରିଚାର୍ଜ ଆପ୍ଲିକେସନ୍ ମାଧ୍ୟମରେ ୨୦୦ ଟଙ୍କା ଜିଓ ଓଟିଟି ପାସ୍ ସକ୍ରିୟ କରିପାରିବେ।

କମ୍ପାନୀ ଅନୁଯାୟୀ, ଏହି ପ୍ୟାକ୍ ବିଶେଷ ଭାବରେ ସେହି ଗ୍ରାହକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି ଯେଉଁମାନେ ଗୋଟିଏ ରିଚାର୍ଜ ମଧ୍ୟରେ ଏକ ବ୍ୟାପକ ସମାଧାନ ଭାବରେ ମନୋରନ, ଲାଇଭ୍ ଟିଭି ଏବଂ ଇଣ୍ଟରନେଟ୍ ଡାଟା ଏକ ଉତ୍ତମ ଓ ସୁଲଭ ସମିଶ୍ରଣ ଚାହୁଁଛନ୍ତି।

## ଜୁନ୍ ୧ ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପ୍ରବେଶିକା ପରୀକ୍ଷା

**କଟକ, ୨୭।୫ (ନି.ପ୍ର):** ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (CEE) ଆସନ୍ତା ଜୁନ ୧ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଲକାତା ନିଯୁକ୍ତି ଜୋନରେ, ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୭ ଟି ସହରର ୨୬ ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଓଡ଼ିଶା ପାଇଁ, ଏହି ପରୀକ୍ଷା କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ କରାଯିବାକୁ ସ୍ଥିର ହୋଇଛି । ଚଳିତ ମାସ ୧୫ ତାରିଖରୁ ୱେବସାଇଟରେ ପ୍ରବେଶ ପତ୍ର ଉପଲବ୍ଧ ହେଉଛି ଏବଂ ପ୍ରାର୍ଥୀମାନେ www.joinindianarmy.nic.in ରେ ଏହା ଡାଉନଲୋଡ୍ କରିପାରିବେ। ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ପ୍ରବେଶ ପତ୍ର ପାଇ ନାହାଁନ୍ତି ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ (ARO) ସହିତ ଯୋଗାଯୋଗ କରିପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ www.joinindianarmy.nic.in ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (CEE) ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ନିଯୁକ୍ତି ରାଲିର କାର୍ଯ୍ୟସୂଚୀ ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ମଧ୍ୟସ୍ଥି (ଦଲାଲ) ଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି।

## ଏସିଆନ୍ ପେଣ୍ଟ୍ସ୍ ପାଣି-ଦାଗ ସମସ୍ୟାର ମୁକାବିଲା କରିବାକୁ ଏସ୍ ଓ ଟ୍ରାକ୍ଟର ଏମଲ୍‌ସନ୍ସରେ ପ୍ରଚଳନ କଲା ଆର୍ଦ୍ରତା ନିରୋଧୀ ପ୍ରଯୁକ୍ତି

**ନୂଆଦିଲ୍ଲୀ, ୨୭।୫ (ନି.ପ୍ର) :** ବର୍ତ୍ତମାନର ବାସଗୃହ ମାଲିକମାନେ ଏଭଳି ଘର ଚାହୁଁଛନ୍ତି ତାହା କେବଳ ସୁନ୍ଦର ଦେଖାଯିବ ନାହିଁ, ତାହାସହିତ ଆରାମଦାୟକ ଅନୁଭବ ହେବ ଏବଂ ବର୍ଷ ବର୍ଷ ଧରି ଟିକ୍ଷି ରହିବ। ତେବେ ଅର୍ଥ ସଞ୍ଚୟକାରୀ ରଙ୍ଗ ବର୍ଗରେ ଅନେକ ସମୟରେ ଏଭଳି ଉତ୍ପାଦ ଖୋଜିବା କଷ୍ଟକର ହୋଇପଡୁଛି ଯାହା ସୁନ୍ଦର ଦେଖାଯାଏ, ମଜଭୁତ ପ୍ରଦର୍ଶନ ଦିଏ ଏବଂ ତାହାସହିତ ସୁଲଭ ହୋଇଥିବ। ସର୍ବାଧିକ ସାଧାରଣ ଚିନ୍ତାଗୁଡିକ ମଧ୍ୟରେ ରହିଛି କାନ୍ଥରେ ପାଣିର ଦାଗ, ଏହା ଏଭଳି ଏକ ପ୍ରସଙ୍ଗ ଯାହା ସୁରକ୍ଷଣାବେକ୍ଷଣ କରାଯାଉଥିବା ଏକ ଗୃହରୁ ନୀରବରେ ସୁନ୍ଦରତାକୁ ଦୂରେଇ ଦେଇ ପାରିବ। ଏହି ଆବଶ୍ୟକତା ପ୍ରତି ଦୃଷ୍ଟିଦେଇ ଏସିଆନ୍ ପେଣ୍ଟ୍ସ୍ ତାହାର ଲୋକପ୍ରିୟ ଏସ୍ ଏବଂ ଟ୍ରାକ୍ଟର ଏମଲ୍‌ସନ୍ସରେ ଆର୍ଦ୍ରତା-ନିରୋଧୀ ପ୍ରଯୁକ୍ତି ପ୍ରଚଳନ କରିଛି। ତାହାସହିତ ଏହି ଉତ୍ପାଦଗୁଡଇକ ମୁଖ୍ୟ ପ୍ରଦର୍ଶନଗତ ଦିଗଗୁଡିକ ଉପରେ ୪-ବର୍ଷର ୱାରାଣ୍ଟି ପ୍ରଦାନ କରୁଛି, ଯାହା ଦୀର୍ଘସ୍ଥାୟୀ ପ୍ରଦର୍ଶନ ସହିତ ମୂଲ୍ୟ ଏକତ୍ର ଯୋଗାଇ ଦେଉଛି। ଏସିଆନ୍ ପେଣ୍ଟ୍ସର ସର୍ବାଧିକ ବିଶ୍ୱସନୀୟ ଏବଂ ବହୁଳ ଭାବରେ ବ୍ୟବହାର କରାଯାଉଥିବା ବ୍ରାଣ୍ଡ ଏସ୍ ଓ ଟ୍ରାକ୍ଟର ଏମଲ୍‌ସନ୍ ଭରସାଯୋଗ୍ୟ ଗୁଣବତ୍ତା ଓ ଅର୍ଥ ସଞ୍ଚୟକାରୀ ବର୍ଗରେ ମୂଲ୍ୟ ଯୋଗାଇଦେଇ ବାସଗୃହ ମାଲିକ, ଡିଲର ଏବଂ ଠିକାଦାରମାନଙ୍କର ବିଶ୍ୱାସ ଜିତିପାରିଛି। ଏହି ବର୍ଗମାଳା ନିରନ୍ତର ଭାବରେ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବାକୁ ନୂତନ ନବସୃଜନଗୁଡିକ ପ୍ରଚଳନ କରୁଛି। ଏଥିମଧ୍ୟରେ ରହିଛି ଟ୍ରାକ୍ଟର ଓ ଏସ୍ ସ୍ମାର୍କ ବର୍ଗମାଳା, ଯାହା ଉତ୍ତମ ମୂଲ୍ୟ ପ୍ରଦାନ କରୁଛି ଏବଂ ଟ୍ରାକ୍ଟର ଓ ଏସ୍ ଶାଇନି ବର୍ଗ ବାସଗୃହଗୁଡିକ ନିମନ୍ତେ ଏକ ସୁଲଭ ପରିଦୃଶ୍ୟ ଫିନିଶ୍ ଦେଉଛି। ଆର୍ଦ୍ରତା-ନିରୋଧୀ ପ୍ରଯୁକ୍ତି ପ୍ରଚଳନ ସହିତ ଏସିଆନ୍ ପେଣ୍ଟ୍ସ୍




ବାସଗୃହ ମାଲିକମାନେ ସମ୍ମୁଖୀନ ହେଉଥିବା ଏକ ସର୍ବାଧିକ ସାଧାରଣ ଚାଲେଞ୍ଜର ସମାଧାନ ଦ୍ୱାରା ଏହି ପରମ୍ପରାକୁ ଆଗେଇ ନେଉଛି। ନୂତନ ପ୍ରଯୁକ୍ତି କାନ୍ଥରେ ପାଣିର ଦାଗ ଦେଖାଯିବାକୁ ରୋକିବାରେ ସହାୟତା କରୁଛି, ଏବଂ ଏଭଳି ଏକ ଫାଇଦା ଦେଉଛି ଯାହା ଉଭୟ ଦୃଶ୍ୟମାନ ଏବଂ ପୁନଃଭରସାଯୋଗ୍ୟ ହୋଇଛି। ଏହି ନବସୃଜନ ଜରିଆରେ କମ୍ପାନୀ ଅର୍ଥ ସଞ୍ଚୟକାରୀ ରଙ୍ଗ ବର୍ଗରେ ଗ୍ରାହକମାନଙ୍କ ମନକୁ ବୃହତ୍ତର ଶାନ୍ତି ଏବଂ ଦୀର୍ଘସ୍ଥାୟୀ ପ୍ରଦର୍ଶନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅନ୍ତର୍ଦୃଷ୍ଟିକୁ ଏକ ସରଳ ଓ ସମ୍ପର୍କିତ ଭାବରେ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ବ୍ରାଣ୍ଡ ଜଣେ ବାସଗୃହ ମାଲିକଙ୍କ ସମସ୍ୟା ଉପରେ ଆଲୋକପାତ କରୁଥିବା ଏକ ମଜାଦାର ଶୈଳୀରେ ନୂଆ ପ୍ରଚାର ଅଭିଯାନ ଶୁଭାରମ୍ଭ କରିଛି। ଏଥିରେ ବିଶିଷ୍ଟ ଅଭିନେତା ଗଜରାଜ ରାଓ ଏବଂ ବ୍ରିଜେନ୍ଦ୍ର କାଲା ଅଭିନୟ କରିଛନ୍ତି ଏବଂ ଚଳଚ୍ଚିତ୍ରରେ ଜଣେ ବାସଗୃହ ମାଲିକ ଜଣେ ଅତିଥିଙ୍କ ଚର୍ଚ୍ଚା କରୁଥିବା ପ୍ରଦର୍ଶିତ ହୋଇଛି, ଯେତେବେଳେ କି ଏକ ଅନିମନ୍ତ୍ରିତ ପାଣିର ଦାଗ ଉପସ୍ଥିତି ଦ୍ୱାରା ସମୁଦାୟ ପରିବେଶରେ ବାରମ୍ବାର ବ୍ୟାଘାତ ସୃଷ୍ଟି ହେଉଛି ଏବଂ ଏହି ଚଳଚ୍ଚିତ୍ରରେ ଏକ ଦୁଷ୍ଟାମି ଚରିତ୍ରକୁ ଜୀବନ୍ତ କରି ପ୍ରଦର୍ଶିତ କରାଯାଇଛି। ବାସଗୃହ ମାଲିକଜଣକ ଶାନ୍ତ ରହିବାକୁ ଚେଷ୍ଟା କରୁଥିବାବେଳେ ପାଣିର ଦାଗ ସର୍ବାଧିକ ଅସ୍ୱସ୍ତିକର ମୁହୂର୍ତ୍ତଗୁଡିକରେ ପୁଣି ଦେଖାଦେଉଛି ଏବଂ ଏକ ଅତ୍ୟନ୍ତ ମଜାଦାର ତଥା ସମ୍ପର୍କିତ ପରିସ୍ଥିତି ସୃଷ୍ଟି କରୁଛି। ଚଳଚ୍ଚିତ୍ରର ବର୍ଣ୍ଣନାରେ ଓଦା କାନ୍ଥଗୁଡିକ ଶୁଖିଯିବା ପରେ ସୃଷ୍ଟି ହେଉଥିବା ପାଣିର ଦାଗ ଦ୍ୱାରା ସୃଷ୍ଟି ଦୈନନ୍ଦିନ ଅସ୍ୱସ୍ତିକର ପରିବେଶକୁ ଧରିରଖିଛି, ଏବଂ ସେହି ସମୟରେ ଆର୍ଦ୍ରତା-ନିରୋଧୀ ପ୍ରଯୁକ୍ତି କିଭଳି ଏଭଳି ସମସ୍ୟାରୁ ଦୂରେଇ ରଖିବ ତାହା ପୁନଃସୁଦୃଢୀକରଣ କରୁଛି। ଅମିତ ସିଙ୍ଗଲେ, ଏମ୍‌ଡି ଓ ସିଇଓ, ଏସିଆନ୍ ପେଣ୍ଟ୍ସ୍ ଲିମିଟେଡ କହିଥିଲେ, 'ସମଗ୍ର ଭାରତରେ ଆମେ ଗ୍ରାହକଙ୍କ ଆଶା ଆକାଂକ୍ଷାରେ ଏକ ସ୍ପଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରୁଛୁ, ଯେଉଁଠାରେ ମୂଲ୍ୟ ବର୍ଗ ନିର୍ବିଶେଷରେ ପ୍ରଦର୍ଶନ ଓ ସୌନ୍ଦର୍ଯ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଉଛି। ଏସିଆନ୍‌ପେଣ୍ଟ୍ସରେ ଆମେ ନିରବଚ୍ଛିନ୍ନ ଭାବରେ ଗ୍ରାହକଙ୍କର ଆବଶ୍ୟକତାକୁ ବୁଝିଛୁ ଏବଂ ସମଗ୍ର ଭାରତରେ ନବୋନ୍ମେଷୀ ସମାଧାନଗୁଡିକ ସୁଲଭ୍ୟ କରାଇବାକୁ ପଦକ୍ଷେପ ନେଉଛୁ। ଏହି ବର୍ଗରେ ଆମର ଉତ୍ପାଦଗୁଡିକ ପ୍ରତି ମୁଖ୍ୟ ପ୍ରଦର୍ଶନଗତ ବୈଶିଷ୍ଟ୍ୟ ଉପରେ ୪-ବର୍ଷର ୱାରାଣ୍ଟିର ସମର୍ଥନ ରହିଛି।

## 'ଶିକ୍ଷା: ଏକ ଶକ୍ତିଶାଳୀ ଅସ୍ତ୍ର ଯାହାକୁ ଆପଣ ବିଶ୍ୱରେ ପରିବର୍ତ୍ତନ ଆଣିବାକୁ ବ୍ୟବହାର କରିପାରିବେ'

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ସମ୍ବଲପୁର ଜିଲ୍ଲାର ହୀରାକୁଦରେ ଉତ୍ତମ ଶିକ୍ଷା ଆହରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ଆର୍ଥିକ ବର୍ଷ ୨୦୨୫-୨୬ କାଳରେ କମ୍ପାନୀ କମ୍ ସେବା ପାଉଥିବା ଜନସମୁଦାୟଙ୍କର ଛାତ୍ର ଛାତ୍ରୀଙ୍କୁ ସମର୍ଥନ ଯୋଗାଇଦେବା ଲକ୍ଷ୍ୟରେ ବିଦ୍ୟାଳୟ ଭିତ୍ତିଭୂମି ପରିବର୍ଦ୍ଧନ, ଅତ୍ୟାବଶ୍ୟକ ଶିକ୍ଷା ଆହରଣ ସମ୍ବଳ ଯୋଗାଣ ଏବଂ ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହନ ଦ୍ୱାରା ଏକାଧିକ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନେଇଥିଲା। ଏହି ପ୍ରୟାସଗୁଡିକର ଅଂଶ ଭାବରେ ହିଣ୍ଡାଲ୍‌କୋ ୨୩ଟି ବିଦ୍ୟାଳୟରେ ୫,୧୦୦ରୁ ଅଧିକ ଛାତ୍ର ଛାତ୍ରୀଙ୍କୁ ବହି, ଖାତା ଏବଂ ବିଦ୍ୟାଳୟ ଉପକରଣ ବଣ୍ଟନ କରିଥିଲା। କମ୍ପାନୀ ମଧ୍ୟ ୧୩ଟି ବିଦ୍ୟାଳୟକୁ ୨୩୦ରୁ ଅଧିକ ଡୁଆଲ-ଡେସ୍କ ବେଞ୍ଚ ଯୋଗାଇ ଦେଇଥିଲା, ଯଦ୍ଦ୍ୱାରା ପ୍ରାୟ ୨,୫୦୦ ଉପକୃତ ହୋଇଥିଲେ। ଏହା ଶ୍ରେଣୀଗୃହ ଭିତ୍ତିଭୂମି ଏବଂ ସାମଗ୍ରିକ ଶିକ୍ଷା ଆହରଣ ପରିବେଶରେ ଉଲ୍ଲେଖନୀୟ ଉନ୍ନତି ଘଟାଇଥିଲା। ଏହି ସମସ୍ତ ପ୍ରୟାସର ପ୍ରଭାବ ସମ୍ପର୍କରେ ଆଲୋକପାତ କରି ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଶ୍ରୀ କରନ ଶର୍ମା କହିଥିଲେ, 'ଏହି ପରିମାଣର ସମର୍ଥନ- ପ୍ରୋଜେକ୍ଟ ଅନ୍ୱେଷା ଅଧୀନରେ ଡିଜିଟାଲ ଶ୍ରେଣୀଗୃହର ବିକାଶ ସାଧନ ଦ୍ୱାରା ସମସ୍ତ



୨୩ଟି ବିଦ୍ୟାଳୟରେ ଭିତ୍ତିଭୂମି ସୁଦୃଢ଼ କରୁଛି ଏବଂ ୫୦୦୦ରୁ ଅଧିକ ଛାତ୍ର ଛାତ୍ରୀଙ୍କ ନିକଟରେ ପହଞ୍ଚିଛି, ଯେଉଁଠାରେ ଶିକ୍ଷକ ନିଅଣ୍ଟ ମୁକାବିଲା କରିବା ନିମନ୍ତେ ଓଡ଼ିଶା ବୋର୍ଡ ଅନୁମୋଦିତ ପାଠ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି ଏବଂ ଏହା ଗ୍ରାମାଞ୍ଚଳରେ ସାମଗ୍ରିକ ଶିକ୍ଷା ଆହରଣ ପରିବେଶରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ଛାତ୍ର ଛାତ୍ରୀଙ୍କର ଅଂଶଗ୍ରହଣରେ ବୃଦ୍ଧି ଘଟାଇଛି। ଏଥିସହିତ ହୀରାକୁଦରେ ସମସ୍ତ ବିଦ୍ୟାଳୟକୁ ଫାଷ୍ଟ ଏଡ୍ କିଟ୍ ଯୋଗାଇ ଦିଆଯାଇଛି। ଏକ ଅନନ୍ୟ ପ୍ରୟାସ ଭାବରେ ଏକ ଇ-ଲାଇବ୍ରେରୀ ମଧ୍ୟ ସ୍ଥାପନ କରାଯାଇଛି। ସରକାରଙ୍କର ସମ୍ମିଶ୍ରିତ ଯୋଜନା ଅଧୀନରେ ଏବଂ ପୂର୍ବରୁ ମୋ ସ୍କୁଲ ଅଧୀନରେ ଦୁଇଟି ବିଦ୍ୟାଳୟରେ ପ୍ରାଚୀର ଏବଂ ଗୋଟିଏ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି। ଏହା ବ୍ୟତୀତ ତିନିଟି ନୂଆ ଶ୍ରେଣୀଗୃହ, ପାଇଖାନା ଏବଂ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚଳିତ ବର୍ଷ ୧୦ ଜଣ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ବୃତ୍ତି ପ୍ରଦାନ କରାଯାଇଛି। ଶ୍ରୀ ଶର୍ମା ପୁନଶ୍ଚ କହିଥିଲେ, 'ଛାତ୍ର ଛାତ୍ରୀଙ୍କୁ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ମଞ୍ଚ ଯୋଗାଇଦେବାକୁ ହିଣ୍ଡାଲ୍‌କୋ ଓଡ଼ିଶା ସରକାରଙ୍କର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ସୁରଭି' ଏବଂ ତାହାସହିତ ବାର୍ଷିକ କ୍ରୀଡା କାର୍ଯ୍ୟକଳାପକୁ ସମର୍ଥନ କରିଛି। ପ୍ରତିବର୍ଷ ନିକଟବର୍ତ୍ତୀ ବିଦ୍ୟାଳୟଗୁଡିକରୁ ଛାତ୍ର ଛାତ୍ରୀଙ୍କୁ ଅଂଶଗ୍ରହଣ, ପରସ୍ପର ମଧ୍ୟରେ ଭାବ ବିନିମୟ ଏବଂ ଚିନ୍ତାଧାରା ବିନିମୟ ନିମନ୍ତେ ଆମନ୍ତ୍ରଣ କରି ଶିଶୁ ଦିବସ ପାଳନ କରାଯାଉଛି, ଯେଉଁଥିରେ ପ୍ରତିବର୍ଷ ୩୦୦ରୁ ଅଧିକ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରୁଛନ୍ତି। କିଶୋରୀ ବାଳିକାମାନଙ୍କ ନିମନ୍ତେ ସଚେତନତା ଅଧିବେଶନ ଏବଂ ଅଗ୍ନି ନିରାପତ୍ତା ତାଲିମ ଜରିଆରେ ଏହା ୨୦୦୦ରୁ ଅଧିକ ଛାତ୍ର ଛାତ୍ରୀଙ୍କ ନିକଟରେ ପହଞ୍ଚିସାରିଛି।

## ଆମାଜନ ଡଟ୍ ଇନରେ ମେଗା କ୍ରିକେଟ ଫେଷ୍ଟିଭାଲର ଶୁଭାରମ୍ଭ

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** କ୍ରିକେଟ ସିଜନ ଏହାର କ୍ଲାଇମାକ୍ସରେ ପହଂଚିବା ସହିତ ଆମାଜନ ଡଟ୍ ଇନ ପକ୍ଷରୁ ମେଗା କ୍ରିଟେ ଫେଷ୍ଟିଭାଲର ଆରମ୍ଭ କରାଯାଇଛି ଯାହା କ୍ରିକେଟ ସାମଗ୍ରୀ, ଫିଟ୍‌ନେସ୍ ଗିୟର, ଫ୍ୟାନ ମର୍ଚାଣ୍ଡାଇଜ ଓ ହୋମ୍ ଏଂଟରଟେନମେଂଟ କ୍ଷେତ୍ରରେ ଉତ୍ସାହଜନକ ଡିଲ ପ୍ରଦାନ କରୁଛି। ମେଗା କ୍ରିକେଟ ଫେଷ୍ଟିଭାଲ ଇଭେଂଟ ଆର୍ସ। ମେ' ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଲାଇଭ୍ ରହିଛି। ଏହି ସମୟରେ ଗ୍ରାହକମାନେ ଏସଜି, ଡିଏସସି, କକାଟୁ, ବୋଲ୍ଡଫିଟ, ନିଭିଆ ଓ ପ୍ଲେଆର ଭଳି ଶୀର୍ଷ ବ୍ରାଣ୍ଡର ଏକ ବିସ୍ତୃତ ଏଆଇ-କ୍ୟୁରେଟେଡ ସିଲେକ୍ସ ସମେତ କ୍ରିକେଟ-ଅନୁପ୍ରାଣିତ ଆକ୍‌ସେସରି ଓ କଲେକ୍ଟିବୁଲ୍ସରୁ କ୍ରୟ କରିପାରିବେ। ମେଗା କ୍ରିକେଟ ଫେଷ୍ଟିଭାଲ ସମୟରେ ସ୍ପୋର୍ଟସ ଗିୟର, ମର୍ଚାଣ୍ଡାଇଜ, କଲେକ୍ଟିବୁଲ୍ସ, ଫିଟ୍‌ନେସ ଏସେନ୍ସିଆଲ ଓ ସ୍ମାର୍ଟ ଟିଭି ସେଟ୍‌ଅପ ଉପରେ ୭୦% ପର୍ଯ୍ୟନ୍ତ ରିହାତି ଉପଲବ୍ଧ ହେବ। ସେହିପରି ଗ୍ରାହକମାନେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡ ସହିତ ୫% କ୍ୟାଶବ୍ୟାକ ଏବଂ ନିର୍ଦ୍ଧିଷ୍ଟ ବ୍ୟାଙ୍କ କାର୍ଡ ଉପରେ ଅତିରିକ୍ତ ଅଫର ପାଇପାରିବେ। ଏହାବ୍ୟତୀତ ଗ୍ରାହକମାନେ ନିଜ ପସନ୍ଦର ଟିମ୍ ଦ୍ୱାରା ଅନୁପ୍ରାଣିତ ମର୍ଚାଣ୍ଡାଇଜ ଓ କଲେକ୍ଟିବୁଲ୍ସ ପାଇଁ ମଧ୍ୟ ସପିଂ କରିପାରିବେ। ମେଗା କ୍ରିକେଟ ଫେଷ୍ଟିଭାଲ ସମୟରେ ଉନ୍ନତ ଡିଲ ବ୍ୟତୀତ ଆମାଜନର ଏଆଇ-ପରିଚାଳିତ ସପିଂ ଟୁଲ ଗ୍ରାହକଙ୍କ ପାଇଁ ସଠିକ ଉତ୍ପାଦ ଖୋଜିବା ଅଧିକ ସହଜ କରିଛି। ଆମାଜନ ଏଆଇ-ପରିଚାଳିତ ସପିଂ ଟୁଲ - ରୁଫସ୍, ଲେନ୍ସ ଏଆଇ, ରିଭ୍ୟୁ ହାଇଲାଇଟ ଓ ପ୍ରାଇସ ହିଷ୍ଟ୍ରୀ ଆଦି ଏହି କ୍ରିକେଟ ଋତୁରେ ଗ୍ରାହକଙ୍କୁ ଆତ୍ମବିଶ୍ୱାସର ସହ ଉତ୍ପାଦ ଅନ୍ୱେଷଣ, ତୁଳନା ଓ କ୍ରୟ କରିବାରେ ସାହାଯ୍ୟ କରୁଛନ୍ତି। ଗ୍ରାହକମାନେ ଏହି ସପିଂ ଫେଷ୍ଟିଭାଲ ସମୟରେ କକାଟୁ ଡେଷ୍ଟ୍ରକ୍ଟର କମ୍ପ୍ଲିଟ୍ କ୍ରିକେଟ ବ୍ୟାଟ, ଜାସ୍‌ପୋ ସ୍ଲଗ ପ୍ଲାଷ୍ଟିକ ଟେନିସ କ୍ରିକେଟ ବ୍ୟାଟ, ଏସଜି ସକର କ୍ଲାସିକ କ୍ରିକେଟ ବ୍ୟାଟ, ଡିଏସସି ପ୍ରିମିୟମ କମ୍ପ୍ଲିଟ କ୍ରିକେଟ କିଟ ସହ ହେଲମେଟ, ଡିଏସସି ବିମର କ୍ରିକେଟ ସୁ ଆଦି ଉପରେ ଆକର୍ଷଣୀୟ ରିହାତି ପାଇବେ। ଏହାବ୍ୟତୀତ ବୋଲ୍ଡଫିଟ ରୟାଲ ଚାଲେର୍ସ ବେଙ୍ଗାଲୁରୁ ଅଫିସିଆଲ ମର୍ଚାଣ୍ଡାଇଜ ୱେଟଲିଫ୍ଟିଂ ବେଲ୍ଟ (୫୯୯ ଟଙ୍କା), ବୋଲ୍ଡଫିଟ ଲିକ୍‌ପ୍ରୁଫ ସେକର ଫର୍ ଜିମ (୧୨୯ ଟଙ୍କା), ଶୁଭମନ ଗିଲ ଷ୍ଟାଇଲିଶ ପ୍ରିଂଟେଡ ଆଲୁମିନିୟମ ସିପର ବଟଲ (୨୯୯ ଟଙ୍କା), ନିଭିଆଞ୍ଚପାବ କିଙ୍ଗ୍‌ସ ଇଭା ଯୋଗା ମ୍ୟାଟ(୬୯୯ ଟଙ୍କା), ନିଭିଆଞ୍ଚପାବ କିଙ୍ଗସ ସ୍କରପିଅନ ଜିମ ଗ୍ଲୋଭସ(୩୯୯ ଟଙ୍କା), ପ୍ଲେଆର ଞ୍ଚ ଚେନ୍ନାଇ ସୁପର କିଙ୍ଗସ ୟୁନିସେକ୍ସ କଶ୍ମୀର ୱିଲୋ ବ୍ୟାଟ(୨୬୨୫ ଟଙ୍କା), ପ୍ଲେଆର ଞ୍ଚ ସିଏସକେ କିଟ୍‌ବ୍ୟାଗ (୫୧୯୯ ଟଙ୍କା) ଆଦି ଉପଲବ୍ଧ ରହିଛି। ସେହିପରି ବିରାଟ କୋହଲି ବବଲହେଡ, ପ୍ୟୋର ନ୍ୟୁଟ୍ରିସନ ସିଏସକେ ସିଗ୍ନେଚର ମିନି କଲେକ୍ଟିବୁଲ କ୍ରିକେଟ ବ୍ୟାଟ, ଆରସିବି ୱାଲ ପୋଷ୍ଟର ଫ୍ରେମ ୱିଥ୍ ଗ୍ଲାସ, ଟେନରଆର୍ଟସ ବିରାଟ କୋହଲି ପୋଷ୍ଟର ଆରସିବି ଚାମ୍ପିଅନ ପୋଷ୍ଟର, ଟେନରଆର୍ଟସ ହାର୍ଦ୍ଦିକ ପାଣ୍ଡ୍ୟା ଇଣ୍ଡିଆନ ପୋଷ୍ଟର, ପ୍ଲେଆର ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାକ କୁଶନ ଭଳି ଫ୍ୟାନ ମର୍ଚାଣ୍ଡାଇଜ ଓ କଲେକ୍ଟିବୁଲ ଆକର୍ଷଣୀୟ ରିହାତିରେ ଉପଲବ୍ଧ ହେଉଛି। କ୍ରିକେଟ ଋତୁରେ ଉନ୍ନତ ମ୍ୟାଚ୍‌ଡେ ଦୃଶ୍ୟତା ଅନୁଭୂତି ପାଇଁ ଗ୍ରାହକମାନେ ସାଓମି ୫୫ ଇଂଚ ୪କେ ଟିଭି, ଆମାଜନ ଏକୋ ଡଟ୍, ଆମାଜନ ଫାୟାର ଟିଭଟ ଷ୍ଟିକ୍ ଏଚଡି, ଗ୍ରୀନ ସୋଲ ଲେଜ ୨.୦ ସିଙ୍ଗଲ ସିଟର ମାନୁଆଲ ରିକ୍ଲାଇନର ସୋଫା ଆଦି ସୁଲଭ ମୂଲ୍ୟରେ କ୍ରୟ କରିପାରିବେ।



# ଓଡିଶା ଇଲେକ୍ଟ୍ରିକାଲ ଇଞ୍ଜିନିୟର୍ସ ଆସୋସିଏସନର ସଭା



**କଟକ,୨୭।୫ (ନି.ପ୍ର) :** ଓଡିଶା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର୍ସ ଆସୋସିଏସନ୍ (ସେଂଟ୍ରାଲ ଜୋନ)ର ଏକ ଗୁରୁତ୍ୱପୂର୍ଣ୍ଣ ସଭା ସଂଘର ମହାସଚିବ ଇଂ ବିଭୁ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଦୋଳମୁଣ୍ଡାଇସ୍ଥିତ ଶ୍ରୀ ଜଗନ୍ନାଥ ହୋଟୋଲରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଟିପିସିଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ ଓ ଟିପିଏନଓଡିଏଲର ବହୁ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ। ସଭାରେ ଟାଟା ପାୱାରର ମନମୁଖୀ କାର୍ଯ୍ୟ ପ୍ରତିବାଦରେ ବିଭିନ୍ନ ବିଦ୍ୟୁତ ବଂଟନ କମ୍ପାନୀମାନଙ୍କରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଗଭୀର ଆଲୋଚନା କରାଯାଇଥିଲା। ଯଦି ଏହି ସମସ୍ୟା ଗୁଡିକର ଯଦି ଶୀଘ୍ର ସମାଧାନ କରାନଯାଏ, ତାହାଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ସଭାରେ ଇଂ ଇରତମାଳ ମିଶ୍ର, ଇଂ ଆଶୁତୋଷ ପଣ୍ଡା, ଇଂ ଗୌରାଙ୍ଗ ମଣ୍ଡଳ, ଇଂ ଦେବାଶିଷ ମହାପାତ୍ର, ଇଂ ଧୀରେନ୍ଦ୍ର ଶତପଥୀ ଓ ଇଂ ଉମାଶଙ୍କର ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# CHCDS ଯୋଜନାରେ କଟକ ଜିଲ୍ଲାର ଟେରାକୋଟା ହସ୍ତଶିଳ୍ପ କାରିଗରଙ୍କୁ ଆଧୁନିକ ଯନ୍ତ୍ରପାତି ବଣ୍ଟନ

**କଟକ, ୨୭।୫ (ନି.ପ୍ର):** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାରଙ୍କ ଅଧୀନସ୍ଥ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, କଟକ ତରଫରୁ କମ୍ପେହେନ୍ସିଭ ହାଣ୍ଡିକ୍ରାଫ୍ଟସ କ୍ଲଷ୍ଟର ଡେଭଲପମେଣ୍ଟ ସ୍କିମ (ଉଐଉଉଝ) ଯୋଜନା ଅନ୍ତର୍ଗତ କଟକ ଜିଲ୍ଲାର ବିଭିନ୍ନ ବ୍ଲକର ଟେରାକୋଟା ହସ୍ତଶିଳ୍ପ କାରିଗରମାନଙ୍କ ଉନ୍ନତି ଓ ଆର୍ଥିକ ସଶକ୍ତିକରଣ ଉଦ୍ଦେଶ୍ୟରେ ନିଶ୍ଚିତକୋଇଲି ବ୍ଲକର ଗଡ଼ମା ଠାରେ ଏକ ଆଧୁନିକ ଯନ୍ତ୍ରପାତି ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଟେରାକୋଟା କାରିଗରମାନଙ୍କ ଉତ୍ପାଦନ କ୍ଷମତା ବୃଦ୍ଧି, ଉତ୍ପାଦିତ ସାମଗ୍ରୀର ଗୁଣାତ୍ମକ ମାନ ସୁଦୃଢ଼ କରିବା ସହ ଆଧୁନିକ ପ୍ରଯୁକ୍ତି ସହ ସମନ୍ୱୟ ସୃଷ୍ଟି କରିବା ଲକ୍ଷ୍ୟରେ ବିଭିନ୍ନ ଆଧୁନିକ ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା । ଏହା ଦ୍ୱାରା କାରିଗରମାନେ ନିଜ ଉତ୍ପାଦନକୁ ଅଧିକ ସୁନିୟୋଜିତ ଓ ବଜାର ଉପଯୋଗୀ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, କଟକର ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଶ୍ରୀ ସୁଶାନ୍ତ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ, କଟକର ହସ୍ତଶିଳ୍ପ ବିକାଶ ଅଧିକାରୀ ଶ୍ରୀ ମାନସ ରଞ୍ଜନ ସେଠୀ, ଶ୍ରୀମତୀ ଦୀପ୍ତିମୟୀ ପ୍ରଧାନ ଓ ସୁଶ୍ରୀ ସ୍ୱାଗତିକା ନାୟକଙ୍କ ସମେତ ଡିସି, ହ୍ୟାଣ୍ଡିକ୍ରାଫ୍ଟସ୍ ?, ଭୁବନେଶ୍ୱରର ହସ୍ତଶିଳ୍ପ ବିକାଶ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଉପସ୍ଥିତ କାରିଗରମାନେ ସରକାରଙ୍କ ଏହି ଲୋକାଭିମୁଖୀ ପଦକ୍ଷେପକୁ ସ୍ୱାଗତ କରିବା ସହ ଏହା ତାଙ୍କର କାର୍ଯ୍ୟଦକ୍ଷତା, ଉତ୍ପାଦନ ମାନ ଓ ଆୟ ବୃଦ୍ଧିରେ ଦୂରଗାମୀ ପ୍ରଭାବ ପକାଇବ ବୋଲି ମତ ପ୍ରକାଶ କରିଥିଲେ ।



# କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିରରେ ମଞ୍ଜି ସଂଗ୍ରହ ଅଭିଯାନ



**କଟକ, ୨୭।୫ (ନି.ପ୍ର) :** ବାୟୁମଣ୍ଡଳରେ ପ୍ରଦୂଷଣ ଯୋଗୁଁ ସମଗ୍ର ପରିବେଶ ସନ୍ତୁଳନ ଭାର ହରାଇ ବସିବାରେ ଲାଗିଲାଣି । ଯଦି ମଣିଷ ସମାଜ ଏବେଠାରୁ ଏଥିପ୍ରତି ସଜାଗ ନରହିବ ତାହାଲେ ଏହି ସମାଜ ଦିନେ ଲୋପ ପାଇଯିବ ବୋଲି ପରିବେଶବିତ ଚେତାବନୀ ଦେଇଛନ୍ତି । ଏହାକୁ ରୋକିବା ପାଇଁ ବୃକ୍ଷରୋପଣର ନିତ୍ୟାନ୍ତ ଆବଶ୍ୟକ ରହିଛି । ବର୍ତମାନ ବୃକ୍ଷରୋପଣ ନିମନ୍ତେ ସରକାରୀ ସ୍ତରରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ ମାନେ ଏହି ଦିଗରେ ଆଗେଇ ଆସିଲେଣି । ଏହି ଅବସରରେ ଆଜି (ବୁଧୁବାର) ଚାନ୍ଦିନିଚୌକସ୍ଥିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟାମନ୍ଦିର ଏବଂ ସୂର୍ଯକ୍ଷେତ୍ର ଫାଉଣ୍ଡେସନ ଓ ବିଶ୍ୱ ବିଜେତା ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ମଞ୍ଜି ସଂଗ୍ରହ ଅଭିଯାନ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ମଞ୍ଜିରୁ ଚାରା ସୃଷ୍ଟି କରି ଆଗାମୀଦିନ ମାନଙ୍କରେ ସହରର ବିଭିନ୍ନ ପ୍ରାନ୍ତରେ ୫ଶହରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯିବ ବୋଲି ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ତଥା ପ୍ରଧାନ ଶିକ୍ଷକ ଚିତରଞ୍ଜନ ପାଢ଼ୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

# ଜୁନ୍ ୧ ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ପ୍ରବେଶିକା ପରୀକ୍ଷା

**କଟକ, ୨୭।୫ (ନି.ପ୍ର):** ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (CEE) ଆସନ୍ତା ଜୁନ ୧ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କୋଲକାତା ନିଯୁକ୍ତି ଜୋନରେ, ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ୧୭ ଟି ସହରର ୨୬ ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଓଡ଼ିଶା ପାଇଁ, ଏହି ପରୀକ୍ଷା କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ କରାଯିବାକୁ ସ୍ଥିର ହୋଇଛି । ଚଳିତ ମାସ ୧୫ ତାରିଖରୁ ୱେବସାଇଟରେ ପ୍ରବେଶ ପତ୍ର ଉପଲବ୍ଧ ହେଉଛି ଏବଂ ପ୍ରାର୍ଥୀମାନେ www.joinindianarmy.nic.in ରେ ଏହା ଡାଉନଲୋଡ୍ କରିପାରିବେ । ସଫଳତାର ସହ ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ପ୍ରବେଶ ପତ୍ର ପାଇ ନାହାଁନ୍ତି ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ (ARO) ସହିତ ଯୋଗାଯୋଗ କରିପାରିବେ । କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ www.joinindianarmy.nic.in ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (CEE) ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ନିଯୁକ୍ତି ରାଲିର କାର୍ଯ୍ୟସୂଚୀ ବିଷୟରେ ସୂଚିତ କରାଯିବ । ପ୍ରାର୍ଥୀମାନଙ୍କୁ କୌଣସି ମଧ୍ୟସ୍ଥି (ଦଲାଲ) ଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି । ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ପ୍ରାର୍ଥୀମାନେ ସେମାନଙ୍କର ନିକଟତମ / ପ୍ରାସଙ୍ଗିକ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ପଞ୍ଜିକରଣ ସମୟ ୧୦ ଏପ୍ରିଲ୍ ୨୦୨୬ ରେ ଶେଷ ହୋଇଥିଲା ।

# ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ, ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ଏବଂ 'ସାଇପୋ'ର ମିଳିତ ଆନୁକୁଲ୍ୟରେ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



**ଭୁବନେଶ୍ୱର, ୨୭।୫ (ନି.ପ୍ର):** ସ୍ଥାନୀୟ ବାଲକାଟି ସ୍ଥିତ ନିର୍ମାଣ କନଫରେନ୍ସ ହଲ୍‌ଠାରେ ଏକ ଭବ୍ୟ ପ୍ରତିଭା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ, ଅରବିନ୍ଦ ୟୁଥ୍ ଆଣ୍ଡ ସୋସିଆଲ ଚାରିଟେବୁଲ ଟ୍ରଷ୍ଟ ଏବଂ 'ସାଇପୋ'ର ମିଳିତ ଆନୁକୁଲ୍ୟରେ '୯ମ ଗୀତାଞ୍ଜଳି ପ୍ରତିଭା ସମ୍ମାନ', '୮ମ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ-୨୦୨୬' ଓ '୮ମ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ-୨୦୨୬' ମହା ସମାରୋହରେ ସମ୍ପନ୍ନ ହୋଇଛି । ଏହି ଉତ୍ସବରେ ଗୀତାଞ୍ଜଳୀ ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ଯୋଗଦେଇ ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ । ଡ. ଢ଼ାଲି ନିଜ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ଓ ଶିକ୍ଷକମାନେ ହିଁ ସମାଜର ପ୍ରକୃତ ମେରୁଦଣ୍ଡ ଏବଂ ଗ୍ରାମାଞ୍ଚଳର ଏଭଳି ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ଟ୍ରଷ୍ଟର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ଏବଂ ଶିକ୍ଷା କ୍ଷେତ୍ରରେ ଅନନ୍ୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲିପାଟଣା ଓ ବାଲିଅନ୍ତା ବ୍ଲକର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଇ୧ ଗ୍ରେଡ୍ ରଖିଥିବା ୧୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ ସହ ଶିକ୍ଷାଦାନ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା ପାଇଁ ୧୦ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ 'ଆଦର୍ଶ ଶିକ୍ଷକ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଅଞ୍ଚଳର ଦୁଇଟି ବିଦ୍ୟାଳୟକୁ ସେମାନଙ୍କର ଉତ୍କୃଷ୍ଟ ଶିକ୍ଷାବ୍ୟବସ୍ଥା ପାଇଁ 'ଆଦର୍ଶ ବିଦ୍ୟାଳୟ ସମ୍ମାନ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣ ବେହେରା, ଏସପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ କାଉନସେଲର ସୁଶ୍ରୀ ସୁସରିତା ବାରିକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବାଲକାଟି ବିଜେପି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ ଏବଂ ନିର୍ମାଣ ଏଜୁକେସନ ଟ୍ରଷ୍ଟର ଅଧ୍ୟକ୍ଷ ସିଦ୍ଧ ?ଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରତିଭାମାନଙ୍କୁ ସେମାନଙ୍କର ଶୁଭେଚ୍ଛା ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଶୁଭ୍ରଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାସଭା



**ରାୟଗଡ଼ା, ୨୭।୫ (ନି.ପ୍ର):** ରାୟାଗଡା ଜିଲ୍ଲା ବିଜେପି ଦଳର ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାସଭା ଆରମ୍ଭ ହୋଇଛି । ରାୟଗଡ଼ା ସହରର ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ ସଭାପତିତ୍ୱ ରିଭିକାର୍ଯ୍ୟକ୍ରମ୍ ର ଶୁଭାରମ୍ଭ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଅନୁସୂଚିତଜାତି , ଜନଜାତି କଲ୍ୟାଣ , ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ବିଜେପି ଉପ ସଭାପତି ରମେଶ ଚନ୍ଦ୍ର ସାହୁ , ବିଜେପି ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ , ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା , ଜିଲ୍ଲା ବିଜେପି ମହିଳାମୋର୍ଚ୍ଚା ସଭାନେତ୍ରୀ କୋରଡ଼ା ରଞ୍ଜୀତା ,ଜିଲ୍ଲା ସମ୍ପାଦକ ଦେବାଶିଷ ପଣ୍ଡା ,ସାଧାରଣ ସମ୍ପାଦକ ପୃଥିବୀ ରାଜ ଧନପତି ଓ ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଅଛନ୍ତି ରାୟଗଡ଼ା ଜିଲ୍ଲାରେ ବିଜେପିର ସାଙ୍ଗଠନିକ ଶକ୍ତି ର ଅଭିବୃଦ୍ଧି ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ଏହି ପ୍ରଶିକ୍ଷଣ ରେ ଯୋଗଦାନ କରିଛନ୍ତି । ବିଜେପି ଦଳ ର ରାଷ୍ଟ୍ରବାଦୀ ଚିନ୍ତାଧାରା,ଆଦେଶ କୁ ତୃଣ ମୂଳ ସ୍ତରର ନେତା ମାନଙ୍କ ନିକଟ ରେ ପହଞ୍ଚାଇବା ଏହାର ମୂଳ ଉଦ୍ଦେଶ୍ୟ ।

# କିଟ୍ ଦ୍ୱାରା ବିକଶିତ ବନ୍ୟପ୍ରାଣୀ ମନିଟରିଂ ଡିଭାଇସ୍ ଡିଜାଇନକୁ ମିଳିଲା ପେଟେଣ୍ଟ

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** ପ୍ରଯୁକ୍ତିବିଦ୍ୟା-ଚାଳିତ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି, 'ଇଣ୍ଟେଲିଜେଣ୍ଟ ସେନ୍ସର ଡିଭାଇସ୍ ଫର୍ ଅଟୋମେଟେଡ୍ ୱାଇଲ୍ଡଲାଇଫ୍ ମନିଟରିଂ' ଶୀର୍ଷକ ଏକ ଅଭିନବ ଉପକରଣକୁ ଡିଜାଇନ୍ ପେଟେଣ୍ଟ ପ୍ରଦାନ କରାଯାଇଛି । ଏହା କିଟ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିବା ବେଳେ ଗବେଷଣା-ଆଧାରିତ ପରିବେଶ ସୁରକ୍ଷା ପଦକ୍ଷେପରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ।

କିଟ୍ ଲ୍ୟାବ୍‌ରେ ବିକଶିତ ଏହି ପ୍ରଯୁକ୍ତିର ଉଦ୍ଦେଶ୍ୟ ହେଉଛି ସେନ୍ସର-ଆଧାରିତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବନ୍ୟପ୍ରାଣୀ ତଦାରଖ ଏବଂ ଜୈବ ବିବିଧତା ସଂରକ୍ଷଣ ପ୍ରଣାଳୀକୁ ସୁଦୃଢ଼ କରିବା । ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାନ୍ନଭରଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ପ୍ରକଳ୍ପରେ କିଟ୍ ସହକାରୀ ରେଜିଷ୍ଟ୍ରାର ପ୍ରଫେସର ମନୋଜ ଉକାମନାଲ ଏହି ଉପକରଣର କାର୍ଯ୍ୟାନ୍ୱୟନ ତଦାରଖ କରିଥିଲେ । ଏହି ନବସର୍ଜନା ପରିବେଶଗତ ଚ୍ୟାଲେଞ୍ଜ ପାଇଁ ଆନ୍ତଃବିଭାଗୀୟ ଗବେଷଣା ଏବଂ ବ୍ୟବହାରିକ ପ୍ରଯୁକ୍ତିବିଦ୍ୟା ସମାଧାନ ଉପରେ କିଟ୍ ଗୁରୁତ୍ୱକୁ ଦେଇଆସୁଛି । କେବଳ ଏହି ଡିଭାଇସର ଉଦ୍‌ଭାବନରେ ନୁହେଁ ବରଂ ପ୍ରକଳ୍ପ ପାଇଁ ଶୈକ୍ଷିକ ଏବଂ ବୌଦ୍ଧିକ ସଂପତ୍ତି ସହାୟତା ପ୍ରଦାନ କରିବାରେ ମଧ୍ୟ କିଟ୍ କାର୍ଯ୍ୟ କରି ଆସୁଛି । କିଟ ଲ ସ୍କୁଲର ସହଯୋଗୀ ପ୍ରଫେସର ଡ ଇପ୍ସିତା ଦାସ ଓ ଡ ତୁଳିଶ୍ରୀ ପ୍ରଧାନ ପେଟେଣ୍ଟ ପଞ୍ଜିକରଣ ପ୍ରକ୍ରିୟା ଏବଂ ଶିକ୍ଷାଗତ ସମନ୍ୱୟକୁ ସହଜ କରିବାରେ ସକ୍ରିୟ ସହାୟତା ପ୍ରଦାନ କରିଥିଲେ । ଏହି ପ୍ରକଳ୍ପର ଧାରଣା ଓ ରୂପରେଖା ବ୍ରହ୍ମପୁରର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା 'ଇନୋଭେସନ ସେଲ୍'ରେ କରାଯାଇଥିଲା । ଏହା ବନ କର୍ତ୍ତୃପକ୍ଷ ଓ ଶିକ୍ଷାଗତ ଗବେଷକଙ୍କ ମଧ୍ୟରେ ସହଯୋଗର ସଫଳ ଫଳାଫଳ ବୋଲି କୁହାଯାଉଛି । ଏହି ପଦକ୍ଷେପ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞତା ଏବଂ କ୍ଷେତ୍ର-ସ୍ତରୀୟ ସଂରକ୍ଷଣ ଆବଶ୍ୟକତା ମଧ୍ୟରେ ଏକ ଉଲ୍ଲେଖନୀୟ ସମନ୍ୱୟ ହାସଲ କରେ । ଏହାର ଲକ୍ଷ୍ୟ ବନ୍ୟପ୍ରାଣୀ ନିରୀକ୍ଷଣ ପାଇଁ ଏକ ସ୍ମାର୍ଟ ଓ କମ୍ ଅନୁପ୍ରବେଶକାରୀ ବ୍ୟବସ୍ଥା ବିକଶିତ କରିବା । ପ୍ରାକୃତିକ ବାସସ୍ଥାନରେ ମାନବ ହସ୍ତକ୍ଷେପକୁ ହ୍ରାସ କରିବା ସହିତ ଜୈବ ବିବିଧତା ପର୍ଯ୍ୟବେକ୍ଷଣ ଏବଂ ବନ୍ୟପ୍ରାଣୀ ତଦାରଖର ଗୁଣବତ୍ତା ବୃଦ୍ଧି କରିବା ପାଇଁ ଏହି ଉପକରଣ ଡିଜାଇନ୍ କରାଯାଇଛି ବୋଲି ଏହି ପ୍ରକଳ୍ପରେ କାମ କରୁଥିବା ବିଶେଷଜ୍ଞ ପ୍ରକାଶ କରିଛନ୍ତି । ଏହି ପ୍ରଯୁକ୍ତିବିଦ୍ୟା ଅଧିକ ବୁଦ୍ଧିମାନ, କମ୍ ଅନୁପ୍ରବେଶକାରୀ ଏବଂ କ୍ଷେତ୍ରସ୍ତରୀୟ ଜୈବ ବିବିଧତା ତଦାରଖ ପାଇଁ ଅତ୍ୟନ୍ତ ପ୍ରଭାବଶାଳୀ ବୋଲି ସେମାନେ କହିଛନ୍ତି ।



# ୱାର୍ଡନଂ-୨୯ରେ ବିଧାୟିକା ସୋଫିଆ ଫିରଦୋସଙ୍କ ଜନସମ୍ପର୍କ ପଦଯାତ୍ରା

**କଟକ,୨୭/୫ (ନି.ପ୍ର) :** କଟକ ମହାନଗର ନିଗମ ଅନ୍ତର୍ଗତ ୨୯ ନମ୍ବର ୱାର୍ଡର ଜନସମ୍ପର୍କ ପଦଯାତ୍ରା ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସଙ୍କ ନେତୃତ୍ୱରେ ଆଜି ସଫଳତାର ସହ ଶେଷ ହୋଇଛି । ଏହି ପଦଯାତ୍ରା ସ୍ଥାନୀୟ ପିଠାପୁର ଶିବ ମନ୍ଦିର ଛକ ଠାରୁ ଆରମ୍ଭ ହୋଇ,ମଦନମୋହନ କାଳୀୟ ଦଳନ ପୂଜା କମିଟି,କୋଠା ସାହି,ସ୍ୱାଇଁ ଗଳି, ହାଡ଼ିଆ ଗଳି, ଖୁଣ୍ଟିଆ ଗଳି, ଦାସ ସାହି, ମୁନ ଲାଇଟ ଲେନ,ଅନ୍ନପୂର୍ଣ୍ଣା ଲେନ,ଡାଲି ମିଲ ଲେନ ହୋଇ ଶେଷ ହେବ ପଦଯାତ୍ରା ସମାପ୍ତ ହୋଇଥିଲା । ପଦଯାତ୍ରା କାଳରେ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଅଞ୍ଚଳର ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କ ପକ୍ଷରୁ ବିଧାୟିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ବିଧାୟିକା ଶ୍ରୀମତୀ ଫିରଦୋସ ୱାର୍ଡବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ସେମାନଙ୍କ ଘରକୁ ଯାଇ ସେଲୋଚନା କରିଥିଲେ । ସ୍ଥାନୀୟ ବାସିନ୍ଦାମାନେ ବିଧାୟିକାଙ୍କ ଆଗରେ ନିୟମିତ ଡ୍ରେନ ସଫା ନହେବା, ପାନୀୟ ଜଳର ସମସ୍ୟା, ବାରମ୍ବାର ବିଦ୍ୟୁତ୍ କାଟ, ବରିଷ୍ଠ ନାଗରିକଙ୍କ ଭତ୍ତା ଏବଂ ଆବାସ ଯୋଜନାରେ ଘର ମିଳିବାରେ ହେଉଥିବା ଅସୁବିଧା ସମ୍ପର୍କରେ ଅଭିଯୋଗ କରିଥିଲେ । ଜନସାଧାରଣଙ୍କ ସମସ୍ୟା ଶୁଣିବା ପରେ ଏସବୁର ତୁରନ୍ତ ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟକ୍ରମରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ପଦଯାତ୍ରା କମିଟିର ଅଧ୍ୟକ୍ଷ ବିରେନ୍ଦ୍ର ଦାସ ସମେତ ବରିଷ୍ଠ ନେତା କେଦାର ପୃଷ୍ଟି, କର୍ପୋରେଟର ଲିଜାରାଣୀ ରାଉତ, ଚନ୍ଦନ ଦାସ, ମୀର ମୁଜାଫର ଅଲ୍ଲି, ସୁରଜିତ ଦାସ, ସନ୍ତୋଷ ପାତ୍ର, ଆକାଶ ସାମଲ, ଅମର ତ୍ରିବେଦୀ, ଦୀପକ ରାଉତ, ସ୍ୱର୍ଣ୍ଣପ୍ରଭା ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ ।



# ଅଧରାତିରେ ଏସସିବିରେ ପହଂଚିଲେ ପୂର୍ବତନ ବିଧାୟକ ଡଃ ପ୍ରଭାତ



**କଟକ, ୨୭।୫ (ନି.ପ୍ର) :** ସେବା କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥାଏ । ଦିନ ହେଉ ବା ରାତିଅଧରେ ସେବା କରିବା ପାଇଁ ଅଂଟା ଭିଡିଛନ୍ତି ଚୌଦ୍ୱାର କଟକର ଜନପ୍ରିୟ ନେତା ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳ । ସୂଚନାଯୋଗ୍ୟ, ବାଦାମବାଡ଼ିସ୍ଥିତ ଶଙ୍କରପୁର ନିବାସୀ ତଥା ଗୋପିନାଥଜୀଉ ରାମଲୀଳା କମିଟିର ସମ୍ପାଦକ ଗଣେଶ୍ୱର ବେହେରା ଅସୁସ୍ଥତା କାରଣରୁ ଏସସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣା ସମ୍ପର୍କିତ ଖବର ପୂର୍ବତନ ବିଧାୟକ ଡଃ ବିଶ୍ୱାଳ ରାତି ଦୁଇଟାରେ ଶୁଣିବା ମାତ୍ରେ ସଙ୍ଗେ ସଙ୍ଗେ ଏସସିବି ମେଡିକାଲକୁ ଯାଇ ଗଣେଶ୍ୱରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରଙ୍କ ସଙ୍ଗେ ଆଲୋଚନା କରିଥିଲେ । ଏହି ଖବର ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ନେତା ହେବତ ଏମିତି ବୋଲି କହିବା ସହ ପୂର୍ବତନ ବିଧାୟକ ଡଃ ପ୍ରଭାତ ବିଶ୍ୱାଳଙ୍କୁ ଜନସାଧାରଣ ପ୍ରଶଂସା କରିଛନ୍ତି ।

## ଓଡ଼ିଶାରେ 'ହାପିନେସ୍ ଫର୍ ହର୍' ଅଭିଯାନ

# ନେକ୍ସସ୍ ସିଲେକ୍ଟ ମଲ୍ସ ସହ ହାତ ମିଳାଇଲେ ପ୍ୟାଡ ୱୁମେନ୍ ଅଫ୍ ଇଣ୍ଡିଆ

**ଭୁବନେଶ୍ୱର, ୨୭।୫ (ନି.ପ୍ର) :** ବାନାନା ଫାଇବର୍ ଅବଶୋଷକ ବ୍ୟବହାର କରି ବିଶ୍ୱର ପ୍ରଥମ ପୁନଃ ବ୍ୟବହାରଯୋଗ୍ୟ ସାନିଟାରୀ ପ୍ୟାଡ୍ ନିର୍ମାଣ ପାଇଁ ବହୁଳ ଭାବରେ ଜଣାଶୁଣା 'ଭାରତର ପ୍ୟାଡ୍ ୱୁମେନ୍' ଅ୍ୁ ବିଷ୍ଟ ଗତ ୨ ବର୍ଷ ଧରି ଓଡ଼ିଶାରେ ରତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଆନ୍ଦୋଳନକୁ ଆଗେଇ ନେଉଛନ୍ତି । ଭାରତରେ ସବୁଠାରୁ କମ୍ ଆଲୋଚିତ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ- ରତୁସ୍ରାବ ଜନିତ ସଚେତନତା ଏବଂ ସୁସ୍ଥ ରତୁସ୍ରାବ ବିକଳ୍ପର ପ୍ରବେଶକୁ ନଜରରେ ରଖି ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ସ୍ଥାୟୀ ନେତୃତ୍ୱ ଏବଂ ପରିବର୍ତ୍ତନକାରୀ ଯୁବପିଢ଼ୀମାନଙ୍କୁ ଏକତ୍ରିତ କରୁଛନ୍ତି । ସୌଖ୍ୟମ ଫାଉଣ୍ଡେସନ ସହଭାଗିତାରେ ଆରମ୍ଭ ହୋଇଥିବା ନେକ୍ସସ୍ ସିଲେକ୍ଟ ମଲ୍ସର ପ୍ରମୁଖ ସିଏସ୍ଆର ପଦକ୍ଷେପ ଭାବେ 'ହାପିନେସ୍ ଫର୍ ହର୍' ଏହି ପ୍ରୟାସରେ ସାମିଲ ହୋଇଛି । ଏହି ପ୍ରୟାସରେ 'କ୍ୟାମ୍ପସ ଆକ୍ସନ ଫର୍ ରିୟୁଜେବୁଲ୍ ଏସେନ୍ସିଆଲ୍ସ' (CARE), ଏକ ଯୁବ ନେତୃତ୍ୱାଧୀନ କ୍ୟାମ୍ପସ ଆନ୍ଦୋଳନ ଅର୍ନ୍ତଭୁକ୍ତ ଯାହା ସୁସ୍ଥ ଏବଂ ଅଧିକ ସ୍ଥାୟୀ ରତୁସ୍ରାବ ଅଭ୍ୟାସକୁ ପ୍ରୋତ୍ସାହିତ କରେ । ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନେକ୍ସସ ଏସ୍‌ପ୍ଲାନେଡ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ସମେତ ଅନୁଷ୍ଠାନର ଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କୁ ସେମାନଙ୍କ କ୍ୟାମ୍ପସରେ ସ୍ଥାୟୀ ରତୁସ୍ରାବ ଅଭ୍ୟାସ ଏବଂ ସମକକ୍ଷଙ୍କ ନେତୃତ୍ୱରେ ଆଚରଣଗତ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ 'କେୟାର' ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏମ୍ସ ଭୁବନେଶ୍ୱର, ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କମଳା ନେହରୁ ମହିଳା ମହାବିଦ୍ୟାଳୟ ଏବଂ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜୀର ପ୍ରତିନିଧିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ପ୍ରୟାସଗୁଡ଼ିକ ମିଳିତ ଭାବରେ ଗତ ବର୍ଷ ମଧ୍ୟରେ ୫ ହଜାରରୁ ଅଧିକ ଯୁବତୀଙ୍କୁ ମାସିକ ରତୁସ୍ରାବ ପାଇଁ ବ୍ୟବହୃତ ଦ୍ରବ୍ୟରୁ ଦୂରେଇ ଅଧିକ ସ୍ଥାୟୀ ବିକଳ୍ପ ଆଡକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଛି । ଏହି ଅବସରରେ ସ୍ୱାସ୍ଥ୍ୟ, ପରିବେଶ, ସକ୍ରିୟ ଜୀବନଯାପନ (HEAL) ର ମଧ୍ୟ ଶୁଭାରମ୍ଭ କରାଯାଇଥିଲା । ରତୁସ୍ରାବ ଜନିତ ସୁସ୍ଥତା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ଯୁବତୀ ଓ ମହିଳାମାନଙ୍କୁ ହେଉଥିବା ଯନ୍ତ୍ରଣା, ଅନିୟମିତ ତଥା ଅଧିକ ରତୁସ୍ରାବ ପରି ସାଧାରଣତଃ ଅଣଦେଖା କରାଯାଉଥିବା ସମସ୍ୟାଗୁଡ଼ିକୁ ବୁଝି ଏହାର ସମାଧାନ କରିବାରେ ସାହାଯ୍ୟ କରିବା ଏହି 'ହିଲ୍'ର ମୂଳ ଲକ୍ଷ୍ୟ । ଫଗ୍‌ସି (FOGSI), (JHPIEGO), ଆତ୍ମଶକ୍ତି ଟ୍ରଷ୍ଟ ଏବଂ ଓଡ଼ିଶା ମାସିକ ରତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଂଘ ଭଳି ସମ୍ମାନିତ ସଂଗଠନର ବୃତ୍ତିଗତ ଚିକିତ୍ସକ ଏବଂ ସ୍ୱେଚ୍ଛାସେବୀମାନେ ଏହି ଅବସରରେ ଯୋଗଦେଇ ଭାରତରେ ରତୁସ୍ରାବଜନିତ ସ୍ୱାସ୍ଥ୍ୟର ଭବିଷ୍ୟତ ଉପରେ ଆଲୋଚନା କରିଥିଲେ ।

ଏହି ଅବସରରେ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଖୁସି ବ୍ୟକ୍ତି କରି କହିଥିଲେ ଯେ, ଆମ ସହରରେ 'ହାପିନେସ୍ ଫର୍ ହର୍', କେୟାର ଏବଂ ହିଲ୍ ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡ଼ିକ ଏକ ଗଭୀର ପ୍ରଭାବ ପକାଇ ପାରିଛି । ନେକ୍ସସ ସିଲେକ୍ଟ ମଲ୍ସର ସଷ୍ଟେନେବିଲିଟୀ ଏବଂ ସିଏସ୍ଆର ବିଭାଗର ସାଧାରଣ ବ୍ୟବସ୍ଥାପକ ହର୍ଷା ଭରଦା ଯୋଗଦେଇ ଏହି ପଦକ୍ଷେପ ଅନ୍ତର୍ଗତ ଭବିଷ୍ୟତ ଯୋଜନାଗୁଡ଼ିକ ବିଷୟରେ କହିଥିଲେ । 'ନେକ୍ସସ୍ ସିଲେକ୍ଟ ମଲ୍ସ ଏବଂ ସୌଖ୍ୟମ ଫାଉଣ୍ଡେସନ ମେ ୨୮ ତାରିଖ ରତୁସ୍ରାବ ସ୍ୱଚ୍ଛତା ଦିବସରେ ଏମ୍ସ ଭୁବନେଶ୍ୱର ଏବଂ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ରତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଗବେଷଣା ଅଧ୍ୟୟନ ଆରମ୍ଭ କରିବାକୁ ଯାଉଛନ୍ତି । ଏହି ଅଧ୍ୟୟନ ମାଧ୍ୟମରେ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା, ରତୁସ୍ରାବ ଜନିତ ସମସ୍ୟା ଏବଂ ବିଭିନ୍ନ ରତୁସ୍ରାବ ଉତ୍ପାଦର ଦୀର୍ଘକାଳୀନ ପ୍ରଭାବ ବିଷୟରେ ଅଧିକ ତଥ୍ୟ ମିଳିବ ।

ସୌଖ୍ୟମ ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶିକା ଅ୍ୁ ବିଷ୍ଟ କହିଥିଲେ ଯେ, ଓଡ଼ିଶାରେ 'ହାପିନେସ୍ ଫର୍ ହର୍' ସଚେତନତା, ସୁଲଭତା ଓ ସ୍ଥାୟୀତ୍ୱକୁ ଏକତ୍ର କରି ପିରିଅଡ୍ ପଭର୍ଟି ଏବଂ ରତୁସ୍ରାବ ସୁସ୍ଥତାକୁ ବ୍ୟାପକ ପରିମାଣରେ ସମାଧାନ କରୁଛି ।



### ଏଲନିନୋ ଆଶଙ୍କା, ଖରିଫ୍ ପାଇଁ ସତର୍କ ଓଡ଼ିଶା

# ଚାଷୀଙ୍କ ସୁରକ୍ଷାକୁ ନେଇ ସରକାରଙ୍କ ବଡ଼ ପ୍ରସ୍ତୁତି

ଭୁବନେଶ୍ୱର,୨୭।୫: ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଚଳିତ ବର୍ଷ ଓଡ଼ିଶାରେ ସ୍ୱାଭାବିକଠାରୁ କମ୍ ବର୍ଷା ଏବଂ ଏଲନିନୋ ପ୍ରଭାବର ଆଶଙ୍କା ପ୍ରକାଶ କରିବା ପରେ ରାଜ୍ୟ ସରକାର ଆଗୁଆ ସତର୍କତା ଅବଲମ୍ବନ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ଖରିଫ୍-୨୦୨୬ ଋତୁ ପାଇଁ ବ୍ୟାପକ ପ୍ରସ୍ତୁତି ରଣନୀତି ଚୂଡ଼ାନ୍ତ କରାଯାଇଛି।

ଚାଷୀଙ୍କ ସ୍ୱାର୍ଥ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ସରକାର ଚାରିଟି ପ୍ରମୁଖ କ୍ଷେତ୍ର ବିହନ ପରିଚାଳନା, ସାର ଯୋଗାଣ, ଫସଲ ବୀମା ଏବଂ ବୈଷୟିକ ସହାୟତା ଉପରେ ଫୋକସ୍ କରିଛନ୍ତି। ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନ ଯୋଗାଣ ସୁନିଶ୍ଚିତ କରିବାକୁ ଓଡ଼ିଶା ରାଜ୍ୟ ବିହନ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। କମ୍ ବର୍ଷା ପ୍ରଭାବିତ ଅଞ୍ଚଳରେ ସ୍ୱଳ୍ପ ଓ ମଧ୍ୟମ ଅବଧିର ଧାନ, ଡାଲି, ତୈଳବୀଜ ଓ ମିଲେଟ୍ ବିହନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ବର୍ଷା ନିର୍ଭରଶୀଳ ଓ ଉଚ୍ଚ ଜମି ଅଞ୍ଚଳରେ




ଫସଲ ବିବିଧକରଣକୁ ପ୍ରୋତ୍ସାହନ ଦେବା ସହିତ ମୌସୁମୀ ବିଳମ୍ବ ହେଲେ 'କମ୍ୟୁନିଟି ନର୍ସରୀ' ବ୍ୟବସ୍ଥା ଆରମ୍ଭ କରାଯିବ। ସେହିପରି ଜରୁରୀ ପରିସ୍ଥିତି ପାଇଁ ବିହନର ସ୍ୱତନ୍ତ୍ର ମହଜୁଦ ରଖାଯିବ।ସାର ଯୋଗାଣକୁ ନେଇ ମଧ୍ୟ ସରକାର କଠୋର ଆଭିମୁଖ୍ୟ ନେଇଛନ୍ତି। ମାର୍କଫେଡ୍, ପ୍ୟାକ୍ସ ଓ ଲ୍ୟାମ୍ପସ ମାଧ୍ୟମରେ ଚାଷୀଙ୍କ ପାଖକୁ ନିରବଚ୍ଛିନ୍ନ ସାର ପହଞ୍ଚାଇବା ସହ କଳାବଜାରୀ ଓ ବେଆଇନ ମହଜୁଦ ବିରୋଧରେ 'ଜିରୋ ଟଲେରାନ୍ସ' ନୀତି ଆପଣାଯିବ। ଜିଲ୍ଲାପାଳମାନେ ସ୍ୱୟଂ ସାର ବଣ୍ଟନ ବ୍ୟବସ୍ଥା ଉପରେ ନଜର ରଖିବେ।ଅନ୍ୟପଟେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବାକୁ ଜୋର ଦିଆଯାଇଛି। ରାଜ୍ୟ ସରକାର ଚାଷୀଙ୍କ ପ୍ରିମିୟମ୍ ଅଂଶ ବହନ କରୁଥିବାରୁ ଚାଷୀମାନେ ମାତ୍ର ୧ ଟଙ୍କା ଦେଇ ବୀମା ସୁବିଧା ପାଇପାରିବେ।ଖରିଫ୍ ଋତୁରେ ଯେକୌଣସି ଅନାବୃଷ୍ଟି କିମ୍ବା ମରୁଡ଼ି ସ୍ଥିତିର ମୁକାବିଲା ପାଇଁ ଓଟିଇଞ୍ଜ, କଠକ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଚାଷୀଙ୍କୁ ପାଣିପାଗ ଆଧାରିତ ପରାମର୍ଶ ଓ ବୈଷୟିକ ସହଯୋଗ ଯୋଗାଇବେ। ସଚେତନତା ବଢ଼ାଇବାକୁ ଖରଡ଼ ସ୍କ୍ରିନ ଓ କ୍ଷେତ୍ରସ୍ତରୀୟ ଅଭିଯାନକୁ ମଧ୍ୟ ତ୍ୱରାନ୍ୱିତ କରାଯିବ।ଏଲନିନୋର ଆହ୍ୱାନ ମଧ୍ୟରେ ଚାଷୀଙ୍କୁ ସୁରକ୍ଷା ଦେବା ଓ କୃଷି ଉତ୍ପାଦନକୁ ଅକ୍ଷୁଣ୍ଣ ରଖିବା ପାଇଁ ଓଡ଼ିଶା ସରକାରଙ୍କ ଏହି ଆଗୁଆ ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଦେଖାଯାଉଛି।

## ପିସିସି ପକ୍ଷରୁ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ



ଭୁବନେଶ୍ୱର ତା. ୨୭.୫- ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ମାଷ୍ଟରକ୍ୟାଂଟିନ ଛକସ୍ଥିତ ନେହେରୁ ପାର୍କରେ ଥିବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶ୍ରୀକାନ୍ତ ଜେନା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ଅଭୟ ସାହୁ, ପ୍ରକାଶ ଜେନା, ଅରବିନ୍ଦ ଦାସ, ବାଙ୍କନିଧି ବେହେରା, ପ୍ରକାଶ ମିଶ୍ର, ସତ୍ୟବ୍ରତ ନାୟକ, ଜୟଶ୍ରୀ ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ସୁନିତା ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ବରାଳ, ଲିଙ୍ଗରାଜ ସାହୁ, ଭାସ୍କର ସେଠୀ, ଜୟସ୍ମିତା ମହାନ୍ତି, ଶିଳ୍ପିଶ୍ରୀ ହରିଚନ୍ଦନ, ମିହିର ଆଚାର୍ଯ୍ୟ, ଶ୍ରେୟାସ୍ମିତା ପଣ୍ଡା, ଶ୍ରିୟା ମହାନ୍ତି, ଖଗେଶ୍ୱର ମଲ୍ଲିକ, ଉଷାରାଣି ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ରାଜଗାଙ୍ଗପୁର ଭାରତରୁ ଶିକ୍ଷା ପୁସ୍ତକ ଉନ୍ମୋଚିତ



ରାଜଗାଙ୍ଗପୁର,୨୭।୫: ରାଜଗାଙ୍ଗପୁର ଷ୍ଟେସନ ପଡ଼ା ନିବାସୀ ଅର୍ନବ ସିଂ ଙ୍କ ଦ୍ୱାରା ଲିଖିତ ଭାରତରୁ ଶିକ୍ଷା ପୁସ୍ତକ ପୈରପରିଷଦ ଅନ୍ତର୍ଗତ ମାରୱାଡ଼ି ଧର୍ମଶାଳା ଠାରେ ମୁଖ୍ୟ ଅତିଥି ଭାବେ ନିର୍ମଳା ଇଂରାଜୀ ବିଦ୍ୟାଳୟ ର ପ୍ରିନ୍ସିପାଲ ସିଷ୍ଟର ବାରନାଦାତେ ଏଡିପିଓ ବିଭୁତି ଭୁଷଣ ଭୋଇ ଶିଳ୍ପପତି ଶ୍ରବଣ ଅଗ୍ରୱାଲ ପୁର୍ବତନ ଉପାଧ୍ୟକ୍ଷ ଅଶୋକ ଦାସ ପୁର୍ବତନ କାଉନସିଲର ଷ୍ଟାକଗୁଡ୍ଡା ପୁର୍ବତନ ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ଶିଳ୍ପପତି ପବନ ଗଡୋଦିଆ ପୁର୍ବତନ ଉପାଧ୍ୟକ୍ଷ ପାକା ବାବୁ ସମାଜସେବୀ ହୃଦାନନ୍ଦ ସିଂ ଦିଲିପ୍ ସିଂ ଓ ଶିକ୍ଷକ ଅନୁପମ ବରୁଆ ଶୈଇଲେସ ତ୍ରିପାଠୀ ଆଫଜାଲ ବେଦାର ଜଗତ ନାରାୟଣ ଶର୍ମା ଆଷିଫ ରାଜା ଶଶିଭୂଷଣ ଚୈରସିଆ ଶମ୍ଭୁ ସିଂ ଏନସିସି ଟ୍ରେନର ଶୋଭା ଦି ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ନାଗରିକ ଅନ୍ୟାନ୍ୟ ଅତିଥି ଙ୍କ ଉପସ୍ଥିତି ରେ ମହାପ୍ରଭୁ ଜଗନ୍ନାଥ ଙ୍କ ଫଟୋଚିତ୍ର ରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ କରାଯାଇ ଭାରତ ରୁ ଶିକ୍ଷ୍ୟା ବହି ଉନ୍ମୋଚିତ ହୋଇଥିଲା। ଉକ୍ତ ବହି ରେ ଲେଖକ ଭାରତୀୟ ପୁରାତନ କଳା ସାହିତ୍ୟ ସଂସ୍କୃତି ପରମ୍ପରା ନୀତି ଭାଷା ସାହିତ୍ୟ ସ୍ଥାପତ୍ୟ କଳା ଭାରତର ସଭ୍ୟତା ଶିକ୍ଷା ବିଗ୍ୟାନ ରାଜା ମହାରାଜା ଙ୍କ ଶାସନ କୁ ପ୍ରଥା ଶତିଦାହ ନାରୀ ଙ୍କ ଅଧିକାରୀ ସୁରକ୍ଷା ସର୍ବ ଧର୍ମ ସମାନତା ମୋଗଲ ସାମ୍ରାଜ ବ୍ରିଟିଶ ଶାସନ ପରାଧୀନ ସ୍ୱାଧୀନ ଭାରତ ର ଶାସକ ପ୍ରଣାଳୀ ଓ ବର୍ତମାନ ର ଶାସନ ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ବିଶେଷ ଉପସ୍ଥାପନ କରିଥିଲେ।

## ନବରଙ୍ଗପୁର ଜିଲ୍ଲାର କ୍ରୀଡ଼ାବିତ୍ ମାନଙ୍କ ପାଇଁ ' ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ଆବେଦନ

ନବରଙ୍ଗପୁର : 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ନିମନ୍ତେ ଆବେଦନ/ନାମାଙ୍କନ ଆହ୍ୱାନ କରାଯାଉଛି।କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୫ ବର୍ଷ ପାଇଁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ଯୋଗ୍ୟ ବ୍ୟକ୍ତି/ସଂସ୍ଥାଙ୍କଠାରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ଆବେଦନ/ନାମାଙ୍କନ ଆହ୍ୱାନ କରାଯାଇଛି।ଜିଲ୍ଲାପାଳ , ନବରଙ୍ଗପୁରଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପଜିଲ୍ଲାପାଳ, ସମସ୍ତ ତହସିଲଦାର, ବିଡିଓ, ପୌର ନିର୍ବାହୀ ଅଧିକାରୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଜିଲ୍ଲା କ୍ରୀଡ଼ା ସଂଘର ସଚିବଙ୍କୁ ଏହି ସୂଚନାର ବ୍ୟାପକ ପ୍ରଚାର ପାଇଁ ଅନୁରୋଧ କରାଯାଇଛି, ଯାହାଦ୍ୱାରା ଯୋଗ୍ୟ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ା ସଂଗଠକମାନେ ଆବେଦନ କରିପାରିବେ।

ଏହି କ୍ରୀଡ଼ା ପୁରସ୍କାର ୮ଟି ବର୍ଗରେ ପ୍ରଦାନ କରାଯିବ: କ୍ରୀଡ଼ା ଓ ଖେଳର ପ୍ରଚାର ପ୍ରସାରରେ ଆଜୀବନ ସାଧନା ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର , ବର୍ଷର ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର , ପ୍ରଶିକ୍ଷଣରେ ଉତ୍କର୍ଷତା ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ,କ୍ରୀଡ଼ା ପ୍ରଚାର ପ୍ରସାରରେ ଶ୍ରେଷ୍ଠ ଅବଦାନ ପାଇଁ ପୁରସ୍କାର ,କ୍ରୀଡ଼ା ସାମ୍ବାଦିକତାରେ ଉତ୍କର୍ଷତା ପାଇଁ ପୁରସ୍କାର , ବର୍ଷର ଶ୍ରେଷ୍ଠ ପାରା-କ୍ରୀଡ଼ାବିତ୍ ପୁରସ୍କାର ,ବର୍ଷର ଶ୍ରେଷ୍ଠ ଉଦୀୟମାନ ଜୁନିଅର ଆଥଲେଟ୍ ପୁରସ୍କାର , ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହାୟକ କର୍ମଚାରୀ ପୁରସ୍କାର ଏଭଳି ପୁରସ୍କାର ବିତରଣ କରାଯିବ। ଏଣୁ ଜିଲ୍ଲାର ଯୋଗ୍ୟ କ୍ରୀଡ଼ାବିତ୍ ମାନଙ୍କୁ ବିଭିନ୍ନ ବର୍ଗରେ ଆବେଦନ କରିବାକୁ ଅନୁରୋଧ କରାଯାଇଛି। https://sports.odisha.gov.in ୱେବ୍ ସାଇଟ୍ ରେ ନିର୍ଦ୍ଧାରିତ ଫର୍ମ ରେ ଆବେଦନ କରିପାରିବେ।ଏହି ଆବେଦନ ର ଶେଷ ତାରିଖ ୧୦.୬.୨୦୨୬ ପର୍ଯ୍ୟନ୍ତ ରହିଛି।

## ୧ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡ଼ର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

ନବରଙ୍ଗପୁର ତା ୨୭.୫.୨୦୨୬: ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ସକାଶେ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୬-୨୭ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୧ଜୁନ୍ ୨୦୨୬ରୁ ୧୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କୋଲକାତାର ନିଯୁକ୍ତି ଜୋନରେ ପରୀକ୍ଷା ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ମୋଟ ୧୬ଟି ସହରର ୨୬ ଟି କେନ୍ଦ୍ରରେ ଅନୁଷ୍ଠିତ ହେବ । ଓଡ଼ିଶା ରାଜ୍ୟର ପରୀକ୍ଷା ସାତଟି ସହରରେ ଅନୁଷ୍ଠିତ ହେବ – ବାଲେଶ୍ୱର, ବ୍ରହ୍ମପୁର (ଗଞ୍ଜାମ), ଭୁବନେଶ୍ୱର, କଟକ, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର ରେ ଅନୁଷ୍ଠିତ ହେବ। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପଞ୍ଜିକରଣ ସମୟ ୧୦ ଏପ୍ରିଲ ୨୦୨୬ ରେ ବନ୍ଦ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାର ପ୍ରାର୍ଥୀମାନେ www.joinindianarmy.nic.in ରୁ ସେମାନଙ୍କର ଆଡମିଟ୍ କାର୍ଡ ଯାଞ୍ଚ ଏବଂ ଡାଉନଲୋଡ଼ କରିପାରିବେ। ସଫଳତାର ସହ ପଞ୍ଜିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ପାଇପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ଙଂଙଂଙଂ.ହକ୍ଟସଭସଭୟସବଭବକ୍ସଙ୍କଜ.ଭସମ.ସଭ ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି ସବ୍ ମେଜର,ଆସିଷ୍ଟାଣ୍ଟ ରି କ୍ରୁଇଟିଂ ଅଫିସର, ଆର୍ମି ରିକ୍ରୁଇଟିଂ ଅଫିସ,ଗୋପାଳପୁର ଜଣାଇଛନ୍ତ।

## ଯୁବ କଂଗ୍ରେସ ସିଜିମାଳି ବଞ୍ଚାଇବା ପାଇଁ ପଦଯାତ୍ରାରେ ସାମିଲ ହେଲେ କୋରାପୁଟ ସାଂସଦ



ଭୁବନେଶ୍ୱର : ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଗତ ୫ ଦିନ ଧରି ସିଜିମାଳୀ ବିସ୍ଥାପିତ ଓ ପ୍ରଭାବିତ ମାନଙ୍କ ନ୍ୟାୟ ଦେବା ପାଇଁ ଯେଉଁ ପଦଯାତ୍ରା ଚାଲିଥିଲା ଆଜି ତାକୁ ସାମୁହିକ ସ୍ଥଗିତ ରଖାଯାଉଛି। ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ଯେ ଯଦି ସରକାର ସିଜିମାଳି ଓ କୁଟ୍ରୁମାଳୀ ବିସ୍ଥାପିତ ମାନଙ୍କୁ ନ୍ୟାୟ ନ ଦିଅନ୍ତି ତେବେ ଜୁନ୍ ମାସରେ ମଧ୍ୟ ପୁଣି ପଦଯାତ୍ରା କରାଯିବ। ଆଜିର ପଦଯାତ୍ରା କେରପାଇ ଗ୍ରାମରୁ ଆରମ୍ଭ ହୋଇ କଳାହାଣ୍ଡି ଜିଲ୍ଲାର ସର୍ଗୀପଦର ପଞ୍ଚାୟତ ଶେଷ ହୋଇଥିଲା। ଯୁବ କଂଗ୍ରେସ ପକ୍ଷରୁ ଓଡ଼ିଶା ସରକାର ନିକଟରେ ନିମ୍ନ ଦାବୀଗୁଡ଼ିକ ଉପସ୍ଥାପନ କରାଯାଇଛି। ଜଳ, ଜମି, ଜଙ୍ଗଲ, ଖଣି ଓ ଜୀବିକାକୁ ଲୁଟ୍ କରିବା ପାଇଁ ବିଜେପି ସରକାର ଯେଉଁ ଚକ୍ରାନ୍ତ କରୁଛନ୍ତି ସେଥିରୁ ନିବୃତ୍ତରୁହନ୍ତୁ। ଜୀବନ ଜୀବିକା ଜମି, ଜଳ ଓ ଜଙ୍ଗଲର ସୁରକ୍ଷା ପାଇଁ ସଂଗ୍ରାମ କରି ଯେଉଁମାନେ ଜେଲରେ ଷଡୁଛନ୍ତି ଏବଂ ଯେଉଁମାନଙ୍କ ପାଇଁ ମିଥ୍ୟା ମକଦ୍ଦମା ରୁଜୁ କରାଯାଇଛି ସେମାନଙ୍କ ନାମରୁ ତୁରନ୍ତ କେସ୍ ପ୍ରତ୍ୟାହାର କରାଯାଉ। ଯେ ପର୍ଯ୍ୟନ୍ତ ଯାଏଁ ସିଜିମାଳି ଓ କୁଟ୍ରୁମାଳି ଆଦିବାସୀମାନଙ୍କର ଅଧିକାର ନ ମିଳିଛି ଯୁବ କଂଗ୍ରେସ ସେତେ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବ। ଜାଲ ଦସ୍ତଖତ କରାଯାଇ ଗ୍ରାମସଭା ହୋଇଥିବାର ମିଥ୍ୟା କାଗତପତ୍ର ତିଆରି କରାଯାଇଛି। ମାନ୍ୟବରସୁପ୍ରିମ୍‌କୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଗ୍ରାମସଭା କରାଯାଉ। ଜଙ୍ଗଲ ଅଧିକାର ଆଇନ ଏବଂ ପେଶା ଆଇନ କାର୍ଯ୍ୟକାରୀ କରାଯାଉ। ଆଦିବାସୀ, ବନବାସୀ ଓ ଦଳିତଙ୍କ ସୁରକ୍ଷା ଓ ଅଧିକାର ପାଇଁ ପରିବେଶ ସୁରକ୍ଷା ଓ ଖଣିଲୁଟ ପ୍ରତିବାଦରେ ଯୁବ କଂଗ୍ରେସ ତା'ର ଆନ୍ଦୋଳନ ଜାରି ରଖିବ। ଆଦିବାସୀ, ବନବାସୀ ଓ ଦଳିତ ଲୋକଙ୍କପାଇଁ ବିଜେପି ସରକାରର ଜମନ ମୂଳକ ନୀତି ବିରୁଦ୍ଧରେ ଯୁବ କଂଗ୍ରେସ ବେସାଲିସ୍ ଲଢ଼େଇ କରିବ। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ଯୁବ କଂଗ୍ରେସ ପ୍ରଭାରୀ ମନିଷ ଶର୍ମା, ଓଡିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଭାରୀ ଅଜୟ ଲଲୁ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, କଂଗ୍ରେସ ବିରୋଧ ଦଳର ନେତା ରାମଚନ୍ଦ୍ର କାଡାମ, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ରାଜ୍ୟ ଯୁବ କଂଗ୍ରେସ ସହ ପ୍ରଭାରୀ ଖୁସି ଟିଂଗା, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ସୁରଜ ବେହେରା, ମୋହନ ନାୟକ, ଜ୍ଞାନରଞ୍ଜନ ରାଉତ, କୃଷ୍ଣ ମହାନ୍ତି, ଆଲୋକ ଦାସ, ଲକ୍ଷ୍ମୀପ୍ରିୟାନାୟକ, ଅମିତା ଆଚାର୍ଯ୍ୟ, ରଞ୍ଜନ ଦାସ, ସୁନେଶ ଧିର, ସମ୍ରାଟ ଜେନା, ପବିତ୍ର ସେଠୀ, ରଞ୍ଜିତପାଇକରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ନବୀନ ପଟ୍ଟନାୟକଙ୍କୁ ଭେଟିଲେ ବିଜେଡି ଲିଗାଲ ଫ୍ରଣ୍ଟ

ଭୁବନେଶ୍ୱର : ବିଜେଡି ଲିଗାଲ ଫ୍ରଣ୍ଟର ସଭ୍ୟମାନେ ଆଜି ବିଜୁ ଜନତା ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜବୁତ୍ କରିବା ପାଇଁ ପରାମର୍ଶ ହେଇଥିଲେ । ସେହିପରି ସାଧାରଣ ଲୋକ ଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ଶ୍ରୀ ପଟ୍ଟନାୟକ ଲିଗାଲ ଫ୍ରଂଟ ର ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ସହିତ ସାଧାରଣ ଲୋକ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇ ପାରିବ ସେଥି ପ୍ରତି ବିଶେଷ ଧ୍ୟାନ ଦେବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ । ଏହା ସହିତ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ଶ୍ରୀ ମିଳନ କାନୁନଗୋ, ଶ୍ରୀ ମନୋଜ ବର୍ମା, ଶ୍ରୀ ସିଦ୍ଧାର୍ଥ ଦାସ ଓ ଶ୍ରୀ ସୁରେଶ ବାରିକଙ୍କ ସହିତ ଅନ୍ୟମାନେ ଯୋଗେ ଦେଇ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇ ପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ ।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସରେ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ




ଭୁବନେଶ୍ୱର, ୨୭/୦୫: ସିଜୋଫ୍ରେନିଆ ଏକ ଚିକିତ୍ସାସାପେକ୍ଷ ମାନସିକ ସମସ୍ୟା ଯାହାକି ଆଗୁଆ ଚିହ୍ନଟ, ଉପଯୁକ୍ତ ଚିକିତ୍ସା, ପରିବାର ଏବଂ ସମାଜର ସହଯୋଗ ଦ୍ୱାରା ଉପଯୁକ୍ତ ଭାବେ ନିୟନ୍ତ୍ରଣ କରିହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରା ପକ୍ଷରୁ ସୋମବାର ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତ ରଖିଥିଲେ।

ହସ୍ପିଟାଲ୍‌ର ମାନସିକ ରୋଗ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସିଜୋଫ୍ରେନିଆ ସମସ୍ୟାକୁ ବୁଝିବା, ଏହି ମାନସିକ ରୋଗକୁ ନେଇ ଲାଗି ରହିଥିବା କଳଙ୍କକୁ ହ୍ରାସ କରିବା ଏବଂ ଆଗୁଆ ପରୀକ୍ଷଣ ଓ ଚିକିତ୍ସାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ରଖିଥିଲା।

କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟରେ ଏହି ସମସ୍ୟାର ପ୍ରାଥମିକ ଲକ୍ଷଣ, ରୋଗର ଅଗ୍ରଗତି, ଉପଲବ୍ଧ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯାଇଥିଲା। ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା, ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ତାପସି ପତି ଏବଂ ମାନସିକ ରୋଗ ବିଭାଗର ମୁଖ୍ୟ ଡାକ୍ତର ଭବାନୀଶଙ୍କର ଶିତଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆସୋସିଏଟ୍ ପ୍ରଫେସର (ଡାକ୍ତର) ଲଗ୍ନଜିତ ଦାଶ, ଡାକ୍ତର ସ୍ୱୟଂପ୍ରଭା ବରାଳ ଓ ଡାକ୍ତର ଜ୍ଞାନେନ୍ଦ୍ର ରଘୁବଂଶୀ ନିଜ ବକ୍ତବ୍ୟରେ ସମାଜରେ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସମସ୍ୟା ଓ ଏହି ସମସ୍ୟାରୁ ସୁସ୍ଥ ହେବା ନିମନ୍ତେ ଉପଯୁକ୍ତ ସମୟରେ ମାନସିକ ଚିକିତ୍ସା, ପରିବାର ଓ ସମାଜର ସହଯୋଗ ସମ୍ପର୍କରେ କହିଥିଲେ।

ଏହି ଅବସରରେ ଆସିଷ୍ଟାଂଟ ପ୍ରଫେସର ଡାକ୍ତର ଅଭିଷେକ ସାମଲ, ଡାକ୍ତର କୀର୍ତି ଅନୁରାଗ, ଡାକ୍ତର ସୁଜାତା ସାହୁ, ଡାକ୍ତର ସୁଚରିତା ମିଶ୍ର, ଡାକ୍ତର ସୁମାଲିଆ ଆସିଫ ଓ ସିନିୟର ରେସିଡେଂଟ ଡାକ୍ତର ସତୀଶ ରଞ୍ଜନ, କ୍ଲିନିକାଲ୍ ସାଇକୋଲୋଜିଷ୍ଟ ମିସ୍ ଲୀଜା ଡାନିଏଲ୍ ଓ ମନସ୍ତତ୍ୱବିତ୍ ଓ ସାମାଜିକ କର୍ମୀ ମିସ୍ ସୁହାସିନୀ ମହାନ୍ତି ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମ ଶେଷରେ ଆସିଷ୍ଟାଂଟ ପ୍ରଫେସର ଡାକ୍ତର ସାଇ ପ୍ରସାଦ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଲକାତାଠାରେ ଅନୁଷ୍ଠିତ ହେବ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ର ମୁଖ୍ୟ କାର୍ଯ୍ୟକ୍ରମ; ବିଷୟବସ୍ତୁ 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ'

ନୂଆଦିଲ୍ଲୀ : ଅନ୍ତର୍ଜାତୀୟ ଯୋଗ ଦିବସ (ଆଇଡିୱାଇ) ୨୦୨୬ର ମୁଖ୍ୟ ଉତ୍ସବ ୨୧ ଜୁନରେ କୋଲକାତାଠାରେ ଅନୁଷ୍ଠିତ ହେବ ବୋଲି କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରତାପରାଓ ଯାଧବ ଆଜି ଘୋଷଣା କରିଛନ୍ତି । ସେ ଆହୁରି କହିଛନ୍ତି ଯେ ଏହି ବର୍ଷର କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ', ଯାହା ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଏବଂ ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବା ଭୂମିକା ଉପରେ ଆଲୋକପାତ କରେ। ୟୁନେସ୍କ ? ବିଶ୍ୱ ଐତିହ୍ୟସ୍ଥଳ ଖଜୁରାହୋର ପଶ୍ଚିମ ମନ୍ଦିର ସମୂହରେ ଆୟୋଜିତ 'ଯୋଗ ମହୋତ୍ସବ ୨୦୨୬' ସମୟରେ ଏହି ଘୋଷଣା କରାଯାଇଥିଲା। ଏହା ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଇଁ ୨୫ ଦିନିଆ କାଉଣ୍ଟଡାଉନ୍ ମଧ୍ୟ ଆରମ୍ଭ ହୋଇଥିଲା। ଆୟୁଷ ମନ୍ତ୍ରଣାଳୟ ଅଧୀନରେ ମୋରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ (ଏମଡିଏନଆଇୱାଇ) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ, ହଜାର ହଜାର ଯୋଗ ଉତ୍ସାହୀ ବ୍ୟକ୍ତି 'ସାଧାରଣ ଯୋଗ ପ୍ରୋଟୋକଲ୍'ର ଏକ ସାମୂହିକ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ।ସମାବେଶକୁ ସମ୍ବୋଧିତ କରି ଶ୍ରୀ ଯାଧବ କହିଛନ୍ତି ଯେ ଭାରତର ପାରମ୍ପରିକ ଐତିହ୍ୟ ଏବଂ ଆଧ୍ୟାତ୍ମିକ ଚେତନାରେ ବୁଡ଼ି ରହିଥିବା କୋଲକାତା ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ର ମୁଖ୍ୟ ଉତ୍ସବ ଆୟୋଜନ କରିବ। 'ସ୍ୱାସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟବସ୍ତୁ ବୟସ ବୃଦ୍ଧି ସମୟରେ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାରେ ଯୋଗର ବର୍ଦ୍ଧିତ ଗୁରୁତ୍ୱକୁ ପ୍ରତିଫଳିତ କରେ। ଯୋଗ ଭାରତର ପ୍ରାଚୀନ ଜ୍ଞାନକୁ ପ୍ରତିନିଧିତ୍ୱ କରେ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ସନ୍ତୁଳିତ ଜୀବନଯାପନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।ଖଜୁରାହୋ, ଏହାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ସହିତ, ଭାରତର ପ୍ରାଚୀନ ପରମ୍ପରା ଏବଂ ସୁସ୍ଥତା ଅଭ୍ୟାସ ମଧ୍ୟରେ ସମନ୍ୱୟକୁ ପ୍ରତିନିଧିତ୍ୱ କରେ ବୋଲି ଶ୍ରୀ ଯାଧବ ଉଲ୍ଲେଖ କରିଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, ଏହି ସହର ଯୋଗ ଏବଂ ସୁସ୍ଥତା ପାଇଁ ଏକ ବିଶ୍ୱ କେନ୍ଦ୍ର ଭାବରେ ଉଭା ହେବାର ସମ୍ଭାବନା ରଖିଛି। ଯୋଗ ଦୈନନ୍ଦିନ ଜୀବନର ଏକ ଅଂଶ ହେବା ଉଚିତ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ଆୟୁଷ ମନ୍ତ୍ରଣାଳୟ ନିରନ୍ତର ଯୋଗାଯୋଗ ଏବଂ ଜନଭାଗୀଦାରୀ ମାଧ୍ୟମରେ ଯୋଗକୁ ପ୍ରତ୍ୟେକ ଗ୍ରାମ, ପରିବାର, ବିଦ୍ୟାଳୟ, କାର୍ଯ୍ୟାଳୟ ଏବଂ ସମ୍ପ୍ରଦାୟକୁ ପହଞ୍ଚାଇବା ପାଇଁ କାର୍ଯ୍ୟ କରୁଛି। ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ଯାଧବ ଉଲ୍ଲେଖ କରିଥିଲେ ଯେ, ଯୋଗ ଏବଂ ଆୟୁଷ ଆହାର ଭଳି ପଦକ୍ଷେପ ସନ୍ତୁଳିତ ପୁଷ୍ଟିସାର, ଶୃଙ୍ଖଳିତ ଜୀବନଯାପନ ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରେ। ଏହି ଅବସରରେ, କେନ୍ଦ୍ରମନ୍ତ୍ରୀ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣକୁ ସହଜ କରିବା ଏବଂ ଜନ ଅଂଶଗ୍ରହଣକୁ ସୁଦୃଢ଼ କରିବା ପାଇଁ ଯୋଗ ସଙ୍ଗମ ପୋର୍ଟାଲ୍ ପୁନଃଉନ୍ମୋଚନ କରିଥିଲେ। ରାଜ୍ୟ ଏବଂ ଅନୁଷ୍ଠାନଗୁଡ଼ିକରେ ସମର୍ପିତ ଯୋଗ ସ୍ଥଳୀଗୁଡ଼ିକର ବିକାଶକୁ ସମର୍ଥନ କରିବା ପାଇଁ ଯୋଗ ପାର୍କ ପୋର୍ଟାଲ୍ ମଧ୍ୟ ଉନ୍ମୋଚନ କରିଥିଲେ। ସେ ଯୋଗ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ବାର୍ତ୍ତାକୁ ପ୍ରୋତ୍ସାହିତ କରୁଥିବା ଏକ ନୂତନ ଡିଜାଇନ୍ କରାଯାଇଥିବା ଯୋଗ ଟି-ସାର୍ଟ ମଧ୍ୟ ଉନ୍ମୋଚନ କରିଥିଲେ। ଯୋଗ ୩୬୫ ଅଭିଯାନ ଅଧୀନରେ ୧୦୦ ଦିନିଆ ମାଗଣା ଯୋଗ ତାଲିମ କାର୍ଯ୍ୟକ୍ରମରେ ଦୁଇ ଲକ୍ଷରୁ ଅଧିକ ବ୍ୟକ୍ତି ଅଂଶଗ୍ରହଣ କରି ଯୋଗ ମିତ୍ର ପ୍ରମାଣପତ୍ର ପାଇଛନ୍ତି ବୋଲି ସୂଚନା ଦେଇଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

ସଂପାଦକ: ଶରତ ରାଉତ